CMYK

- Vol.- 46, Issue No. 181
- Wednesday, 30 September 2026
- ବୁଧବାର,୩୦ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ୧୯ ପ୍ରକଳ୍ପ ୩,୨୮୦.୫୮ କୋଟି ଟଙ୍କାର ନିବେଶ

## ✦ ୧୦,୬୬୧ ନିଯୁକ୍ତି ସୁଯୋଗ ସୃଷ୍ଟି ✦ ବାୟୋଫୁଏଲ୍‌ରେ ହେବ ବଡ଼ ନିବେଶ ✦ ପର୍ଯ୍ୟଟନ କ୍ଷେତ୍ରରେ ୫ ପ୍ରକଳ୍ପକୁ ମଂଜୁରି



ଭୁବନେଶ୍ୱର,୨୯।୯: ଓଡ଼ିଶାରେ ଶିଳ୍ପ ନିବେଶ କ୍ଷେତ୍ରରେ ଆଉ ଏକ ବଡ଼ ପଦକ୍ଷେପ । ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବା ଏସଏଲଏସଡବଲୁସିଏ ବୈଠକରେ ୧୯ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ଏହି ପ୍ରକଳ୍ପଗୁଡ଼ିକରେ ମୋଟ ୩,୨୮୦.୫୮ କୋଟି ଟଙ୍କାର ନିବେଶ ହେବା ସହ ୧୦,୬୬୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ବୈଠକରେ ମଞ୍ଜୁରି ପାଇଥିବା ପ୍ରକଳ୍ପଗୁଡ଼ିକ ଟେକ୍ସଟାଇଲ ଓ ଆପାରେଲ, ଟେକ୍ନିକାଲ ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଡାଉନଷ୍ଟ୍ରିମ, ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର, ବାୟୋଫ୍ୟୁଏଲ, କେମିକାଲ୍ସ, ସର୍କୁଲାର ଇକୋନୋମି, ପ୍ଲାଷ୍ଟିକ୍ସ ଓ ପର୍ଯ୍ୟଟନ ଭଳି ବିଭିନ୍ନ କ୍ଷେତ୍ରରେ ରହିଛି । ପ୍ରକଳ୍ପଗୁଡ଼ିକ ଅନୁଗୋଳ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ ଓ ସୁନ୍ଦରଗଡ଼ ସମେତ ବିଭିନ୍ନ ଜିଲ୍ଲାରେ ସ୍ଥାପିତ ହେବ। ଏହାସହ ଏକ ବାୟୋଫ୍ୟୁଏଲ୍ ପ୍ରକଳ୍ପ ୮ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଖୋର୍ଦ୍ଧାରେ ଡଲାର ଇଣ୍ଡଷ୍ଟ୍ରିଜ ୧୨୫ କୋଟି ଟଙ୍କା ବ୍ୟୟରେ ଇଣ୍ଟିଗ୍ରେଟେଡ୍ ହୋଜିଅରୀ ମାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ କରିବ । ଏଥିରେ ୧,୧୮୫ଟି ନିଯୁକ୍ତି ସୁଯୋଗ ରହିବ । ସେହିପରି ପୁରୀରେ ସାଇ ୱର୍କୱେୟାର ପ୍ରାଇଭେଟ୍ ଲିମିଟେଡ ୫୯ କୋଟି ଟଙ୍କା ନିବେଶରେ ଟେକ୍ନିକାଲ୍ ଟେକ୍ସଟାଇଲ୍ ମାନୁଫାକ୍ଚରିଂ ୟୁନିଟ୍ କରିବ । ଏଥିରେ ୩,୬୫୦ ଜଣଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି ହେବ । ଖୋର୍ଦ୍ଧାରେ ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ଲିମିଟେଡ ୧୨୦ କୋଟି ଟଙ୍କାରେ ସ୍ନାକ୍ସ, ସାଭୋରୀ ଓ ନମକିନ୍ ଉତ୍ପାଦନ ପାଇଁ ଏକୀକୃତ କାରଖାନା ସ୍ଥାପନ କରିବ । ଏଥିରେ ୩୫୦ଟି ନିଯୁକ୍ତି ମିଳିବ । କଟକରେ ଜୟ ଭବାନୀ ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ ୧୦୦ କୋଟି ଟଙ୍କାରେ ଫୁଡ୍ ଓ କନଫେକ୍ସନେରୀ କୋ-ପ୍ୟାକେଜିଂ ୟୁନିଟ୍ କରିବ । ଏଥିରେ ୫୫୦ ଜଣଙ୍କ ନିଯୁକ୍ତି ସମ୍ଭାବନା ରହିଛି । ଦେବଗଡ଼ରେ ଏସପିଏସ୍ ଅରିହନ୍ତ ଷ୍ଟିଲ୍ ଷ୍ଟ୍ରକ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ୧୪୦ କୋଟି ଟଙ୍କା ନିବେଶରେ ଷ୍ଟିଲ୍ ଆଇ-ଗର୍ଡର, ବକ୍ସ ବିମ, ଫାଷ୍ଟେନର, ଟିଏମ୍‌ଟି ରିବାର୍ କପ୍ଲର ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏଥିରେ ୫୯୫ଟି ଚାକିରି ସୃଷ୍ଟି ହେବ । ସୁନ୍ଦରଗଡ଼ରେ ଷ୍ଟିଲେଜ୍ ଫ୍ୟାବ୍ରିକେସନ ୧୦୮.୮୨ କୋଟି ଟଙ୍କାରେ ଫ୍ୟାବ୍ରିକେସନ୍ ଓ ମେସିନିଂ ୟୁନିଟ୍ କରିବ । ଏହି ପ୍ରକଳ୍ପରୁ ୩୭୫ ନିଯୁକ୍ତି ମିଳିବ । କଟକରେ ଭୁବନେଶ୍ୱର ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍ ୧୦୧.୯୯ କୋଟି ଟଙ୍କାରେ କଲର୍ କୋଟେଡ୍ ସିଟ୍, କରଗେଟେଡ୍ ଏଓ ସିଟ୍, ପ୍ଲେନ୍ ଏଓ ସିଟ୍ ଓ ଏଓ ଷ୍ଟ୍ରକ୍ଚରାଲ୍ କମ୍ପୋନେଣ୍ଟ ଉତ୍ପାଦନ କରିବ । ଏଥିରେ ୧୩୦ଟି ନିଯୁକ୍ତି ସୁଯୋଗ ରହିବ ।ଖୋର୍ଦ୍ଧାରେ ଟାଟା ପାୱାର ୫୪.୩୧ କୋଟି ଟଙ୍କା ନିବେଶରେ ଏକ ଗ୍ଲୋବାଲ କାପାବିଲିଟି ସେଣ୍ଟର ସ୍ଥାପନ କରିବ । ଏହା ମାଧ୍ୟମରେ ୧୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।ବାୟୋଫୁଏଲ୍ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ ୯୬୦ କୋଟି ଟଙ୍କା ନିବେଶରେ ୩୯,୬୦୦ ଟିପିଏ କ୍ଷମତାର କମ୍ପ୍ରେସ୍ଡ ବାୟୋ ଗ୍ୟାସ୍ ବା ସିବିଜି ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପ ବାଲେଶ୍ୱର, ବଲାଙ୍ଗିର, ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏଥିରେ ୭୬୦ ନିଯୁକ୍ତି ସୁଯୋଗ ରହିବ । ଗଞ୍ଜାମରେ କିନେଟା ଗ୍ଲୋବାଲ୍ ଲିମିଟେଡ ୧୭୦ କୋଟି ଟଙ୍କା ନିବେଶରେ ପ୍ଲାଣ୍ଟ କରିବ । ଏଥିରେ ୧୭୦ ଜଣଙ୍କ ନିଯୁକ୍ତି ହେବ । ପର୍ଯ୍ୟଟନ କ୍ଷେତ୍ରରେ ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ ଓ ପୁରୀରେ ୫ଟି ବଡ଼ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, 'କେବଳ ନିବେଶ ଆକର୍ଷଣ ନୁହେଁ, ଉତ୍ପାଦନଶୀଳ ନିଯୁକ୍ତି ସୃଷ୍ଟି, ସ୍ଥାନୀୟ ସମ୍ବଳର ମୂଲ୍ୟବୃଦ୍ଧି, ସପ୍ଲାଏ ଚେନ୍ ବିକାଶ ଏବଂ ଅଞ୍ଚଳଭିତ୍ତିକ ଶିଳ୍ପ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ।

### ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ
## ଆଜି 'ଓଡ଼ିଶା ବନ୍ଦ'
### ପରିସ୍ଥିତି ପ୍ରତି ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୯: ସ୍କୁଲ ବହି ତ୍ରୁଟି ପ୍ରସଙ୍ଗ ଓ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହିତ ୬ ଦଫା ଦାବିରେ ଆସନ୍ତାକାଲି (ବୁଧବାର) ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଛନ୍ତି ନବନିର୍ମାଣ କୃଷକ ସଂଗଠନ ଏବଂ ଯୁବଛାତ୍ର ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର। ନବନିର୍ମାଣ ଯୁବଛାତ୍ର ସଂଗଠନ ଏବଂ କୃଷକ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର କହିଛନ୍ତି ଯେ, ପିଲାମାନଙ୍କ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ୧୬୭୮ଟି ଭୁଲ୍ ରହିଛି। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱୀକାର କରିବା ସତ୍ତ୍ୱେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ବହି ବିଭ୍ରାଟ ପ୍ରତିବାଦରେ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ଅଗଷ୍ଟ ୨୦ ତାରିଖରୁ ଜାରି ରହିଥିବା ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଓ ସତ୍ୟାଗ୍ରହ ଆଜି ୪୧ ଦିନରେ ପହଂଚିବା ପରେ ମଧ୍ୟ ସରକାର ନୀରବ ରହିଥିବା କୁହାଯାଇଛି। ୧୨ ଘଣ୍ଟିଆ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯିବା ପରେ ଓଡ଼ିଶା ଗୃହ ବିଭାଗ ଏକ ବିଜ୍ଞପ୍ତି ଜାରି କରିଛି । ଏହା ମାଧ୍ୟମରେ, ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡି ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ଭାବ୍ୟ ରାସ୍ତା ଅବରୋଧ, ଯାତାୟାତ ବାଧାପ୍ରାପ୍ତ ହେବା ଏବଂ ଟାୟାର ଜାଳିବା ଭଳି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜି ଓଏସଏସଟିଇଟି ପରୀକ୍ଷା

ଭୁବନେଶ୍ୱର, ୨୯।୯: ଆସନ୍ତାକାଲି (ବୁଧବାର) ହେବାକୁ ଥିବା ଓଏସଏସଟିଇଟି ପରୀକ୍ଷା ସ୍ଥଗିତ ହୋଇନାହିଁ। ଆସନ୍ତାକାଲି ହିଁ ପରୀକ୍ଷା ହେବ। ଏନେଇ ସ୍ପଷ୍ଟ କରିଛନ୍ତି ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ ସଭାପତି ଶ୍ରୀକାନ୍ତ ତରାଇ। ସେ କହିଛନ୍ତି ଯେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ କାଲି ଓଏସଏସଟିଇଟି ହେବ। କୌଣସି ପରୀକ୍ଷାର୍ଥୀ ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ। ସୂଚନାଯୋଗ୍ୟ ଯେ କାଲି ଓଡ଼ିଶା ବନ୍ଦ ଡାକରା ଦେଇଛି ନବ ନିର୍ମାଣ କୃଷକ ସଂଗଠନ। ଓଡ଼ିଶା ବନ୍ଦ ଡାକରା ଥିବାବେଳେ ଓଏସଏସଟିଇଟି ପରୀକ୍ଷା ସ୍ଥଗିତ ରହିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ତେବେ ଏନେଇ ବୋର୍ଡ ସଭାପତି ସ୍ପଷ୍ଟୀକରଣ ରଖିବା ସହ ଆନ୍ଦୋଳନ ବେଳେ ପରୀକ୍ଷାର୍ଥୀଙ୍କ ବାଟ ନ ଓଗାଳିବା ପାଇଁ ଅନୁରୋଧ କରିଛନ୍ତି। ବୁଧବାର ସକାଳ ୯ରୁ ୧୧.୩୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ।

## ଅକ୍ଟୋବର ୮ରେ 'ଓଡ଼ିଶା ବନ୍ଦ' ଡାକରା
### ରାଜରାସ୍ତାକୁ ଓହ୍ଲାଇବ 'ଇଣ୍ଡିଆ' ବ୍ଲକ୍

ଭୁବନେଶ୍ୱର,୨୯।୯ : ବିଭିନ୍ନ ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇବ 'ଇଣ୍ଡିଆ' ବ୍ଲକ୍ ଓ ଅକ୍ଟୋବର ୮ରେ 'ଓଡ଼ିଶା ବନ୍ଦ'କରିବାକୁ ଡାକରା ଦେଇଛି। ପ୍ରସଙ୍ଗଗୁଡ଼ିକ ମଧ୍ୟରେ ରହିଛି ଏମ୍‌ଏମଡିଆର୍ ଆଇନ ସଂଶୋଧନ, ପାଠ୍ୟପୁସ୍ତକରେ ତ୍ରୁଟି ଏବଂ ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବି। ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ବନ୍ଦ ପାଳନ ବେଳେ ଜନସାଧାରଣ ସହଯୋଗ କରିବାକୁ ପିସିସି ସଭାପତି ନିବେଦନ କରିଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ଓଡିଶା ବନ୍ଦ ସଫଳ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବନ୍ଦ ପାଳନ ସମୟରେ ଜରୁରୀକାଳୀନ ସେବା ବ୍ୟତୀତ ବାକି ସମସ୍ତ ଯାନବାହନ ଚଳାଚଳ, ଦୋକାନ ବଜାର ଏବଂ ସରକାରୀ-ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ ରଖିବାକୁ 'ଇଣ୍ଡିଆ' ବ୍ଲକ୍ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଉଛି।

### ଏନ୍‌ସିଇଆର୍‌ଟି ଇତିହାସ ପୁସ୍ତକ
## ଶିବାଜୀଙ୍କୁ ନେଇ ନୂଆ ବର୍ଣ୍ଣନା

ନୂଆଦିଲ୍ଲୀ,୨୯।୯: ଏନ୍‌ସିଇଆର୍‌ଟିର ନୂଆ ଇତିହାସ ପୁସ୍ତକରେ ଛତ୍ରପତି ଶିବାଜୀ, ବସ୍ତରର ଜଣେ ରାଜା ଏବଂ ବିଜୟନଗର ସାମ୍ରାଜ୍ୟର ଜଣେ ରାଜକୁମାରଙ୍କ ସମ୍ପର୍କରେ ଏପରି କେତେକ ବର୍ଣ୍ଣନା ସ୍ଥାନ ପାଇଛି, ଯାହାକୁ ନେଇ ଇତିହାସ ପଢ଼ାଇବାର ଧାରା ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୁସ୍ତକରେ ଏହି ଶାସକମାନଙ୍କ ଯୁଦ୍ଧ ଓ ରାଜନୈତିକ ସଂଘର୍ଷ ସହିତ ଧାର୍ମିକ ଆସ୍ଥା ଓ ଲୋକକଥାର ସମ୍ପର୍କକୁ ମଧ୍ୟ ଉଲ୍ଲେଖ କରାଯାଇଛି ।ପୁସ୍ତକରେ ଛତ୍ରପତି ଶିବାଜୀଙ୍କ ସମ୍ପର୍କରେ ତାଙ୍କ ଯୁଦ୍ଧ ଓ ମରାଠା ଶକ୍ତିର ବିସ୍ତାର ବିଷୟରେ ଆଲୋଚନା ରହିଛି। ଶିବାଜୀଙ୍କ ପ୍ରସିଦ୍ଧ ଭବାନୀ ଖଡ୍ଗ ସମ୍ପର୍କରେ ମଧ୍ୟ ପାରମ୍ପରିକ ବିଶ୍ୱାସର ଉଲ୍ଲେଖ ରହିଛି। ଐତିହାସିକ ସାହିତ୍ୟରେ ଶିବାଜୀଙ୍କ ଖଡ୍ଗକୁ ଦେବୀ ଭବାନୀଙ୍କ ସହ ଯୋଡ଼ି ଦେଖାଯାଇଥିବାର ଉଦାହରଣ ରହିଛି। ଏହି ପୁସ୍ତକରେ ବସ୍ତର ଅଞ୍ଚଳର ଜଣେ ରାଜାଙ୍କ ସମ୍ପର୍କରେ ମଧ୍ୟ ଏକ ପାରମ୍ପରିକ କାହାଣୀ ଦିଆଯାଇଛି।

## ୪ ଜିଲ୍ଲା ପାଇଁ ୧୦ କୋଟି ରିଲିଫ



ଭୁବନେଶ୍ୱର,୨୯।୯: ଓଡ଼ିଶାର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ନିକଟରେ ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟା ଦ୍ୱାରା ଭାବେ ପ୍ରଭାବିତ ୪ ଜିଲ୍ଲା ପାଇଁ ୧୦ କୋଟି ଟଙ୍କା ମଞ୍ଜୁର କରିଛି ଏବଂ ଏହି ଅର୍ଥ ଯେପରି ବିଳମ୍ବ ନ ହୋଇ ଯୋଗ୍ୟ ପରିବାରମାନଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ନିର୍ଦ୍ଦେଶ ଦେଇଛି ।ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା ଆଜି ଏକ ଚିଠି ମାଧ୍ୟମରେ ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଜଣାଇଛନ୍ତି ଯେ ତିନୋଟି ବର୍ଗରେ ଏହି ପାଣ୍ଠି ଆବଣ୍ଟନ କରାଯାଇଛି। ଘର ନିର୍ମାଣ ସହାୟତା, ଫସଲ କ୍ଷତି ସହାୟତା ଏବଂ ରିଲିଫ୍ କ୍ୟାମ୍ପ ଖର୍ଚ୍ଚ ।ଇନ୍ଦ୍ରାବତୀ ଜଳଭଣ୍ଡାରର ଗେଟ୍ ଖୋଲାଯିବା ପରେ ଯେଉଁଠାରେ ସର୍ବାଧିକ ବର୍ଷା ଓ ବ୍ୟାପକ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା, ସେହି ନବରଙ୍ଗପୁର ଜିଲ୍ଲାକୁ ସର୍ବାଧିକ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ହଠାତ୍ ଆସିଥିବା ବନ୍ୟା, ଘର ଭୁଶୁଡ଼ିବା ଏବଂ ବ୍ୟାପକ ସ୍ଥାନାନ୍ତର ପ୍ରକ୍ରିୟାର ସମ୍ମୁଖୀନ ହୋଇଥିବା ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ପ୍ରତ୍ୟେକଙ୍କ ପାଇଁ ୨ କୋଟି ଟଙ୍କା ଲେଖାଏଁ ଆବଣ୍ଟନ କରାଯାଇଛି। ଝାରସୁଗୁଡ଼ାକୁ ୧ କୋଟି ଟଙ୍କା ଦିଆଯାଇଛି। ଚିଠିରେ ସେପ୍ଟେମ୍ବର ୨୮ ତାରିଖରେ ଜାରି କରାଯାଇଥିବା ପୂର୍ବ ନିର୍ଦ୍ଦେଶାବଳୀର ଉଲ୍ଲେଖ ରହିଛି ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପ୍ରାପ୍ୟ ରିଲିଫ୍ ପ୍ରଦାନ କରିବାକୁ କୁହାଯାଇଛି।

## ଡିଜିପି ନିଯୁକ୍ତି ମାମଲାର ଶୁଣାଣି ଶେଷ, ରାୟ ସଂରକ୍ଷିତ



ନୂଆଦିଲ୍ଲୀ,୨୯।୯: ସୁପ୍ରିମ କୋର୍ଟରେ ଓଡ଼ିଶା ଡିଜିପି ନିଯୁକ୍ତି ସଂପର୍କିତ ମାମଲାର ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ଏହା ସହ ସର୍ବୋଚ୍ଚ ନ୍ୟାୟାଳୟ ରାୟ ସଂରକ୍ଷିତ ରଖିଛନ୍ତି। ଆସନ୍ତା ଅକ୍ଟୋବର ୮ରେ ମାମଲାର ଶୁଣାଣି ହେବ। ଏହିଦିନ ଓଡ଼ିଶା ପରି ଝାଡ଼ଖଣ୍ଡ ସମାନ ମାମଲା ହୋଇଥିବାରୁ ଦୁଇ ରାଜ୍ୟର ମାମଲାର ରାୟ ଦେଇପାରନ୍ତି ସୁପ୍ରିମକୋର୍ଟ। ଗତ ଶୁଣାଣିରେ ସଂପୃକ୍ତ ସମସ୍ତ ପକ୍ଷ ନିଜ ନିଜର ତଥ୍ୟ ଓ ତର୍କ ରଖି ସାରିଛନ୍ତି। ଆଉ ଦୁଇଟି ପ୍ରଶ୍ନ ଉପରେ ରାଜ୍ୟ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ଓ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଏକ ସତ୍ୟପାଠ ଦାଖଲ ହୋଇଛି। ଏକ ସୂଚନା ମୁତାବକ ଆଜିର ଶୁଣାଣିରେ ସୁପ୍ରିମକୋର୍ଟ ଦୁଇଟି ପ୍ରଶ୍ନ କରିଥିଲେ ଯେ, କାହିଁକି ଏକ୍ସ କ୍ୟାଡର ପୋଷ୍ଟ ଦରକାର ପଡ଼ିଲା ? ଅନ୍ୟଟି ୨ଏ ବଂ ୨ବି, ଯଦି ଆପଣଙ୍କ ପାଖରେ ଯୋଗ୍ୟ ତିନି ଜଣ କ୍ୟାଡରର ଆଇପିଏସ ଅଫିସର ଥିଲେ ଏବଂ ନାଁ ମଧ୍ୟ ସୁପାରିସ ହୋଇ ସାରିଥିଲା, ତେବେ ପ୍ରକାଶ ସିଂ ଗାଇଡଲାଇନ ଅନୁସାରେ ନିଯୁକ୍ତ ନ ଦେଇ କାହିଁକି ପୁଣି ନାଁ ଯୋଡ଼ିଲେ। ଏହା ଉପରେ ନିଜର ଉତ୍ତର ରଖିଛନ୍ତି ରାଜ୍ୟ ସରକାର। ସରକାରଙ୍କ ପକ୍ଷରୁ ଯୁକ୍ତି ରଖି ସଲିସିଟର ଜେନେରାଲ କହିଛନ୍ତି ଯେ, ଏକ ଲାର୍ଜର ପୁଲ୍ ପାଇଁ ଏମିତି ନିଷ୍ପତ୍ତି ନିଆଯାଇଥିଲା। ସରକାର ଉଭୟ ଗୃହ ମନ୍ତ୍ରଣାଳୟ ଏବଂ ପ୍ରକାଶ ସିଂ ଗାଇଡଲାଇନର ଅନୁସରଣ କରିଛନ୍ତି।

## ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ପିଟିସନ
### ଆସନ୍ତା ସପ୍ତାହରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୨୯।୯: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଦାଖଲ ହୋଇଥିବା ପିଟିସନର ଶୁଣାଣି ଆସନ୍ତା ସପ୍ତାହରେ ସୁପ୍ରିମକୋର୍ଟ କରିବେ। ମଙ୍ଗଳବାର ଆବେଦନକାରୀ ରାକେଶ କୁମାରଙ୍କ ପକ୍ଷରୁ ହାଜର ହୋଇଥିବା ଓକିଲ ବିକାଶ ସିଂହ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଏକ ଖଣ୍ଡପୀଠ ସମ୍ମୁଖରେ ଏହି ମାମଲା ବିଷୟରେ ଉଲ୍ଲେଖ କରିଥିଲେ ଏବଂ ଶୀଘ୍ର ଶୁଣାଣି ପାଇଁ ଅନୁରୋଧ କରିଥିଲେ। ଆସନ୍ତା ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ସ୍ଥିର କରିଛନ୍ତି। ଆବେଦନ ଅନୁଯାୟୀ, କ୍ଷମତାର ନିରନ୍ତର କେନ୍ଦ୍ରୀକରଣ ହୋଇଛି ଏବଂ କେବଳ ଦୁଇ ନିର୍ବାଚନ କମିଶନରଙ୍କ ଜ୍ଞାନ କିମ୍ବା ଅନୁମୋଦନ ସହିତ ଭୋଟର ତାଲିକା ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଓକିଲ ଶୈଳେନ୍ଦ୍ର ମଣି ତ୍ରିପାଠୀ ଏହି ମାମଲାରେ ଏକ ପିଟିସନ୍ ଦାଖଲ କରିଛନ୍ତି। ତ୍ରିପାଠୀଙ୍କ ଆବେଦନରେ ଦର୍ଶାଯାଇଛି ଯେ ନିଆଯାଇଥିବା ନିଷ୍ପତ୍ତି ଏବଂ ସଫ୍ଟୱେରରେ କରାଯାଇଥିବା ପରିବର୍ତ୍ତନ ବିଷୟରେ ଦୁଇ ନିର୍ବାଚନ କମିଶନରଙ୍କ ଠାରୁ କୌଣସି ସମ୍ମତି ନିଆଯାଇନଥିଲା। ଆବେଦନରେ ଜ୍ଞାନେଶ କୁମାରଙ୍କ ବିରୋଧରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଆବେଦନରେ କୁହାଯାଇଛି ଯେ ଜ୍ଞାନେଶ କୁମାର ସ୍ୱତନ୍ତ୍ର ଇଣ୍ଟେନ୍ସିଭ୍ ରିଭ୍ୟୁ (ଏସ୍.ଆଇ.ଆର୍) ସମ୍ବନ୍ଧରେ ତାଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିନଥିଲେ। ଏସ୍. ଆଇ. ଆର୍ ସମୟରେ ନିଆଯାଇଥିବା ନିଷ୍ପତ୍ତି ଏବଂ ସଫ୍ଟୱେରରେ କରାଯାଇଥିବା ପରିବର୍ତ୍ତନ ବିଷୟରେ ଦୁଇ ନିର୍ବାଚନ କମିଶନରଙ୍କ ଠାରୁ କୌଣସି ସମ୍ମତି ନିଆଯାଇନଥିଲା।

## ପାଠ୍ୟ ପୁସ୍ତକ ମୁଦ୍ରଣ ତ୍ରୁଟି: ପିଏମଓରେ ରିପୋର୍ଟ ତଲବ

ଭୁବନେଶ୍ୱର,୨୯।୯: ରାଜ୍ୟ ଗଣଶିକ୍ଷା ବିଭାଗକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି । ପାଠ୍ୟ ପୁସ୍ତକ ମୁଦ୍ରଣରେ ବାରମ୍ବାର ତ୍ରୁଟି ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପିଏମଓର ନିର୍ଦ୍ଦେଶ । ଓଡ଼ିଶାରେ ସ୍କୁଲ୍ ପାଠ୍ୟପୁସ୍ତକ ମୁଦ୍ରଣ ଓ ବଣ୍ଟନକୁ ନେଇ ଉଠିଥିବା ଅଭିଯୋଗ କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚିଛି । ବିଶିଷ୍ଟ ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନଙ୍କ ଅଭିଯୋଗ ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଛି । ଓଡ଼ିଶା ସରକାରଙ୍କ ସ୍କୁଲ୍ ଓ ଗଣଶିକ୍ଷା ବିଭାଗଠାରୁ ଏନେଇ ଜବାବ ମଗାଯାଇଥିବା ଅଭିଯୋଗକାରୀ କହିଛନ୍ତି ।ପାଠ୍ୟପୁସ୍ତକ ମୁଦ୍ରଣ ପ୍ରକ୍ରିୟାରେ ଅନିୟମିତତା, ଆର୍ଥିକ ଅନିୟମିତତା, ଦ୍ୱୈତ ସ୍ୱାର୍ଥ ଏବଂ ତଥ୍ୟ ଲୁଚାଇବା ଭଳି ଅଭିଯୋଗ ଆଣି ତଦନ୍ତ ଦାବି କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ସ୍କୁଲ୍ ଶିକ୍ଷା ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ବିଭାଗଠାରୁ ଏନେଇ ରିପୋର୍ଟ ମଗାଯାଇଥିବା ଦାବି ହୋଇଛି ।

### ॥ ଜଣାଶୁଣା ଆୟ ଉତ୍ସଠାରୁ ଅଧିକ ଆୟ ॥
## ଭିଜିଲାନ୍ସ ପଞ୍ଝାରେ 'କୋଟିପତି ସରକାରୀ ବାବୁ'



■ ୪ ବହୁତଳ କୋଠା,୨୪ ମୂଲ୍ୟବାନ ପ୍ଲଟ୍

ଭୁବନେଶ୍ୱର,୨୯।୯: ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର୍ସର ସହକାରୀ ନିର୍ଦ୍ଦେଶକଙ୍କ ୭ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ଏକକାଳୀନ ଚଢ଼ାଉ କରିଛି । ମଙ୍ଗଳବାର ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର୍ସର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ନିଜ ଜଣାଶୁଣା ଆୟ ଉତ୍ସଠାରୁ ଅଧିକ ଆୟବହିର୍ଭୂତ ସମ୍ପତ୍ତି (ଡିଏ) ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଛି। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସମ୍ବଲପୁରଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏକାଧିକ ଟିମ୍ ସମ୍ବଲପୁର, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାର ନିମ୍ନଲିଖିତ ୭ଟି ସ୍ଥାନରେ ଏହି ଚଢ଼ାଉ କରିଛି। ସମ୍ବଲପୁରର ଧନକଉଡ଼ାସ୍ଥିତ ସନ୍ ସିଟି ଆପାର୍ଟମେଣ୍ଟରେ ଶ୍ରୀ ସାମନ୍ତରାୟଙ୍କ ୩ ବିଏଚକେ ଫ୍ଲାଟ୍, ଭୁବନେଶ୍ୱରର ନନ୍ଦନବିହାର, ନନ୍ଦନକାନନ ରୋଡ୍‌ରେ ଶ୍ରୀ ସାମନ୍ତରାୟଙ୍କ ଏକ ଡୁପ୍ଲେକ୍ସ, ଭୁବନେଶ୍ୱରର ବରକୁଦା (ଜଟଣୀ ନିକଟ) ଇଣ୍ଡସ୍ କଲେଜ୍ ଅଫ୍ ଇଞ୍ଜିନିୟରିଂ ନିକଟରେ ତାଙ୍କର ଏକ କୋଠା, ପୁରୀର ବାଲିଗୁଆଳିସ୍ଥିତ ତୋଟା ବେହେରା ସାହିରେ ତାଙ୍କର ତିନି ମହଲା କୋଠା, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁର ସୁଭାଷ ମାର୍ଗରେ ତାଙ୍କର ଦୁଇ ମହଲା କୋଠା, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁର ଅଶୋକ ନଗରସ୍ଥିତ ତାଙ୍କ ପୈତୃକ ସ୍ଥାନରେ ଥିବା ଦୁଇ ମହଲା କୋଠା, ସମ୍ବଲପୁର ଫ୍ୟାକ୍ଟ୍ରି ଓ ବଏଲର୍ସ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଥିବା ତାଙ୍କ ଅଫିସ୍ ଚାମ୍ବରରେ ଭିଜିଲାନ୍ସ ଚଢାଉ କରିଛି । ଶ୍ରୀ ସାମନ୍ତରାୟଙ୍କ ସଂପତ୍ତି ମଧ୍ୟରେ ରହିଛି ୪ଟି ବହୁତଳ କୋଠା, ଗୋଟିଏ ୩-ବିଏଚ୍‌କେ ଫ୍ଲାଟ୍, ୨୪ଟି ମୂଲ୍ୟବାନ ପ୍ଲଟ୍, ୩୦୦ ଗ୍ରାମ ସୁନାଗହଣା, ୩୬ ଲକ୍ଷ ୭୮ ହଜାର ଟଙ୍କାର ଜମା ଓ ଗୋଟିଏ ଚାରି ଚକିଆ ଗାଡ଼ି। ଚଢ଼ାଉ ଜାରି ରହିଥିବା ବେଳେ ତାଙ୍କର ଆହୁରି ସମ୍ପତ୍ତି ଥିବା ଆଶଙ୍କା କରୁଛି ଭିଜିଲାନ୍ସ।

## କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଗିରଫ କଲା ଭିଜିଲାନସ

ମାଲକାନଗିରି, ୨୯।୯: ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ଦାଶଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇ ମଙ୍ଗଳବାର ତାଙ୍କୁ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ କୋର୍ଟରେ ହାଜର କରାଯାଇଛି । ଶିଶିର କୁମାର ଦାଶଙ୍କ ସମ୍ପତ୍ତି ଉପରେ କରାଯାଇଥିବା ଯାଞ୍ଚ ଆଧାରରେ, ତାଙ୍କ ନିକଟରୁ ଆୟ ବହିର୍ଭୂତ ସମ୍ପତ୍ତି ମିଳିଛି, ଯେଉଁଥିରେ ୨ଟି ବହୁ-ମହଲା ବିଶିଷ୍ଟ କୋଠା (ମୋଟ କ୍ଷେତ୍ରଫଳ ୯୩୦୦ ବର୍ଗଫୁଟ), ୬ଟି ମୂଲ୍ୟବାନ ପ୍ଲଟ୍, ୮୨ ଲକ୍ଷ ଟଙ୍କାର ଜମା ରାଶି ଏବଂ ଗୋଟିଏ ଚାରି-ଚକିଆ ଗାଡ଼ି ଇତ୍ୟାଦି ଅନ୍ତର୍ଭୁକ୍ତ; ଯାହାର ସନ୍ତୋଷଜନକ ହିସାବ ସେ ଦେଇପାରି ନାହାନ୍ତି ।କୁମାର ଦାଶଙ୍କ ବିରୁଦ୍ଧରେ 'ଦୁର୍ନୀତି ନିବାରଣ ଆଇନ' ଅଧୀନରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ମାମଲା ନଂ ୧୧/୨୦୨୬ ରୁଜୁ କରାଯାଇଛି।




CMYK

ବୁଧବାର, ୩୦.୦୯.୨୬, ଭୁବନେଶ୍ୱର

# ନବପ୍ରଭାତ

ଦିନଲିପି ପୃଷ୍ଠା-୨

## ଶ୍ରାଦ୍ଧରୁ ଜୀବିତ ରହିଥାଏ ଶ୍ରଦ୍ଧା









ଶ୍ରାଦ୍ଧ ତର୍ପଣ ଅତି ପବିତ୍ର ଶୁଭ ପ୍ରାଚୀନ ପରମ୍ପରା । ଏଥିରେ ଦେହତ୍ୟାଗର ପରେ ବି ଜୀବାତ୍ମାର ବିକାଶ ଏବଂ ପରସ୍ପର ଭାବପୂର୍ଣ୍ଣ ଆଦାନ-ପ୍ରଦାନର ବ୍ୟବସ୍ଥା ଅଛି । ବର୍ଷରେ ପିତୃପକ୍ଷର ପନ୍ଦର ଦିନ ଏହାର କାର୍ଯ୍ୟର ପାଇଁ ନିୟତ କରାଯାଇଛି । ଶ୍ରାଦ୍ଧ ଶବ୍ଦର ଅର୍ଥ ଶ୍ରଦ୍ଧାପୂର୍ଣ୍ଣ ବ୍ୟବହାର । ଆଉ ତର୍ପଣର ଅର୍ଥ ତୃପ୍ତ କରିବା । ଏହିପରି ଶ୍ରାଦ୍ଧ ତର୍ପଣର ଅର୍ଥାତ୍ ସ୍ୱର୍ଗୀୟ ପିତୃ ପୁରୁଷଙ୍କୁ ତୃପ୍ତ କରିବାର ଶ୍ରଦ୍ଧା ଅଥବା ସମର୍ପଣ ଅଟେ । ସର୍ବପ୍ରଥମେ ପିତୃପକ୍ଷ ଅର୍ଥାତ୍ ଶ୍ରାଦ୍ଧର ଉଲ୍ଲେଖ ମହାଭାରତ କାଳରୁ ମିଳିଥାଏ । ଯେଉଁଠି ଭୀଷ୍ମ ପିତାମହ ଯୁଧିଷ୍ଠିରଙ୍କୁ ଶ୍ରାଦ୍ଧ ବିଷୟରେ ପଚାରିଲେ ଆଉ ଜ୍ଞାନ ଦେଲେ । ସେ ବତେଇଲେ ଯେ ମହର୍ଷି ନିମିଙ୍କୁ ଶ୍ରାଦ୍ଧର ଉପଦେଶ ଦେବାବାଲା ପ୍ରଥମ ବ୍ୟକ୍ତି ମହାତପସ୍ୱୀ ଅତ୍ରୀ ଥିଲେ । ଏହି ଉପଦେଶକୁ ଶୁଣିବା ପରେମହର୍ଷି ନିମିଶ୍ରାଦ୍ଧ କରିବା ଆରମ୍ଭ କରିଦେଲେ । ତାଙ୍କୁ ଦେଖିକରି ଅନ୍ୟ ଋଷିମାନେ ମଧ୍ୟ ଶ୍ରାଦ୍ଧ କାର୍ଯ୍ୟକରିବା ଆରମ୍ଭ କରିଦେଲେ । ଲଗାତାର ଶ୍ରାଦ୍ଧର ଭୋଜନ ପ୍ରାପ୍ତ କରିଲେ ତାଙ୍କର ସବୁ ପୂର୍ବଜ ସନ୍ତୁଷ୍ଟ ରହିବାକୁ ଲାଗିଲେ । ଶ୍ରାଦ୍ଧରୁ ଜୀବିତ ରହିଥାଏ ଶ୍ରଦ୍ଧା ଆଉ ପିତୃପୁରୁଷଙ୍କ ନିକଟରେ ପ୍ରକଟ କର କୃତଜ୍ଞତା । ଏଥିରେ ପ୍ରଥମେ ଭୋଜନ ଅଗ୍ନିଦେବଙ୍କୁ ତାପରେ ପୂର୍ବଜଙ୍କୁ ଅର୍ପିତ କର । କାରଣ ଋକ୍‌ବେଦର ଅନୁସାରେ ଅଗ୍ନିମୃତକଙ୍କ ପିତୃଲୋକ ପର୍ଯ୍ୟନ୍ତ ପହଞ୍ଚାଇବାରେ ସହାୟକହୋଇଥାନ୍ତି । ଶ୍ରାଦ୍ଧ ସମୟରେ ଅଗ୍ନିକୁ ପ୍ରାର୍ଥନା କରାଯାଏ । ବ୍ରହ୍ମା କହିଥିଲେ ଅଗ୍ନିତତ୍ତ୍ୱ ଭୋଜନର ହଜମ ପାଇଁ ବହୁତ ଜରୁରୀ । ଶ୍ରାଦ୍ଧରେ ଅଗ୍ନିଦେବଙ୍କୁ ଦେଖିକରି ଦୈତ୍ୟ ଆଉ ରାକ୍ଷସ ମଧ୍ୟ ଭୋଜନକୁ ଦୂଷିତ କରିପାରନ୍ତି ନାହିଁ । ଧର୍ମଶାସ୍ତ୍ର ଅନୁସାରେ ଶ୍ରାଦ୍ଧର ପୂଜା ଦ୍ୱିପହରରେ କରାଯିବା ଭଲ । ପୂଜାର ପରେ ଜଳରେ ତର୍ପଣ କର ଆଉ ଭୋଜନ ଗାଈ,କୁକୁରଙ୍କୁ ଭିନ୍ନ ଭିନ୍ନ କରି ଦିଅ ।

## ଦେବଗୁରୁ ବୃହସ୍ପତି ଭୋଗିଲେ ଶନିଦଶା

ଶନିଙ୍କର ଗୋଟିଏ ଦିନ ଦୃଷ୍ଟି ପଡ଼ିବା କଥା ଜାଣି ବୃହସ୍ପତି ନିଜ କୋଷ୍ଠୀ ଗଣନା କଲେ। ଶନିଙ୍କ ଦୃଷ୍ଟି ପଡ଼ିବାର ଚାରିଦିନ ପୂର୍ବରୁ ଯୋଗାସନରେ ବସି ବ୍ରହ୍ମ ଉପାସନା କରୁଥିଲେ। ନାରାୟଣଙ୍କ ଉପାସନା ପାଇଁ ବୃହସ୍ପତି ବଣକୁ ଫୁଲ ତୋଳିବାକୁ ଗଲେ ଓ ବିଭିନ୍ନ ପ୍ରକାରର ସୁବାସିତ ଫୁଲ ତୋଳି ଚାଙ୍ଗୁଡ଼ାରେ ରଖି ଆସୁଥିଲେ । ଏହି ସମୟରେ ରାଜା ବୀରବାହୁ ନିଜର ରାଣୀ ଓ ପୁତ୍ରଙ୍କୁ ଧରି ବହୁ ସୈନ୍ୟ ସାମନ୍ତଙ୍କ ସହ ବଣ ଭିତରକୁ ମୃଗୟା ପାଇଁ ଯାଇଥିଲେ। ରାଣୀ ହଠାତ୍ ଦେଖିଲେ ଯେ ତାଙ୍କ ପୁଅ ପାଖରେ ନାହିଁ। ସୈନ୍ୟ ସାମନ୍ତ ପାତ୍ରମନ୍ତ୍ରୀ ସମସ୍ତେ ପୁଅକୁ ବଣସାରା ଖୋଜିଲେ ମାତ୍ର ପାଇଲେ ନାହିଁ। ବାଟରେ ଦେଖିଲେ ଯେ ଗୁରୁ ବୃହସ୍ପତି ଫୁଲ ଚାଙ୍ଗୁଡି ଧରି ଯାଉଛନ୍ତି। ମାତ୍ର ଚାଙ୍ଗୁଡାରୁ ଝରଝର ହୋଇ ରକ୍ତ ଝରିଝରି ରାସ୍ତା ସାରା ଯାଉଛି। ଏହା ନିଜେ ବୃହସ୍ପତି ମଧ ଜାଣି ନାହାନ୍ତି। ଗୁରୁଙ୍କ ଚାଙ୍ଗୁଡାରୁ ରକ୍ତ



ଝରୁଥିବାର ଦେଖି ସୈନ୍ୟମାନେ ତାଙ୍କୁ ଅଟକାଇ ଦେଖିବାରୁ ସେଥିରେ ରାଜାଙ୍କ ପୁଅର କଟାମୁଣ୍ଡ ଥିବାର ଦେଖିଲେ। ସୈନ୍ୟମାନେ ଗୁରୁଙ୍କୁ ଧରି ରାଜାଙ୍କ ନିକଟକୁ ନେଲେ। ବୃହସ୍ପତି ଜାଣିଲେ ଯେ ଶନିଙ୍କ କଠୋର ଦୃଷ୍ଟି ପାଇଁ ସେ ଆଜି ହତ୍ୟାକାରୀ ଦୋଷରେ ରାଜଦରବାରରେ ଉପସ୍ଥିତ ହୋଇଛନ୍ତି। ସେଠାରେ ଗୁରୁ ଶନିଶ୍ଚରଙ୍କୁ ମନେ ପକାଇ ଶନିଙ୍କ ସ୍ତୁତି କଲେ। ବୃହସ୍ପତିଙ୍କ ସ୍ତବରେ ସନ୍ତୁଷ୍ଟ ହୋଇ ଶନିଶ୍ଚର ଶୂନ୍ୟବାଣୀ କଲେ ଯେ ହେ ଗୁରୁଦେବ ଏବେ ସ୍ଥିର ହୁଅନ୍ତୁ, ଆପଣଙ୍କ ଉପରେ କଠୋର ଦୃଷ୍ଟି ଶେଷ ହେଲା। ଯେତେଦିନ ଏ ପୃଥିବୀରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ହେଉଥିବେ ସେତେଦିନ ଯାଏଁ ଆପଣଙ୍କ ଉପରେ ଆଉ ମୋର ଦୃଷ୍ଟି ପଡ଼ିବ ନାହିଁ। ରାଜା ବୀରବାହୁଙ୍କୁ କହିଲେ ରାଜା ଆଉ ମନ ଦୁଃଖ କରନାହିଁ, ମୋର ମାୟା ବଳରେ ତୁମ୍ଭର ପୁତ୍ର ଭଣ୍ଡାର ଘରେ ସୁରକ୍ଷିତ । ତାକୁ ସେଠାରୁ ଆଣ। ଏହିପରି ଭାବେ ଦେବଗୁରୁ ବୃହସ୍ପତି ଶନିଦଶାରୁ ରକ୍ଷା ପାଇଲେ।

## ପଞ୍ଚମୀ ଶ୍ରାଦ୍ଧ



(ପଞ୍ଚମୀ ଶ୍ରାଦ୍ଧ ଯାହାକୁ ଓଡ଼ିଶାରେ କୁଁଆର ପଞ୍ଚମୀ ମଧ କୁହାଯାଏ)। ପାଞ୍ଜି ଗଣନା ଅନୁସାରେ, ଏଥର ତିଥିର କ୍ଷୟ ଯୋଗୁଁ ଚତୁର୍ଥୀ ଓ ପଞ୍ଚମୀ ଶ୍ରାଦ୍ଧ ଏକା ସାଙ୍ଗରେ ପଡୁଛି । ସେପ୍ଟେମ୍ବର ୩୦ ତାରିଖ ଅପରାହ୍ନ ସମୟରେ ପଞ୍ଚମୀ ତିଥି ବିଦ୍ୟମାନ ଥିବାରୁ ଏହି ଦିନ ହିଁ ଶ୍ରାଦ୍ଧ କର୍ମ କରାଯିବାର ବିଧାନ ରହିଛି ।

**୧. କୁତୁପ ମୁହୂର୍ତ୍ତ: ସକାଳ ୧୧:୨୨ ରୁ ଦ୍ୱିପ୍ରହର ୧୨:୦୯**
**୨. ରୋହିଣ ମୁହୂର୍ତ୍ତ: ଦ୍ୱିପ୍ରହର ୧୨:୦୯ ରୁ ଦ୍ୱିପ୍ରହର ୧୨:୫୭**
**୩. ଅପରାହ୍ନ କାଳ (ମୁଖ୍ୟ ଶ୍ରାଦ୍ଧ ସମୟ): ଦ୍ୱିପ୍ରହର ୧୨: ରୁ ଅପରାହ୍ନ ୦୩:୨୧**

### ପଞ୍ଚମୀ ଶ୍ରାଦ୍ଧର ବିଶେଷ ମହାତ୍ମ୍ୟ:

**୧. ଅବିବାହିତ ପିତୃପୁରୁଷଙ୍କ ପାଇଁ (କୁଁଆର ପଞ୍ଚମୀ):** ପରିବାରର ଯେଉଁ ସଦସ୍ୟମାନେ (ଭାଇ, ଭଉଣୀ କିମ୍ବା ଅନ୍ୟ ଆତ୍ମୀୟ) ଅବିବାହିତ ଅବସ୍ଥାରେ କିମ୍ବା ଅଳ୍ପ ବୟସରେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଏହି ଦିନ ବିଶେଷ ଭାବେ ତର୍ପଣ ଓ ପିଣ୍ଡଦାନ କରାଯାଏ ।

**୨. ତିଥି ଶ୍ରାଦ୍ଧ:** ଯେଉଁ ପିତୃପୁରୁଷମାନଙ୍କର ମୃତ୍ୟୁ ଯେକୌଣସି ମାସର ପଞ୍ଚମୀ ତିଥିରେ ହୋଇଥାଏ, ସେମାନଙ୍କ ଉଦ୍ଦେଶ୍ୟରେ ମଧ ଏହି ଦିନ ଶ୍ରାଦ୍ଧ ଦିଆଯାଏ ।

### ପାଳନ ବିଧି:

**୧. ତର୍ପଣ:** ପବିତ୍ର କୁଶ, ଗଙ୍ଗାଜଳ ଏବଂ କଳାତିଳ ସାହାଯ୍ୟରେ ପିତୃପୁରୁଷଙ୍କୁ ଜଳଦାନ କରନ୍ତୁ ।

**୨. ପଞ୍ଚବଳୀ ଭୋଗ:** ଶ୍ରାଦ୍ଧ ଅନ୍ନ ପ୍ରସ୍ତୁତ ହେବା ପରେ ପ୍ରଥମେ ଗୋମାତା, କାଉ, କୁକୁର, ପିମ୍ପୁଡ଼ି ଏବଂ ଦେବତାଙ୍କ ଉଦ୍ଦେଶ୍ୟରେ ଭୋଗ ବାହାର କରନ୍ତୁ ।

**୩. ବ୍ରାହ୍ମଣ ଭୋଜନ:** ଏହି ଦିନ ବ୍ରାହ୍ମଣଙ୍କୁ ସାତ୍ତ୍ୱିକ ଅନ୍ନ ଭୋଜନ କରାଇ ଦକ୍ଷିଣା ଦେବା ଦ୍ୱାରା ପିତୃପୁରୁଷ ପ୍ରସନ୍ନ ହୁଅନ୍ତି ।

**୪. ଗୀତା ପାଠ:** ଆଜି ଦିନରେ ଶ୍ରୀମଦ୍ ଭଗବଦ୍ ଗୀତାର ପଞ୍ଚମ ଅଧ୍ୟାୟ ପାଠ କଲେ ଅତୃପ୍ତ ଆତ୍ମାଙ୍କୁ ମୋକ୍ଷ ମିଳିଥାଏ ବୋଲି ବିଶ୍ୱାସ ରହିଛି ।



## ମହାମାୟା ମାତା ଦୁର୍ଗତି ନାଶିନୀ







ଦୁର୍ଗା ପୂଜା ଆଶ୍ୱିନ ମାସରେ ପାଳନ କରାଯାଉଥିବା ଏକ ପବିତ୍ର ପର୍ବ। ମହିଷାସୁରମର୍ଦ୍ଦିନୀ ମା' ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣିତ। ଦୁର୍ଗା ଶବ୍ଦର ବିବିଧ ବିଶ୍ଳେଷଣ କରାଯାଇଛି। ସେଥିରୁ ଗୋଟିଏ ହେଉଛି ଦ୍+ଉ+ର୍+ଗ୍+ଆ। 'ଦ'ର ଅର୍ଥ ଦୈତ୍ୟ ବିନାଶ ପାଇଁଯିଏ ଉଦ୍ଦିଷ୍ଟ, ଉ-ସମସ୍ତ ବାଧାଦାୟକ ଶକ୍ତି ଦୂର କରିବାରେ ଯିଏ ସମର୍ଥ, ର- ସମସ୍ତ ରୋଗର ଯିଏ ବିନାଶକାରୀ, ଗ-ସକଳ ପାପର ଯିଏ କ୍ଷୟକାରୀ, ଆ-ସମସ୍ତ ଭୟର ଯେ ହରଣକାରୀ। ଅନ୍ୟ ଏକ ଶବ୍ଦିକ ବିଶ୍ଳେଷଣ ହେଉଛି ଦୁର୍ଗ+ଆ। ଦୁର୍ଗର ଅର୍ଥ ବିପଦ ବା ଦୁର୍ଗତି, ଆ ଅର୍ଥ ନଷ୍ଟ କରିବା। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି, ସମସ୍ତ ଦେବତା ଯେତେବେଳେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ। ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ। ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କରି ଖଡ୍ଗଦ୍ୱାରା ଶିରଚ୍ଛେଦ କରିଥିଲେ। ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ। ତ୍ରେତୟା ଯୁଗରେ ରାବଣଙ୍କୁ ପରାସ୍ତ କରିବା ନିମନ୍ତେ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ରରେ ବାସନ୍ତୀ ନବରାତ୍ର ଓ ଆଶ୍ୱିନରେ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ଋତୁରେ ଦେବୀଙ୍କ ମହାପୂଜା ପ୍ରଚଳିତ। ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ,ଏହା ଦେବତାମାନଙ୍କଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ। ଦୁର୍ଗାଙ୍କର ନବଶକ୍ତି ଜାଗ୍ରତ କରିବା ପାଇଁ ନବାର୍ଣ୍ଣ ବା ନବାକ୍ଷରୀ ମନ୍ତ୍ର ଜପ କରିବା ପାଇଁ ପରାମର୍ଶ ଦିଆଯାଇଛି । ନବର ଅର୍ଥ ନଅ। ଅର୍ଣର ଅର୍ଥ ଅକ୍ଷର। ନବାର୍ଣ୍ଣ ମନ୍ତ୍ରର ପ୍ରତ୍ୟେକ ଅକ୍ଷର ଦୁର୍ଗାଙ୍କ ଗୋଟିଏ ଗୋଟିଏ ଶକ୍ତିର ପରିଚାୟକ।

## ପଞ୍ଚଭୂତ ଉପରେ ଆଧାରିତ

ସନାତନ ସଂସ୍କୃତି ଅନୁଯାୟୀ ବିଭିନ୍ନ ପୂଜା ପଞ୍ଚଭୂତ ଉପରେ ଆଧାରିତ। ତାହା ହେଉଛି କ୍ଷିତ୍, ଅପ୍, ତେଜ, ମରୁତ୍ ଏବଂ ବ୍ୟୋମ୍। ମନୁଷ୍ୟ ପ୍ରଥମେ ମାଟିକୁ ପୂଜାକଲା। କାରଣ ଏହି ମାଟି ତାକୁ ରହିବା ପାଇଁ ଆଶ୍ରୟ ଦେଲା ଏବଂ ସେହିମାଟିରୁ ଉତ୍ପାଦିତ ଶସ୍ୟ ଖାଇ ସେ ବଞ୍ଚିଲା। ସେପରି ଜଳ ବା ଅପ୍‌କୁ ଜୀବନ ବୋଲି କହିଲା। ସେ ଜାଣିଥିଲା ଜଳ ବିନା ଜୀବନ ଅସମ୍ଭବ। ତେଣୁ ଭିନ୍ନ ଭିନ୍ନ ଜଳାଶୟ ବା ନଦୀକୂଳରେ ଗଢିଉଠିଲା ଜନବସତି। ପରବର୍ତ୍ତୀ ସମୟରେ କେତେକ ନଦୀ ତୀର୍ଥକ୍ଷେତ୍ର ରୂପେ ପରିଗଣିତ ହେଲେ। ତେଜର ମୂର୍ତ୍ତିମନ୍ତ ରୂପ ସୂର୍ଯ୍ୟଙ୍କୁ ଈଶ୍ୱର ଭାବେ ଗ୍ରହଣ କଲା। ଏହାପରେ ପବନ ବା ମରୁତ ଏବଂ ଆକାଶ ବା ବ୍ୟୋମ୍‌କୁ ମଧ ନିଜର ପୂଜ୍ୟରେ ସ୍ୱୀକୃତି ଦେଲା। ସମୟର ଧାରାରେ ଏହି ପଞ୍ଚଭୂତ ଯାହା ସହ ସମ୍ପର୍କିତ ସେମାନଙ୍କୁ ମଧ ଈଶ୍ୱରୀୟ ସତ୍ତାର ଅଂଶ ବା ଈଶ୍ୱର ଭାବେ ଗ୍ରହଣ କଲା। ଫଳରେ ବୃକ୍ଷକୁ ବୃକ୍ଷଦେବତା ଏବଂ ଶିଳା, ଧାତୁ ଆଦିକୁ ପୂଜା କରିବା ଆରମ୍ଭ କଲା। ଏହି ମହାପଞ୍ଚଭୂତମନଙ୍କ ଧର୍ମଗତ ସ୍ୱଭାବ ହେଲା ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧ। ପୁନଃ ସେଗୁଡ଼ିକୁ ପଞ୍ଚଇନ୍ଦ୍ରୀୟ ଅର୍ଥାତ୍ କର୍ଣ୍ଣ, ଚର୍ମ, ଚକ୍ଷୁ, ଜିହ୍ୱା ଓ ନାସାଦ୍ୱାରା ଗୃହିତ କରିଥିଲା। ଘଟ ଜଳରେ ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀର ପବିତ୍ର ଭାବଧାରାକୁ ସମ୍ମିଶ୍ରଣ କରାଯାଇଥାଏ। ଗୋଟିଏ ଘଟ ମଧରେ ଅର୍ଥାତ ବିନ୍ଦୁ ମଧରେ ସିନ୍ଧୁର ପରିକଳ୍ପନା ହୋଇଥାଏ। ସେହିପରି ବିଘ୍ନ ବିନାଶକ ଗଣନାୟକ, ଜଳର ଦେବତା ବରୁଣ, ଇନ୍ଦ୍ର ଏବଂ ଦଶଦିଗପାଳ, ସୂର୍ଯ୍ୟଙ୍କ ସହ ନବଗ୍ରହ ଏବଂ ଗ୍ରାମଦେବତୀଙ୍କୁ ଆବାହନ କରି ଘଟରେ ସ୍ଥାପନା କରାଯାଇ ପୂଜା କରାଯାଏ। ଅନ୍ୟ ପକ୍ଷରେ ଘଟ ମୁଖରେ ଶିବ, କଣ୍ଠରେ ବିଷ୍ଣୁ, ତଳ ଭାଗରେ ବ୍ରହ୍ମା, ମଧଭାଗରେ ଅଷ୍ଟାଦଶ ମାତୃଗଣ, କୁକ୍ଷୀରେ ସପ୍ତସାଗର, ସପ୍ତଦ୍ୱୀପ ପୃଥିବୀ ଏବଂ ଉଦରରେ ସମସ୍ତ ତୀର୍ଥକୁ ସ୍ମରଣ କରି ପୂଜା କରାଯାଇଥାଏ। ମାତା ଦୁର୍ଗାଙ୍କ ଶରଣାଗତ ହୋଇ ତାଙ୍କୁ ମା' ଜ୍ୟୋତିର୍ଗମୟ ଭାବେ ଉପାସନା କଲେ ଜୀବନର ସକଳ ବାଧାବିଘ୍ନ ଦୂର ହୋଇଥାଏ। ଏହା ହେଉଛି ଏକ ଅତ୍ୟନ୍ତ ପବିତ୍ର ବୈଦିକ ପ୍ରାର୍ଥନା। ଏହା ବୃହଦାରଣ୍ୟକ ଉପନିଷଦରୁ ନିଆଯାଇଛି।

ଅସତୋ ମା ସଦ୍‌ଗମୟ ।
ତମସୋ ମା ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମା ଅମୃତଂ ଗମୟ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ?



ଅସତୋ ମା ସଦ୍‌ଗମୟ ଅର୍ଥାତ୍ ମତେ ଅସତ୍ୟ ଅଜ୍ଞାନ ପଥରୁ ସତ୍ୟର ଜ୍ଞାନର ଆଲୋକ ଆଡ଼କୁ ନେଇଯାଅ ।ତମସୋ ମା ଜ୍ୟୋତିର୍ଗମୟ ଅର୍ଥାତ୍ ମତେ ଅନ୍ଧକାରରୁ ଜ୍ୟୋତି ବା ଆଲୋକ ଆଡ଼କୁ ନେଇଯାଅ। ମୃତ୍ୟୋର୍ମା ଅମୃତଂ ଗମୟ ଅର୍ଥାତ୍ ମତେ ମୃତ୍ୟୁରୁ ଅମରତ୍ୱ ଆଡ଼କୁ ବା ମୋକ୍ଷ ଆଡ଼କୁ ନେଇଯାଅ। ଏହି ମନ୍ତ୍ର ମାଧ୍ୟମରେ ମନୁଷ୍ୟ ନିଜ ଜୀବନରୁ ଅଜ୍ଞାନରୂପକ ଅନ୍ଧକାରକୁ ଦୂର କରି ଜ୍ଞାନରୂପକ ଆଲୋକ ପ୍ରାପ୍ତି ପାଇଁ ମାତା ଶ୍ରୀଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରିବା ଆବଶ୍ୟକ।

## କ୍ଷମାହୀନ ଅପରାଧ

ଭଗବାନ ଶିବ ସହଜରେ ପ୍ରସନ୍ନ ହୁଅନ୍ତି। ତାଙ୍କ ଆଶିଷରେ ସୁଖଶାନ୍ତିରେ ଦିନ କଟେ। ହେଲେ ସେ ରାଗିଲେ ପ୍ରଳୟ କରନ୍ତି ଭକ୍ତ ମହଲରେ ଏପରି ବିଶ୍ୱାସ ରହିଛି। ଏପରି କିଛି କାମ ଅଛି, ଯେଉଁଥିରେ ଭଗବାନ ଶିବ କୋପ କରନ୍ତି। ଏହାଦ୍ୱାରା ବ୍ୟକ୍ତିର ସୁଖଶାନ୍ତି ଦୂରେଇଯାଇ ଅନିଷ୍ଟ ହୁଏ । ଉକ୍ତ କାମଗୁଡ଼ିକ ହେଉଛି ଅନ୍ୟର ସ୍ତ୍ରୀ ଅବା ସ୍ୱାମୀକୁ ଖରାପ ନଜରରେ ଦେଖିବା ଅବା ତାକୁ ପାଇବାକୁ ଇଚ୍ଛା କରିବା ହେଉଛି ବହୁତ ବଡ଼ ପାପ। ଶିବ ପୁରାଣରେ ବର୍ଣ୍ଣିତ ଅଛି ଏପରି ମନେଭାବ ରଖୁଥିବା ବ୍ୟକ୍ତିଠାରେ ଶିବଙ୍କ ଆଶିଷ ରହେ ନାହିଁ। ଏମିତି ପାପ କରୁଥୁବାରୁ ସେ ଶିବ କୋପର ଶିକାର ହୁଏ। ତା'ର ସମସ୍ତ କ୍ଷେତ୍ରରେ ଅନିଷ୍ଟ ହୋଇଥାଏ । ଅନ୍ୟର ଧନକୁ ଲୋଭ କରିବା, ହରଣ କରିବା ଅବା ଈର୍ଷା କରିବା ଆଦି ଶିବଙ୍କ ନଜରରେ କ୍ଷମାହୀନ ଅପରାଧ। ଅନ୍ୟର ଧନକୁ ଆଡଆଖରେ ଦେଖିବା ଅନୁଚିତ୍। ନଚେତ୍ ପାପୀ ତାଲିକାରେ ନାମ ସ୍ଥାନ ପାଇବ । ଅନ୍ୟକୁ କଷ୍ଟ ଦେବା ଅବା ଅନ୍ୟ ବ୍ୟକ୍ତିକୁ କୌଣସି କାର୍ଯ୍ୟରେ ଅସୁବିଧାରେ ପକାଇବା ପାଇଁ ଯୋଜନା କରିବା ପରି କୁତ୍ସିତ ମାନସିକତା ଥିବା ଲୋକଙ୍କ ଉପରେ ଭଗବାନ ଶିବ କ୍ରୋଧ କରନ୍ତି । ଏଭଳି ବ୍ୟକ୍ତିଙ୍କର ଭଗବାନ ଶିବ ସର୍ବନାଶ କରନ୍ତି। ଭଲ ରାସ୍ତା ଛାଡ଼ି ଖରାପ ରାସ୍ତାରେ ପାଦ ଦେବା, ମଦ ମାତାଲ ହୋଇ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବା ଆଦି ପାପ ସହିତ ସମାନ । ଭଗବାନ ଶିବ ଏମାନଙ୍କୁ କ୍ଷମାର ପାତ୍ର ବୋଲି ମନେ କରନ୍ତି ନାହିଁ ଶିବଙ୍କ କୋପରେ ଏମାନଙ୍କର ସର୍ବନାଶ ହୁଏ । କେବେ ବି କୌଣସି ନାରୀକୁ ଖରାପ ନଜରରେ ଦେଖିବା ଅନୁଚିତ । ଖରାପ କାମ କରୁଥିବା ଲୋକ ସାଂସାରିକ ସୁଖ ଭୋଗ କରିପାରେ ନାହିଁ। ଏମିତି କି ଯେତେ ଧନ ଥିଲେ ବି ସନ୍ତୁଷ୍ଟ ହୋଇପାରେନି। ଅନେକ ଯନ୍ତ୍ରଣା ପାଇ ମୃତ୍ୟୁ ମୁଖରେ ପଡ଼େ। ମା ବାପାଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ତାଙ୍କୁ ଦୁଃଖ କଷ୍ଟ ଦେଇ ରଖୁଥିବା ବ୍ୟକ୍ତିମାନେ ଶିବଙ୍କ କୋପରୁ ସହଜରେ ରକ୍ଷା ପାଇପାରନ୍ତି ନାହିଁ। ଭଗବାନ ଶିବ ଏଭଳି ବ୍ୟକ୍ତିଙ୍କୁ କ୍ଷମା କରନ୍ତି ନାହିଁ। ଏମାନଙ୍କଠାରୁ ସମସ୍ତ ସୁଖଶାନ୍ତି ହରଣ କରିବା ସହ ତାଙ୍କର ସର୍ବନାଶ କରନ୍ତି ।

# ଶିକ୍ଷାଦାନ ବିପର୍ଯ୍ୟସ୍ତ: ୫ଶ୍ରେଣୀକୁ ଜଣେ ଶିକ୍ଷକ ଓ ଗୋଟିଏ କକ୍ଷ



ଜଳେଶ୍ୱର (ନିପ୍ର): ପ୍ରଥମରୁ ପଞ୍ଚମ, ୫ ଗୋଟି ଶ୍ରେଣୀକୁ ଜଣେ ଶିକ୍ଷକ ଓ ଗୋଟିଏ କ୍ଲାସ ରୁମ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ସମ୍ପତିଆ ପଞ୍ଚାୟତର ଜଳକାପଡ଼ିଆ ଗ୍ରାମରେ। ଗ୍ରାମରେ ଅବସ୍ଥିତସରକାରୀ ପ୍ରାଥମିକ ବିଦ୍ୟାଳୟ, ଜଳକାପଡ଼ିଆ -କପାସୁଦାରେ ପ୍ରଥମରୁ ପଞ୍ଚମ ପାଞ୍ଚଗୋଟି ଶ୍ରେଣୀରେ ପ୍ରାୟ ୫୫ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ତେବେ ବିଡମ୍ବନାର ବିଷୟ ଯେ ବିଦ୍ୟାଳୟରେ ୫ ଗୋଟି ଶ୍ରେଣୀ ପାଇଁ ମାତ୍ର ଜଣେ ଶିକ୍ଷକ ରହିଥିବା ବେଳେ ଶ୍ରେଣୀ ଗୃହର ଅଭାବ ଯୋଗୁଁ ୫ ଟି ଯାକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଗୋଟିଏ କକ୍ଷରେ ଶିକ୍ଷା ଦାନ କରାଯାଉଛି। ତେବେ ଏ ସଂକ୍ରାନ୍ତରେ ଗ୍ରାମବାସୀ ଓ ଅଭିଭାବକଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ବିଦ୍ୟାଳୟର କାର୍ଯ୍ୟାଳୟ ଭାବେ ବ୍ୟବହାର ହେଉଥିବା କୋଠରୀର କାନ୍ଥ ଫାଟି ଆଁ କରିଥିବା ବେଳେ ଛାତରୁ କଂକ୍ରିଟ ଖସି ରଡ଼ ଦେଖାଯାଉଛି। ସେହିପରି ନବ ନିର୍ମିତ ଶ୍ରେଣୀ ଗୃହଟି ନିମ୍ନ ମାନର କାମ ଯୋଗୁଁ ନିର୍ମାଣକୁ ୬ ମାସ ନପୂରୁଣୁ ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ଜଣେ ଅଭିଭାବକ ପ୍ରକାଶ କରିଛନ୍ତି। ତେବେ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ସହ ନୂଆ ଶ୍ରେଣୀଗୃହ ନିର୍ମାଣ କରିବାକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜେଶ କୁମାର ମହାନ୍ତିଙ୍କ ସମେତ ଝୁମୁରି ପ୍ରଧାନ, ନମିତା ପାତ୍ର, ମଧୁମିତା ପ୍ରଧାନ, ଭାରତୀ ମହାନ୍ତି, ପୂର୍ଣଚନ୍ଦ୍ର ଜେନା, ରାଜୁତ ପ୍ରଧାନ, ସୁମିତା ମହାନ୍ତି ପ୍ରମୁଖ ଶତାଧିକ ଅଭିଭାବକ ଦାବି କରିଛନ୍ତି।

## 'ଆଙ୍ଗନ କା ଉତ୍ସବ' ଉଦ୍‌ଯାପିତ

ଜଟଣୀ,(ନି.ପ୍ର): ଜଟଣୀ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ଜଟଣୀ ବ୍ଲକ ଏବଂ ପୌର ପାଳିକାରେ ୩ ଦିନ ଧରି ଚାଲିଥିବା 'ଆଙ୍ଗନ କା ଉତ୍ସବ' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଆଜି ଶେଷ ଦିବସରେ ଅଙ୍ଗନବାଡ଼ି କେନ୍ଦ୍ରରେ ଭାତ, ଡ଼ାଲମା,ଶାଗ,ଅଣ୍ଡା ତରକାରୀ,ଖଟା ଓ ସାଲାଡ଼ରେ ତ୍ରିରଙ୍ଗା ଥାଳି ପ୍ରସ୍ତୁତ କରାଯାଇ ହିତାଧିକାରୀ ଏବଂ ଉପସ୍ଥିତ ଗ୍ରାମବାସୀଙ୍କୁ ପ୍ରଦର୍ଶନ କରା ଯାଇଥିଲା। ଉତ୍ସବ ମାଧ୍ୟମରେ ପୋଷଣର ଗୁରୁତ୍ୱ,ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସୁଭଦ୍ରା,ମମତା ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ସମ୍ପର୍କରେ ହିତାଧିକାରୀ ଏବଂ ଗ୍ରାମବାସୀଙ୍କୁ ଅବଗତ କରା ଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ଅଙ୍ଗନବାଡ଼ି କର୍ମୀ,ସାହାଯ୍ୟକାରୀ ଏବଂ ଆଶା କର୍ମୀଙ୍କୁ ଉତରୀୟ,ଫଳ ଝୁଡ଼ି,ପୁଷ୍ପ ଗୁଚ୍ଛ ପ୍ରଦାନ କରା ଯାଇ ସମ୍ମାନୀତ କରା ଯାଇଥିଲା। ଜଟଣୀ ବ୍ଲକ ସିଡ଼ିପିଓ ସୁଲତା ନାୟକ ଏବଂ କ୍ଷେତ୍ର ପରିଦର୍ଶିକା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆଉ ନାହାନ୍ତି ପୁରୀର ବିଶିଷ୍ଟ କୁମ୍ଭାର ସେବକ ଲକ୍ଷ୍ମୀଧର ବିଶୋଇ

ପୁରୀ(ନିପ୍ର): ଶ୍ରୀଜଗନ୍ନାଥଙ୍କ ରଥ ଉପରେ ହେଉଥିବା ଅଧର ନୀତି ପାଇଁ ପ୍ରସ୍ତୁତ ହେଉଥିବା ଅଧର ହାଣ୍ଡିର ନିର୍ମାତା ବିଶିଷ୍ଟ କୁମ୍ଭାର ତଥା ମାଟି କଳାର ଅନନ୍ୟ ଶିଳ୍ପୀ ଶ୍ରୀ ଲକ୍ଷ୍ମୀଧର ବିଶୋଇଙ୍କର ମଙ୍ଗଳବାର ସକାଳେ ପରଲୋକ ଘଟିଛି। ଗତକାଲି ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଛି।ମାଟିରେ ଅନନ୍ୟ କଳାକୃତି ସୃଷ୍ଟି ପାଇଁ ଶ୍ରୀ ବିଶୋଇ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ସମ୍ମାନ ଓ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଖବର ପାଇ କୁମ୍ଭକାର ନିଯୋଗ ଏବମ ସହରର ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସେ ଏହି ପିଢ଼ିର ଶେଷ ପ୍ରମୁଖ କୁମ୍ଭାରମାନଙ୍କ ମଧ୍ୟରୁ ଜଣେ ଥିଲେ, ଯିଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଧର କୁଡୁଆ ନିର୍ମାଣରେ ବିଶେଷ ପାରଦର୍ଶିତା ହାସଲ କରିଥିଲେ।

## ଶିଶୁ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ନେଇ ସଚେତନତା

ଡେରାବିଶ, (ନିପ୍ର): ଉତ୍କଳ ସେବକ ସମାଜ ପକ୍ଷରୁ ଡେରାବିଶ ବ୍ଲକ୍ ଅନ୍ତର୍ଗତ ଫକିରାବାଦ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଶିଶୁ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁ ବିବାହ, ଶିଶୁ ଶ୍ରମ, ଶିଶୁ ଅଧିକାର ଓ ଶିଶୁମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁ ବିବାହ ଓ ଶିଶୁ ଶ୍ରମ ଯୋଗୁଁ ଶିଶୁମାନଙ୍କ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ସଚେତନ କରାଯିବା ସହ ଏହାକୁ ରୋକିବାରେ ପରିବାର ଓ ସମାଜର ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷିତ ରହିବା, ବିପର୍ଯ୍ୟୟ ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ଏବଂ ବିପର୍ଯ୍ୟୟ ପରେ ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ଓ କ୍ଷତିପୂରଣ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଫକିରାବାଦ ସରପଞ୍ଚ ମମତା ରାଉତ, ଡେରାବିଶ ବ୍ଲକ୍ ସିଡିପିଓ ହରପ୍ରିୟା ଦେବୀ, ଆଇସିଡିଏସ୍ ସୁପରଭାଇଜର ସମୀକ୍ଷା ଦାସ, ପ୍ରଶିକ୍ଷକ ଅସିତ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଡ. ଐଶ୍ୱର୍ଯ୍ୟା ଦାସ, ଅଙ୍ଗନବାଡ଼ି କର୍ମୀ ଲିଲି ମହାପାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ।

## ବୁଗୁଡ଼ାରେ ଦୁର୍ଗା ଓ କାଳୀ ପୂଜା ଶୁଭଖୁଣ୍ଟି ସ୍ଥାପିତ

ବୁଗୁଡ଼ା,(ନିପ୍ର): ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ଆଗାମୀ ଦୁର୍ଗା ପୂଜା ଓ କାଳୀ ପୂଜା ଉପଲକ୍ଷେ ମଦନମୋହନ ଛକସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପ ଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ସଂଗ୍ରାମ କେଶରୀ ନନ୍ଦ ରୀତିନୀତି ପ୍ରକାରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତା ଭାବେ ଶେଷଦେବ ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ।କୃଷ୍ଣଚନ୍ଦ୍ର ମହାପାତ୍ର, କେଦାରନାଥ ମହାରଣା,ସୁରଜ ସାହୁ,ରୁପମ୍ ସୁବୁଦ୍ଧି, ସୁବ୍ରତ ସ୍ୱାଇଁ,ଟୁନା ରେଡ୍ଡୀ,ବାପି ସାହୁଙ୍କ ସମେତ ସଂଘର ଅନ୍ୟାନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ପିଏମ୍ ଶ୍ରୀ ବାଲିପଦର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା

ବୁଗୁଡ଼ା,(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦରସ୍ଥିତ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାକୁ ଏବିଓ କୃଷ୍ଣଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏବିଓ ରବୀନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଚାଳନା ସମିତିର ସଭାପତି ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବିଜ୍ଞାନ ମେଳାରେ ବିଦ୍ୟାଳୟର ୩୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତା ଓ ବୈଜ୍ଞାନିକ ଚିନ୍ତନର ପରିଚୟ ଦେଇ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଆକର୍ଷିତ କରିଥିଲେ।

## ବିଶ୍ୱ ଜଳାତଙ୍କ ଦିବସରେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସଚେତନତା ବାର୍ତ୍ତା

ନିମାପଡ଼ା, (ନି.ପ୍ର.): ନିମାପଡ଼ା ବ୍ଲକ୍ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଏହି ବ୍ଲକ୍ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରେ ବିଶ୍ୱ ଜଳତାଙ୍କ ଦିବସ ଉତ୍ସାହ ସହିତ ସୋମବାର ଦିନ ପାଳିତ ହୋଇଯାଇଛି। ବ୍ଲକ୍ ପ୍ରାଣୀ ଚିକିତ୍ସକ ଡ଼ାକ୍ତର ପ୍ରଦୀପ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ଼ଃ ଆକାଶ ମିଶ୍ର, ଡ଼ଃ ଚିନ୍ମୟ ସାହୁ, ଡ଼ଃ ଉମା ଶଙ୍କର ମିଶ୍ର ପ୍ରମୁଖ ବିଭିନ୍ନ ବିଦ୍ୟାଳୟକୁ ଯାଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ରୋଗର ନିରାକରଣ ଅନେକାଂଶରେ କମିବ ସଚେତନତା ଦ୍ୱାରା ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟତଃ କୁକୁର, ବିଲୁଆ, ନେଉଳ ଆଦି ପ୍ରାଣୀ କାମୁଡ଼ିଲେ ଏକ ଭୂତାଣୁ ଜନିତ ରୋଗରେ ଆକ୍ରାନ୍ତ ହୋଇ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ। ବୁଲା ପଶୁ ଏବଂ ହିଂସ୍ର ଜୀବଜନ୍ତୁଙ୍କ ପ୍ରତି ସାବଧାନ ରହିବା ସହିତ ଏହି ପଶୁ କାମୁଡ଼ିଲେ ସଂଗେ ସଂଗେ କ୍ଷତ ସ୍ଥାନରେ ସାବୁନ ପାଣିରେ ଧୋଇ ପରିଷ୍କାର କରିବା ସହିତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଫ୍ରାନ୍ସ ବୈଜ୍ଞାନିକ ଲୁଇସ୍ ପାଶ୍ଚୋର ଜଳାତଙ୍କ ରୋଗର ପ୍ରଥମ ଟୀକା ବାହାର କରି ସମଗ୍ର ବିଶ୍ୱବାସୀଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ର ସରକାର ୨୦୩୦ ମସିହା ସୁଦ୍ଧା ଦେଶକୁ ଜଳାତଙ୍କ ମୁକ୍ତ ଭାରତ ଗଢ଼ିବାକୁ କାର୍ଯ୍ୟାରମ୍ଭ କରିଥିବା ସୂଚନା ଦିଆଯାଇଥିଲା।

## ୧୩୪ ଅଙ୍ଗନବାଡ଼ି କେନ୍ଦ୍ରରେ ବ୍ଲକସ୍ତରୀୟ 'ଆଙ୍ଗନ କା ଉତ୍ସବ'

କୃଷ୍ଣପ୍ରସାଦ, (ନି ପ୍ର): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ମହାପାତ୍ରଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଓ ତତ୍ତ୍ୱାବଧାନରେ ସମଗ୍ର ବ୍ଲକର ୧୩୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ ବ୍ଲକସ୍ତରୀୟ ଆଙ୍ଗନ କା ଉତ୍ସବ ଏବଂ ମୋ ଅଙ୍ଗନବାଡ଼ି ମୋ ଦାୟିତ୍ୱ କାର୍ଯ୍ୟକ୍ରମ ମହା ସମାରୋହରେ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ପ୍ରତ୍ୟେକ କେନ୍ଦ୍ରରେ ଅଙ୍ଗନବାଡ଼ି ପରିଚାଳନା କମିଟିର ସଦସ୍ୟ, ଅଭିଭାବକ, ସ୍ଥାନୀୟ ପ୍ରତିନିଧି ଏବଂ ଗ୍ରାମବାସୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଶିଶୁ ସୁରକ୍ଷା ଓ ସାମଗ୍ରିକ ବିକାଶର ସଂକଳ୍ପ ନେଇଥିଲେ। ତ୍ରିଦିବସୀୟ ଏହି ଅଭିଯାନର ପ୍ରଥମ ଦିନରେ ପୋଷଣ ମାସ ଆଧାରରେ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ପାରମ୍ପରିକ ପୌଷ୍ଟିକ ଖାଦ୍ୟ ଏବଂ ପୋଷଣ ପିଠା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଏକ ସ୍ୱତନ୍ତ୍ର ରନ୍ଧନ ଓ ପୋଷଣ ପିଠା ପ୍ରସ୍ତୁତି ପ୍ରତିଯୋଗିତା ସ୍ଥାନୀୟ ୱାର୍ଡ଼ମେମ୍ବର ଓ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଶିଶୁମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ଖେଳ, କାହାଣୀ କହିବା ଏବଂ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଜେଜେମା, ଅଜା ଓ ଆଇମାନଙ୍କ ମଧ୍ୟରେ କାହାଣୀ ପ୍ରତିଯୋଗିତା କରାଯାଇଥିଲା ଏବଂ କୋମଳମତି ଶିଶୁମାନଙ୍କୁ ସ୍ଥାନୀୟ ଫଳ ଓ ପୌଷ୍ଟିକ ମାଣ୍ଡିଆ କୁକିଜ୍, ବଣ୍ଟନ କରାଯାଇଥିଲା।

## ସପ୍ତମ 'ମୂଳିଆ ଛାତ୍ରବୃତ୍ତି' କାର୍ଯ୍ୟକ୍ରମ ୨୪ ବିଦ୍ୟାଳୟର ୨୫ ଜଣ ଛାତ୍ରଛାତ୍ରୀ ପାଇଲେ ମେଧାବୃତ୍ତି



ବେଲଗୁଣ୍ଠା (ନିପ୍ର): ବେଲଗୁଣ୍ଠା ସହରସ୍ଥିତ ନୋଡାଲ ଜି.ଟି. ହାଇସ୍କୁଲ ପରିସରରେ ସପ୍ତମ 'ମୂଳିଆ ସ୍ମାରକୀ ଛାତ୍ରବୃତ୍ତି' ବିତରଣ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବରକାରୀ ଓ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଲଗୁଣ୍ଠା ବ୍ଲକର ୨୪ଟି ବିଦ୍ୟାଳୟରୁ ମନୋନୀତ ୨୫ ଜଣ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କୁ ମୂଳିଆ ସ୍ମାରକୀ ବୃତ୍ତି ଅର୍ଥରାଶି ପ୍ରଦାନ କରାଯାଇଛି। ମାତୃଭୂମି ପ୍ରତି ପ୍ରବାସୀ ଓଡ଼ିଆଙ୍କ ଆନ୍ତରିକତାମାତୃଭୂମିର ମାଟି ଓ ମାଆ ପ୍ରତି ଗଭୀର ଶ୍ରଦ୍ଧା ରଖି ବିଦେଶ ମାଟିରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରବାସୀ ଭାରତୀୟ ତଥା ଯୁକ୍ତରାଷ୍ଟ୍ର ଆମେରିକାର ମିଚିଗାନ୍‌ରେ ରହୁଥିବା ଡକ୍ଟର ଦାମୋଦର ସାହୁ ନିଜ ପରଲୋକଗତ ପିତା 'ମୂଳିଆ ସାହୁ'ଙ୍କ ସ୍ମୃତିରେ ଏହି ମହାନ୍ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଡକ୍ଟର ସାହୁ ନିଜ ବାଲ୍ୟଜୀବନରେ ଗହନ ଅଭାବ, ଅନାଟନ ଓ ଗରିବୀ ମଧ୍ୟରେ ବଢ଼ିଥିଲେ। ତାଙ୍କ ପିତା ଜଣେ କ୍ଷୁଦ୍ର ସ୍କ୍ରାପ୍ ବ୍ୟବସାୟୀ ଭାବେ ଅତ୍ୟନ୍ତ କଷ୍ଟରେ ପୁଅର ପାଠପଢ଼ା ପାଇଁ ସମ୍ବଳ ଯୋଗାଉଥିଲେ। ପରବର୍ତ୍ତୀ ସମୟରେ ବେଲଗୁଣ୍ଠାର କିଛି ବିଦ୍ୱାନ୍ୟ ବ୍ୟକ୍ତିଙ୍କ ସହଯୋଗ, ନିଜର ଦୃଢ଼ ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ଡକ୍ଟର ସାହୁ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀର ଉଚ୍ଚ ପଦବୀ ମଣ୍ଡନ କରିବା ସହ ଆଜି 'ଡାଟା ସେଫ୍‌ଗାର୍ଡ' ଭଳି ପ୍ରତିଷ୍ଠିତ ବହୁରାଷ୍ଟ୍ରୀୟ କମ୍ପାନୀର ପ୍ରତିଷ୍ଠାତା ହୋଇ ନିଜ ଜନ୍ମମାଟିକୁ ଗୌରବାନ୍ୱିତ କରିଛନ୍ତି। ଆର୍ଥିକ ଅଭାବ ଯେପରି କୌଣସି ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପଥରେ ପ୍ରତିବନ୍ଧକ ସାଜିବ ନାହିଁ ଏହି ସଂକଳ୍ପ ନେଇ ସେ ସାତ ବର୍ଷ ତଳେ ଏହି ବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଥମେ କେବଳ ବେଲଗୁଣ୍ଠା ସହରର ସରକାରୀ ହାଇସ୍କୁଲରୁ ଆରମ୍ଭ ହୋଇଥିବା ଏହି ବୃତ୍ତି ସାମ୍ପ୍ରତିକ ସମୟରେ ସଂପୂର୍ଣ୍ଣ ବ୍ଲକ୍‌ସ୍ତରୀୟ ବୃତ୍ତି କାର୍ଯ୍ୟକ୍ରମର ରୂପ ନେଇସାରିଛି। ବୃତ୍ତି ବିତରଣର ସପ୍ତମ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସଭାରେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ।

## 'ବେଟି ବଚାଓ ବେଟି ପଢ଼ାଓ' ବାର୍ତ୍ତା ନେଇ ପ୍ରତିଯୋଗିତା ଅନୁଷ୍ଠିତ




ନିରାକାରପୁର,(ନିପ୍ର): ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ, ଟାଙ୍ଗୀ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲ୍ଲା ଓଳସିଂହ ସ୍ଥିତ ରଘୁନାଥ ଆଦର୍ଶ ମହାବିଦ୍ୟାଳୟ ପରିସରରେ ଏକ ବ୍ଲକସ୍ତରୀୟ ଯୁବ ସମ୍ମିଳନୀ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ସିଡିପିଓ ଜ୍ୟୋସ୍ନାମୟୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ସମାଜରେ କନ୍ୟା ସନ୍ତାନର ମହତ୍ତ୍ୱ ଓ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏହି ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ରଘୁନାଥ ଆଦର୍ଶ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଭୂଷଣ ଦାଶ, ଓଳସିଂହ କ୍ଷେତ୍ର ପରିଦର୍ଶିକା ପାନାମତି ମୁଣ୍ଡେୟ, କମାଗୁରୁ କ୍ଷେତ୍ର ପରିଦର୍ଶିକା ସୋନାଲି ଦାସ, ଅର୍ଥନୀତି ବିଭାଗ ଅଧ୍ୟାପକ କାଶୀନାଥ ବରାଳ, ଏନ ଏସ ଏସ ପ୍ରୋଗ୍ରାମ ଅଫିସର କୀର୍ତ୍ତିବାଳା ରଥ, ବିଶ୍ୱଜିତ ଦାଶ ଓ ସୁରେଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପୋଷଣ ବ୍ଲକ ସଂଯୋଜକ ସ୍ୱରାଜ ମହାନ୍ତି ସୁଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ଉପଭୋକ୍ତା ମହାସଂଘର ଦାବି ବ୍ୟବସ୍ଥାର ସ୍ଥାୟୀ ସୁଧାର ପାଇଁ ଉପଖଣ୍ଡ ଅଧିକାରୀଙ୍କୁ ନିବେଦନ



କାକଟପୁର, (ନିପ୍ର): କାକଟପୁର-ଅସ୍ତରଙ୍ଗ ଅଞ୍ଚଳରେ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ, ନିରାପଦ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇଦେବା ଦାବିରେ ମା' ମଙ୍ଗଳା ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ବିଦ୍ୟୁତ ବିଭାଗର ଉପଖଣ୍ଡ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ।କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ହଜାର ହଜାର ପରିବାରଙ୍କ ଦୈନନ୍ଦିନ ଜୀବନ ସହିତ କୃଷି, ବ୍ୟବସାୟ, ଶିକ୍ଷା ଓ ବିଭିନ୍ନ ଜନସେବା ବିଦ୍ୟୁତ ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ, ଅଘୋଷିତ ବିଦ୍ୟୁତ କାଟ, ଲୋ-ଭୋଲଟେଜ୍ ଓ ବିଭିନ୍ନ ତ୍ରୁଟି ଯୋଗୁଁ ସାଧାରଣ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ମହାସଂଘ ପକ୍ଷରୁ ଦାବି ଉଠାଯାଇଛି। ମହାସଂଘର ପ୍ରମୁଖ ଦାବି ମଧ୍ୟରେ ଅଘୋଷିତ ବିଦ୍ୟୁତ କାଟ ନିୟନ୍ତ୍ରଣ, ଲୋ-ଭୋଲଟେଜ୍ ସମସ୍ୟାର ସ୍ଥାୟୀ ସମାଧାନ, ଆବଶ୍ୟକ ସ୍ଥାନରେ ନୂତନ ଓ ଅଧିକ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ, ଜରାଜୀର୍ଣ୍ଣ ବିଦ୍ୟୁତ ଖୁଣ୍ଟ ଓ ତାର ପରିବର୍ତ୍ତନ, ବିଦ୍ୟୁତ ଲାଇନ୍‌ର ନିୟମିତ ରକ୍ଷଣାବେକ୍ଷଣ ଏବଂ ତ୍ରୁଟି ଦେଖାଦେଲେ ତୁରନ୍ତ ମରାମତି ବ୍ୟବସ୍ଥା କରିବା ଅନ୍ତର୍ଭୁକ୍ତ ରହିଛି। ସେହିପରି ବିଦ୍ୟୁତ ବିଲ୍, ମିଟର ତ୍ରୁଟି ଓ ଅନ୍ୟାନ୍ୟ ଉପଭୋକ୍ତା ସମସ୍ୟାର ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଅଭିଯୋଗ ନିରାକରଣ ବ୍ୟବସ୍ଥା କରିବା ସହିତ କାକଟପୁର-ଅସ୍ତରଙ୍ଗ ଅଞ୍ଚଳର ସମଗ୍ର ବିଦ୍ୟୁତ ବ୍ୟବସ୍ଥାର ସର୍ଭେ କରି ଆବଶ୍ୟକ ଭିତ୍ତିଭୂମି ଉନ୍ନତି କରିବାକୁ ମହାସଂଘ ଦାବି କରିଛି।

## ଓଡ଼ିଶା ବନ୍ଦ ବେଳେ ପୁଲିସର କଡା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, (ନି.ପ୍ର): ସରକାରୀ ପାଠ୍ୟପୁସ୍ତକ ତ୍ରୁଟି ଓ ବଣ୍ଟନରେ ଅନିୟମିତତାକୁ ନେଇ କୃଷକ ସଂଗଠନ 'ନବ ନିର୍ମାଣ କୃଷକ ସଂଗଠନ' ପକ୍ଷରୁ ଆସନ୍ତାକାଲି ଅର୍ଥାତ ସେପ୍ଟେମ୍ବର ୩୦ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି। ଏହି ସମୟରେ କୌଣସି ଅପ୍ରୀତିକର ଘଟଣାକୁ ଏଡାଇବାକୁ କମିଶନରେଟ ପୁଲିସ ଅଣ୍ଟା ଭିଡିଛି। ବିଶେଷ କରି ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି। ସହରରେ ବିଭିନ୍ନ ସ୍ଥାନରେ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରାୟ ୧୦ ପ୍ଲାଟୁନ ପୁଲିସ ଫୋର୍ସ ସହରରେ ନିୟୋଜିତ ହେବେ। ଏଥିସହିତ ୧୫ଜଣ ବରିଷ୍ଠ ପୁଲିସ ଅଧିକାରୀ ସହରର ବିଭିନ୍ନ ସମ୍ବେଦନଶୀଳ ଛକରେ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିବେ। ଡିସିପି, ପୋଲିସ କମିଶନର ନିଜ ନିଜ ଟିମ ସହିତ ସହରରେ ପଇଁତରା ମାରିବେ ବୋଲି କମିଶନରେଟ ପୁଲିସ ପକ୍ଷରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାଠ୍ୟପୁସ୍ତକ ତ୍ରୁଟି ଓ ଅନିୟମିତତା ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି କୃଷକ ସଂଗଠନ ଦାବି କରି ଓଡ଼ିଶା ବନ୍ଦ ଡାକରା ଦେଇଛି। ଏହି ଦାବିଗୁଡ଼ିକୁ ନେଇ ସଂଗଠନ ପକ୍ଷରୁ ବନ୍ଦକୁ ସଫଳ କରିବା ପାଇଁ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ାଯାଇଛି।

## ବିଶ୍ୱ ଜଳାତଙ୍କ ଦିବସ ପାଳନ

ଭାପୁର,(ନିପ୍ର): ବିଶ୍ୱ ଜଳାତଙ୍କ ଦିବସ ଉପଲକ୍ଷେ ଭାପୁର ବ୍ଲକର ଦଶଗୋଟି ବିଦ୍ୟାଳୟରେ ଦୁଇଦିନ ଧରି ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ,ଓଡ଼ିଶା ସରକାରଙ୍କ ପକ୍ଷରୁ ସୋମବାର ଦିନ ଭାପୁର ବ୍ଲକ ଅନ୍ତର୍ଗତ ଭାପୁର ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାପୀଠ, ଗୋଳାପୋଖରୀ ହାଇସ୍କୁଲ, ଚକ୍ରଧରପ୍ରସାଦ ହାଇସ୍କୁଲ, ବଡସହରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ଜାମୁସାହି ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଥିବା ବେଳେ ମଙ୍ଗଳବାର ଦିନ ପଦ୍ମାବତୀ ପିଏ.ଏମ.ଶ୍ରୀ ଗୋବର୍ଦ୍ଧନ ହାଇସ୍କୁଲ, ପଦ୍ମାବତୀ ନଟବର ବାଳିକା ଉଚ୍ଚ ବିଦ୍ୟାଳୟ, କରବର ସରକାରୀ ଉଚ୍ଚ ବିଦ୍ୟାଳୟ, କରବର ବାଳିକା ହାଇସ୍କୁଲ ଓ ରାକମା ସ୍ୱପ୍ନେଶ୍ୱରଦେବ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ସଚେତନତା ଦିବସ ପାଳିତ ହୋଇଯାଇଛି। ସଚେତନତା ସଭାରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ବିଭୂପ୍ରସାଦ ଶତପଥୀ ଯୋଗଦେଇ ଜଳାତଙ୍କ ରୋଗ, ଲକ୍ଷଣ ଓ ପ୍ରତିକାର ବିଷୟରେ ଆଲୋଚନା କରିଥିଲେ। ଜଳାତଙ୍କ ରୋଗ ବିଲୁଆ, ଗଧିଆ, କୁକୁର, ନେଉଳ, ବାଦୁଡ଼ି ପ୍ରଭୃତି ପ୍ରାଣୀଙ୍କୁ ସଂକ୍ରମଣ କରୁଥିବା ଏକ ଭୂତାଣୁ ଜନିତ ରୋଗ ବୋଲି କହିଥିଲେ। ତତ୍ ସହିତ ସଂକ୍ରମିତ ପ୍ରାଣୀ ଅନ୍ୟ ପ୍ରାଣୀ ବା ମନୁଷ୍ୟକୁ କାମୁଡ଼ିଲେ କିମ୍ବା ଅନ୍ୟ ପ୍ରାଣୀ ବା ମନୁଷ୍ୟ ସଂକ୍ରମିତ ପ୍ରାଣୀର ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ ।

## ସ୍ଥାୟୀ ଜମିପଟ୍ଟା ଦାବିରେ ତହସିଲ ଅଫିସ ସମ୍ମୁଖରେ ଧାରଣା

### ସରକାରୀ ଖାତାରେ ରଖାଯିବାକୁ ମକରମେଳା କମିଟିର ଦାବି



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ଦୀର୍ଘ ଦୀର୍ଘ ବର୍ଷ ଧରି ଦଖଲରେ ଥିବା ଏକ ବେବନ୍ଦୋବସ୍ତ ଜମିର ସ୍ଥାୟୀ ପଟ୍ଟା ଦାବିରେ ବାମରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୯୦ ବର୍ଷୀୟ ଦେବାନନ୍ଦ ପାତ୍ରଙ୍କ ସମେତ ତାଙ୍କ ପରିବାରର ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ସୋମବାର ଗଣଧାରଣା ଦେଇଥିଲେ। ନିଜ ଦଖଲରେ ଥିବା ଜମିର ଜମିପଟ୍ଟା ନ ମିଳିବା ଓ ଉକ୍ତ ଜମିକୁ ସରକାରୀ ଖାତାକୁ ନେବା ପାଇଁ ଚକ୍ରାନ୍ତ ହେଉଥିବା ଦେବାନନ୍ଦଙ୍କ ପରିବାର ଅଭିଯୋଗ କରିଛନ୍ତି। ପରିବାର ପକ୍ଷରୁ କୁହାଯାଇଛି ଯେ, ଦେବାନନ୍ଦ ପାତ୍ର ଦୀର୍ଘବର୍ଷ ଧରି ଉକ୍ତ ବେବନ୍ଦୋବସ୍ତ ଜମିକୁ ଦଖଲ କରି ଆସୁଛନ୍ତି। ଜମିକୁ ନିଜ ନାମରେ ସ୍ଥାୟୀ ପଟ୍ଟା କରିବା ପାଇଁ ସେ ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଆବେଦନ କରିଥିଲେ। ମାତ୍ର ଏହାର କୌଣସି ସମାଧାନ ନହେବାରୁ ସପରିବାର ଗଣଧାରଣା ଦେଇଥିବା ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଜମିକୁ ନେଇ ମକର ମହୋତ୍ସବ କମିଟି ମଧ୍ୟ ନିଜର ଦାବି ରଖିଛି। ଏହି ଜମିରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପାରମ୍ପରିକ ମକର ମେଳା ଆୟୋଜିତ ହୋଇଆସୁଛି। ତେଣୁ ଉକ୍ତ ଜମିକୁ ବ୍ୟକ୍ତିଗତ ମାଲିକାନାକୁ ଦିଆନଯାଇ ସରକାରୀ ଖାତାରେ ରଖାଯିବା ସହ ସେଠାରେ ପୂର୍ବଭଳି ମକର ମେଳା ଜାରି ରହୁ ବୋଲି କହିଛନ୍ତି। ଏହାଛଡା ମକର ମେଳା ବାମରାର ଏକ ପୁରୁଣା ଐତିହ୍ୟ ସମ୍ପନ୍ନ ପରମ୍ପରା ହୋଇଥିବାରୁ ଏଠାରେ ବହୁ ଜନ ସମାଗମ ହୋଇଥାଏ। ତେଣୁ ଜମିର ସାର୍ବଜନୀନ ବ୍ୟବହାର ଓ ମେଳାର ପରମ୍ପରାକୁ ଦୃଷ୍ଟିରେ ରଖି ଉକ୍ତ ଜମି ସରକାରୀ ଖାତାରେ ରହିବା ଆବଶ୍ୟକ ବୋଲି କମିଟି ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଏହି ଜମିକୁ ନେଇ ଉଭୟ ପକ୍ଷର ଦାବି ଓ ଅଭିଯୋଗ ମଧ୍ୟରେ ସରକାରୀ ନିୟମ ଆଧାରରେ ବିଚାର କରାଯିବାକୁ ବାମରା ତହସିଲଦାର ବିଶାଳ ପଟେଲ କହିଛନ୍ତି। ତହସିଲଦାର ପଟେଲଙ୍କ ପକ୍ଷରୁ ଏଭଳି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନ ପ୍ରାୟ ୩ ଟାରେ ପାତ୍ର ପରିବାର ପକ୍ଷରୁ ଚାଲିଥିବା ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଜମିର ରାଜସ୍ୱ ରେକର୍ଡ, ଦଖଲ ସ୍ଥିତି ଏବଂ ଦୀର୍ଘବର୍ଷରୁ ପରିଚାଳିତ ହେଉଥିବା ମକର ମେଳାର ପରମ୍ପରାକୁ ନେଇ ପ୍ରଶାସନ କି ପଦକ୍ଷେପ ନେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

## ଜିଲ୍ଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ(ନିପ୍ର): ଭଦ୍ରକ ଜିଲ୍ଲାସ୍ତରୀୟ ୨ୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା ହନୁମାନଜିଉ ହାଇସ୍କୁଲ, ଚରମ୍ପା, ତତ୍ତ୍ୱାବଧାନରେ ରେଳବାଇ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ଼ଃ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଯୋଗଦାନ କରି ପିଲାମାନଙ୍କ ମଧ୍ୟରେ ଲୁକାୟିତ ପ୍ରତିଭାର ପରିସ୍ଫୁଟନ କରିବାକୁ ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ଼. ପ୍ରଫୁଲ କୁମାର ସାହୁ, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଖଟୁଆ ଯୋଗଦାନ କରିଥିଲେ। ଶଶୀଶେଖର କରଶର୍ମାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର କୁମାର ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭୀମ ଚରଣ ପରିଡ଼ା, ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଦୀପ୍ ମହାପାତ୍ର, ମାନସ କୁମାର ନାୟକ, ଜିତେନ୍ଦ୍ର କୁମାର ସାହୁ, ପ୍ରଭୁଦତ୍ତ ପଣ୍ଡା, ମନୋଜ ଶଙ୍ଖୁଆ, ମାନସ ଜେନା, ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

ତିଥି :(ଚତୁର୍ଥୀ): (ଦ୍ୱିଜା ମେଷ)
ଅମୃତ ବେଳା: ଦିବା ଘ ୬।୨୮ ମଧ୍ୟେ ଘ୭।୧୬ ଗତେ

## ଆଜିର ଅନୁଚିନ୍ତନ

ମୁଁ ପୃଥିବୀରେ ପବିତ୍ର ଗନ୍ଧ, ଅଗ୍ନିରେ ତେଜ, ସମସ୍ତ ପ୍ରାଣୀଙ୍କ ଠାରେ ଜୀବନୀଶକ୍ତି ଏବଂ ତପସ୍ୱୀମାନଙ୍କର ତପସ୍ୟା ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଉପେକ୍ଷିତ ଖାଦ୍ୟ ସୁରକ୍ଷା କ୍ଷେତ୍ର !

ଖାଦ୍ୟ ନିରାପତ୍ତା ଆୟୁକ୍ତ, ଭୁବନେଶ୍ୱର ଓ କଟକ କାର୍ଯ୍ୟାଳୟରେ ୨୦୧୪ରୁ ୧୦ବର୍ଷରୁ ଊର୍ଦ୍ଧ୍ୱ କୌଣସି ଖାଦ୍ୟ ନିରାପତ୍ତା ଅଧିକାରୀ କାର୍ଯ୍ୟରତ ନାହାନ୍ତି। ଜଣେ ବିଧାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ସଦ୍ୟ ଶେଷ ହୋଇଥିବା ମୌସୁମୀ ଅଧିବେଶନରେ କହିଛନ୍ତି। ନିକଟ ଅତୀତରେ ଭେଜାଲ ପନିର ହେଉ କି ପୁରୀରେ ଭେଜାଲ ଖଜା କାରଖାନା ଉପରେ ଚଢାଉ ଘଟଣା ଆମ ରାଜ୍ୟର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଥିବା ବିପନ୍ନତାକୁ ସୂଚିତ କରେ। ଭୁବନେଶ୍ୱର ଓ କଟକ ଦ୍ୱୈତମହାନଗରୀ ଭାବରେ ପରିଚିତ। ଏହି ଦୁଇ ମହାନଗରୀରେ ଖାଦ୍ୟ ନିରାପତ୍ତା ଅଧିକାରୀ କାର୍ଯ୍ୟରତ ନଥିବା ତଥ୍ୟ ଆମ ରାଜ୍ୟରେ ଏହି କ୍ଷେତ୍ର ପ୍ରତି ଯଥାର୍ଥ ଦୃଷ୍ଟି ଦିଆଯାଇନାହିଁ ବୋଲି ବୁଝିବାକୁ ହେବ। ନିକଟରେ ୧୭ତମ ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଶେଷ ହୋଇଛି। ଏଥିରେ ନିଯୁକ୍ତି ପାଇଛନ୍ତି ୮୧୪ ମେଡିକାଲ ଅଫିସର, ୯୨ ଆସିଷ୍ଟାଣ୍ଟ ଅଫିସର, ୩୦ ପ୍ରଶାସନିକ ଅଧିକାରୀ ଏପରି ଭାବରେ ୧୧୦୧ ଜଣ। ପୁଣି ଗତ ୨ବର୍ଷ ତିନି ମାସ ମଧ୍ୟରେ ରାଜ୍ୟ ସରକାର ନିଯୁକ୍ତି ମେଳା ଜରିଆରେ ନିଯୁକ୍ତି ଦେଇଛନ୍ତି ୪୬ ହଜାର ୫୭୫ ଜଣଙ୍କୁ। ଖାଦ୍ୟ ସୁରକ୍ଷା କ୍ଷେତ୍ର ପାଇଁ ଏଥିରେ କେତେଜଣ ନିଯୁକ୍ତପ୍ରାପ୍ତ ହୋଇଛନ୍ତି ତାହା ପ୍ରଶ୍ନ ଉଠେ। ଖାଦ୍ୟ ସୁରକ୍ଷା ଯାଞ୍ଚ କ୍ଷେତ୍ରରେ ଆବଶ୍ୟକ ଦକ୍ଷତା ଅଭାବ ପ୍ରାର୍ଥୀଙ୍କ ଅଭାବ ରହିଛି କି ବୋଲି ପରୋକ୍ଷ ପ୍ରଶ୍ନ ସୃଷ୍ଟି ହେଉଛି। ଓପିଏସି ପରୀକ୍ଷା ଆୟୋଜନ କରାଇ ଏ କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ଉଚିତ କି ଅନୁଚିତ ତାହା ରାଜ୍ୟ ସରକାର ବିଚାରିବାକୁ ହେବ।

ଉଲ୍ଲେଖ କରାଯାଇପାରେ ଯେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଆଇ) ଗତ ୨୦୨୧ରେ ଦେଶର ଖାଦ୍ୟ ସୁରକ୍ଷା ଇଣ୍ଡେକ୍ସ ପ୍ରକାଶ କରିଥିଲେ। ଏହି ରିପୋର୍ଟର ସାରାଂଶରୁ ଜଣାପଡ଼ିଥିଲା ଯେ ଗୁଜରାଟ, କେରଳ ଓ ତାମିଲନାଡୁ ପଛକୁ ରହିଛି ଓଡ଼ିଶାର ସ୍ଥାନ। ଖାଦ୍ୟ ସୁରକ୍ଷା ଭିତ୍ତିଭୂମି କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ପଛରେ ରହିଛି ଆମ ରାଜ୍ୟ। ଖାଦ୍ୟର ମାନ ଯାଞ୍ଚ ପାଇଁ ଆବଶ୍ୟକ ସଂଖ୍ୟକ ମାନବ ସମ୍ବଳର ଅଭାବ ରହିଛି। ସେହିପରି ମୋବାଇଲ ଟେଷ୍ଟିଂ ଲ୍ୟାବର ଉପଯୁକ୍ତ ବ୍ୟବହାର ଭଳି ମାନଦଣ୍ଡ କଥା ପ୍ରସଙ୍ଗକୁ ଆସିଛି। କୁହାଯାଉଛି ଯେ ତତ୍କାଳୀନ ରାଜ୍ୟ ସରକାର ଯୋଜନା କରିଥିଲେ ୪ବର୍ଷରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ସଂଖ୍ୟା ୧୦୦ରୁ ଅଧିକ କରାଯିବ। ବର୍ତ୍ତମାନର ରାଜ୍ୟ ସରକାର ଖାଦ୍ୟ ନିରାପତ୍ତା ଆଇନ ଅନୁସାରେ ଗତ ଦୁଇ ବର୍ଷରେ ୪୧୩ ମାମଲା ରୁଜୁ କରିଛନ୍ତି। ଜୋରିମାନା ବାବଦକୁ ଆଦାୟ କରିଛନ୍ତି ୯୫ ଲକ୍ଷ ୯୧ ହଜାର ଟଙ୍କା। ସେହିପରି ନମୁନା ସଂଗୃହୀତ ହୋଇଛି ୭, ୩୯୨। ଏହି ତଥ୍ୟକୁ ବିଶ୍ଳେଷଣ କଲେ ଅନୁଭୂତ ହେଉଛି ରାଜ୍ୟରେ ଖାଦ୍ୟ ସୁରକ୍ଷା ଯାଞ୍ଚ ଆହୁରି ଅଧିକ କରାଯିବାର ଆବଶ୍ୟକତା ରହିଛି। କାରଣ ବିଭିନ୍ନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ସାଙ୍ଗକୁ ନାନା ଖାଦ୍ୟଦ୍ରବ୍ୟର ବ୍ୟାପକ ଅପମିଶ୍ରଣ ଘଟଣା କିଛି ନୂଆ କଥା ନୁହେଁ। ଏପରିକି କିଛି ସମାଲୋଚକ ଆମ ରାଜ୍ୟକୁ ଅପମିଶ୍ରଣର ଭୂସ୍ୱର୍ଗ ଭାବରେ ଅଭିହିତ କରନ୍ତି। ଏ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆଲୋଚ୍ୟ କ୍ଷେତ୍ରରେ ଆବଶ୍ୟକ ମାନବ ସମ୍ବଳ ନିଯୁକ୍ତି ପ୍ରତି ଧ୍ୟାନ ଦେଲେ ସ୍ଥିତି ସୁଧୁରିପାରିବ ବୋଲି ବିଶ୍ୱାସ।

# ହଜାର ବର୍ଷର ସହର : ଅସୁରକ୍ଷିତ ସରକାରୀ ସଂପତ୍ତି !

**ଡା. ରବି ରଞ୍ଜନ ସାହୁ**

ହଜାର ବର୍ଷର ସହର ଭାବେ କଟକର ପରିଚିତି କେବଳ ଓଡ଼ିଶା ଭିତରେ ନୁହେଁ ଭାରତ ଓ ଭାରତ ବାହାରେ ମଧ୍ୟ। ପୃଥିବୀରେ ଦୁଇ ଦୁଇଟି ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏପରି ବିକଶିତ ଓ ପ୍ରାଚୀନତମ ସହର କ୍ୱଚିତ୍ ରହିଛି। ଦିନକୁ ଦିନ ସହରର କାୟା ବଢୁଛି। ଅନେକ ବିଭିନ୍ନ ଜିଲ୍ଲାର ଏପରିକି ରାଜ୍ୟର ଲୋକମାନେ କଟକରେ ଘରଦ୍ୱାର କରି ପିଢ଼ି ପିଢ଼ି ଧରି ରହିଲେଣି। ଜନସଂଖ୍ୟା ଯେଉଁପରି ଭାବେ ଦିନକୁ ଦିନ ସହରକୁ ବଢ଼ାଉଛି ଏହି କ୍ରମରେ ବେସରକାରୀ ଜମିର ଚାହିଦା ବଢ଼ିବା ସ୍ୱାଭାବିକ। ତେବେ ଦୁର୍ଭାଗ୍ୟର କଥା ସରକାରୀ ଜମି ଉପରେ କିଛି ଯୋଜନାବଦ୍ଧ, ଅସାମାଜିକ ତଥା ଜମି ମାଫିଆ କଳେବଳେ କୌଶଳେ ଏହାକୁ କରାୟତ୍ତ କରି ଅତି ଉଚ୍ଚମୂଲ୍ୟରେ ଅନ୍ୟମାନଙ୍କୁ ବିକ୍ରି କରୁଛନ୍ତି। କଥା କେବଳ ସେତିକି ନୁହେଁ ସରକାରୀ ଜମିକୁ ଗୋଟିଏ ଜମି ଅନେକ ଲୋକଙ୍କ ନାଁରେ ରେଜିଷ୍ଟ୍ରି ହେଉଥିବାର ଏବଂ ସେ ଲୋକମାନଙ୍କର ହଇରାଣ ହୋଇ କଚେରି ଦୌଡୁଥିବାର ଖବର ପ୍ରାୟତଃ ଗଣମାଧ୍ୟମରେ ପ୍ରକାଶ ପାଉଛି। ଅର୍ଥ ଓ ସମୟ ଉଭୟକୁ ହରାଇ ଜଣେ ଜଣେ ଲୋକ ନିଃସ୍ୱ ହୋଇଯାଉଛନ୍ତି, ପରିବାର ଉଚ୍ଛନ୍ନ ହୋଇଯାଉଛି ଏବଂ ଗୋଟିଏ ଗୋଟିଏ କ୍ଷେତ୍ରରେ ଟଙ୍କା ହରାଇଥିବା ଲୋକଟି ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେବାପରେ କଟକରେ ଅନେକ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ତେବେ ଅସଲ ଅଘଟଣକୁ ସରକାର ଓ ପ୍ରଶାସନ ସମ୍ଭବତଃ ଭୁଲି ଯାଉଛନ୍ତି। ଗତ କେତେ ବର୍ଷ ହେଲା ସହରାଞ୍ଚଳରେ ଜମିର ମୂଲ୍ୟ ବଢ଼ିଯିବାରୁ ସରକାରୀ ଜମି ଉପରେ ନ୍ୟସ୍ତସ୍ୱାର୍ଥ ଜମି ମାଫିଆଙ୍କର ନଜର ପଡ଼ିଛି। ଯେ କୌଣସି ଜାଗାରେ ସରକାରୀ ଜମି ଅଛି ତାକୁ କଳେବଳେ କୌଶଳେ ଦଖଲ କରିବା ଏବଂ ତାକୁ ବେଆଇନ ଭାବେ ସାଧାରଣ ଲୋକଙ୍କୁ ବିକ୍ରି କରିବାର ବହୁ ଦୃଷ୍ଟାନ୍ତ ରହିଛି। ଏହି କାର୍ଯ୍ୟରେ ରାଜସ୍ୱ ବିଭାଗର କର୍ମଚାରୀ, ସ୍ଥାନୀୟ ପୁଲିସ ସଂପୃକ୍ତି ରହି ଆର୍ଥିକ ଫାଇଦା ଉଠାଉଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ପରି ଏବେ ଗୋଟିଏ ଜମି ସଂପର୍କରେ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି। କଟକ ସହର ଖାନନଗରସ୍ଥିତ ନେତାଜୀ ବସ ଟର୍ମିନାଲ ପାଇଁ ରାଜ୍ୟ ସରକାର ଅନେକ ଜମି ଗ୍ରହଣ କରିଥିଲେ ଏବଂ ପ୍ରାୟ ପାଖାପାଖି ପାଞ୍ଚ ଏକର ଜମି ବଳି ପଡ଼ିଥିଲା ତାହା ଫାଙ୍କା ପଡ଼ିଥିଲା। ସେଇ ସବୁ ଜମିକୁ ରାଜ୍ୟ ସରକାର ଅନାବାଦି ଘୋଷଣା କରିଛନ୍ତି। ତେବେ ଅନାବାଦି ଜମିର ମାଲିକ ହେଲେ ରାଜ୍ୟ ସରକାର। ଏହି ଜମିକୁ ଆବାଦ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ ତାକୁ ତାରବାଡ଼ ଦେଇ ଘେର କରିଥିଲେ ଏବଂ ଗେଟ ଲଗାଇ ଥିଲେ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଜମିକୁ କିଛି ଜମି ମାଫିଆ ନିଜ ଦଖଲକୁ ନେଇ କନା ଘେରେଇ ଗୃହ ନିର୍ମାଣ କରୁଛନ୍ତି। ଏ ଦିଗରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଏବଂ କଟକ ମହାନଗର ନିଗମର ଅଧିକାରୀମାନେ କିପରି ଜାଣି ପାରୁନାହାନ୍ତି ତାହା ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ଏହି ମୂଲ୍ୟବାନ ଜମିକୁ ସୁରକ୍ଷା ଦେବା ସରକାରଙ୍କ କର୍ତ୍ତବ୍ୟ ହୋଇଥିଲେ ମଧ୍ୟ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ। ନଗର ଉନ୍ନୟନ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ନିହାତି ଆବଶ୍ୟକ।

ସରକାରୀ ଜମିର ସୁରକ୍ଷା ଏବଂ ଏହାକୁ ହାତେଇ ଥିବା ଲୋକମାନଙ୍କ ବିରୁଦ୍ଧରେ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ କଠୋର ଆଇନଗତ ଚେତାବନୀ ଓ କାର୍ଯ୍ୟାନୁଷ୍ଠାନର ରାୟର ନଜିର ରହିଛି। ତେବେ ସରକାରୀ ସମ୍ପତ୍ତି ଯେଉଁଠି ଲୁଟ ହେଉଛି ଏ ସମ୍ପର୍କରେ ମାମଲା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କ୍ୱଚିତ୍ କ୍ଷେତ୍ରରେ କଚେରି ପର୍ଯ୍ୟନ୍ତ କଥା ଯାଇଥାଏ। ତେବେ ଏ କ୍ଷେତ୍ରରେ ଆବେଦନକାରୀଙ୍କ ଜୀବନ ମଧ୍ୟ ବାଜିରେ ପଡ଼ିଥାଏ। ସରକାର ନିଜ ଜମି ହରାଇ କହିବାକୁଗଲେ ନିଜ ଗୋଡ଼ରେ ହିଁ କୁରାଢ଼ି ମାରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରଥମତଃ ଆଇନର ସମ୍ମାନ ରହୁନି, ଦ୍ୱିତୀୟତଃ ସରକାରୀ ଜମି ଅସାମାଜିକଙ୍କ ହାତକୁ ଯିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଶାନ୍ତି ବ୍ୟାଘାତ ହୁଏ, ଏହା ସହିତ ବିଶୃଙ୍ଖଳା ସୃଷ୍ଟି ହେବା ସହିତ ଆଇନଗତ ଅରାଜକତା ଦେଖାଯାଏ। ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ବାଞ୍ଛନୀୟ।

ସଭାପତି, କଟକ ମହାନଗର ନାଗରିକ ମହାସଭା,ମୋ : ୯୪୩୭୩୧୦୧୭୧

# ଭାରତର ପରମାଣୁ ଅସ୍ତ୍ର ବିଷୟରେ ଆମେରିକାର ସମୀକ୍ଷା ରିପୋର୍ଟ

**ଡା. ରାଜକିଶୋର ପଣ୍ଡା**

"ଭାରତ ନିର୍ମାଣ କରୁଥିବା ସାମରିକ ପ୍ଲୁଟୋନିୟମ୍‌ର ମୁଖ୍ୟ ସ୍ରୋତ ହେଉଛି "ଧ୍ରୁବ" ପ୍ଲୁଟୋନିୟମ୍ ପ୍ରଡକ୍ସନ ରିଆକ୍ଟର, ଯାହାକି ଅଛି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରର ପରିସର ମଧ୍ୟରେ। ୨୦୧୦ ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ହେଉଥିଲା ସମାନ ସ୍ଥାନରେ ଥିବା ସି.ଆଇ.ଆର.ୟୁ.ଏସ୍ ରିଆକ୍ଟର ଦ୍ୱାରା। ଏପ୍ରିଲ୍ ୨୦୨୬ ରେ ଭାରତର ନୂତନ ୫୦୦ ମେଗାୱାଟ-ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡ୍‌ର ରିଆକ୍ଟର କଳ୍ପକମ୍ ସ୍ଥିତ ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟୋମିକ୍ ରିସର୍ଚ୍ଚରେ କାର୍ଯ୍ୟକ୍ଷମ ହେଲା। ଏହି ରିଆକ୍ଟର ୟୁରାନିୟମ୍ ବା ଥୋରିୟମ୍‌ର ବିକିରଣ କରିଥାଏ, ପ୍ଲୁଟୋନିୟମ୍-୨୩୯ ବା ୟୁରାନିୟମ୍-୨୩୩ ର ଉତ୍ପାଦନ କରିବା ପାଇଁ।

ନୂଆଦିଲ୍ଲୀରେ ଅଠରତମ ବ୍ରିକ୍ସ ସମ୍ମିଳନୀ (୧୨-୧୩ ସେପ୍ଟେମ୍ବର)ର ଆୟୋଜନ ପୂର୍ବରୁ ସେପ୍ଟେମ୍ବର ନଅ ତାରିଖ ୨୦୨୬ ରେ ଆମେରିକାର ଏକ ରିପୋର୍ଟରେ ଦାବି କରାଗଲା ଯେ ଭାରତ ଅତିକମ୍‌ରେ ତିରିଶଟି ପରମାଣୁ ୱାର ହେଡ୍, ଏହାର ନୂତନ ନିର୍ମାଣଧୀନ ମିସାଇଲମାନଙ୍କରେ ସଂଯୋଗ କରିଛି। ଫଳରେ ତା'ର ପରମାଣୁ ଶକ୍ତିସମ୍ପନ୍ନ ରକେଟ୍ ବା ମିସାଇଲର ସଂଖ୍ୟା ଯାହା ପୂର୍ବରୁ ଥିଲା ଏକଶହ ଷାଠିଏ, ବର୍ତ୍ତମାନ ବୃଦ୍ଧି ପାଇ ଏକଶହ ନବେରେ ପହଞ୍ଚିଛି।

ୱାର ହେଡ୍ କହିଲେ ଆମେ ବୁଝିବା କୌଣସି ରକେଟ୍ ବା ମିସାଇଲ୍‌ର ବିସ୍ଫୋରକ ପଦାର୍ଥ ଥିବା ଅଂଶ। ଆମେରିକାର ଏକ ଅଣଲାଭଦାୟକ ପଲିସୀ ଥିଙ୍କ୍-ଟ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟଟିର ପ୍ରକାଶନ ସମୟକୁ ମଧ୍ୟ ଆମେ ଅଣଦେଖା କରିପାରିବା ନାହିଁ। ବ୍ରିକ୍ସ ଜରିଆରେ ଚୀନ, ଋଷ୍ ଓ ଇରାନଙ୍କର ତ୍ରିଶକ୍ତି ନୂଆ ବିଶ୍ୱ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଉଦ୍ୟମରତ ଅଛନ୍ତି, ଯାହାକୁ ଆମେରିକାର ଏକନାୟକତ୍ୱର ବିକଳ୍ପ ଭାବରେ ଦେଖାଯାଉଛି। ବ୍ରିକ୍ସର ପ୍ରୟାସ ହେଉଛି କି ସେ ନିଜର ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ କ୍ରସ୍ ବର୍ଡ଼ର ପେମେଣ୍ଟ ବ୍ୟବସ୍ଥାର ଆରମ୍ଭ କରୁ ଯେଉଁଥିରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସେଣ୍ଟ୍ରାଲ୍ ବ୍ୟାଙ୍କ ଡିଜିଟାଲ୍ କରେନ୍‌ସିଜ୍ (ସି.ବି.ଡି.ସି) ମଧ୍ୟରେ ଏକ ସମନ୍ୱୟ ରହିପାରିବ। ପାଠକମାନଙ୍କର ଗୋଚରାର୍ଥେ ଏଠାରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସି.ବି.ଡି.ସି ଉପରେ କିଞ୍ଚିତ୍ ତଥ୍ୟ ଏହି ଲେଖକ ପ୍ରଦାନ କରୁଛି। ଡିଜିଟାଲ ପେମେଣ୍ଟ ସିଷ୍ଟମ୍‌ରେ ୟୁପିଆଇ (ଫୋନ୍ ପେ, ଗୁଗୁଲ୍ ପେ, ଏ.ଟି.ଏମ୍ କାର୍ଡ଼, ନେଟ୍ ବ୍ୟାଙ୍କିଙ୍ଗ୍) ଆଦି ଅନ୍ତର୍ଭୁକ୍ତ। ସେହିପରି ସି.ବି.ଡି.ସି କେନ୍ଦ୍ରୀୟ ବ୍ୟାଙ୍କ୍ ଦ୍ୱାରା ନିୟନ୍ତ୍ରିତ ଡିଜିଟାଲ୍ କ୍ୟାସ୍ ଅଟେ। ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଏକ ପ୍ଲାଟ୍‌ଫର୍ମ ଭଳି ଯିଏ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ମଧ୍ୟରେ ପଇସା କାରବାର କରିଥାଏ।

ସି.ବି.ଡି.ସି କିନ୍ତୁ ନିଜେ ହିଁ ପଇସା ଅଟେ। ଏହି ଦୁଇ ବ୍ୟବସ୍ଥା ମଧ୍ୟରେ ଲିଙ୍କ୍ ସ୍ଥାପନ ଉଦ୍ଦେଶ୍ୟରେ ଆଲୋଚନା ପାଇଁ ସମ୍ମିଳନୀ ପୂର୍ବରୁ ୧୨-୧୩ ଅଗଷ୍ଟ ୨୦୨୬ ରେ ବ୍ରିକ୍ସ ରାଷ୍ଟ୍ରର ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କର ପ୍ରତିନିଧିବୃନ୍ଦ ଜୟପୁରରେ ଏକାଠି ହୋଇଥିଲେ। ଯଦି ଏହି ବ୍ୟବସ୍ଥାଟି ଲାଗୁ ହୋଇପାରିବ ତେବେ ବୈଶ୍ୱିକ ବାଣିଜ୍ୟରେ ଡଲାରର ମହତ୍ତ୍ୱ ଗୁରୁତର ଭାବରେ ହ୍ରାସ ପାଇବ। ଆମେରିକା ଏହା କଦାପି ଚାହିଁବ ନାହିଁ। କେବଳ ଏଇଥିପାଇଁ ଟ୍ରମ୍ପ ବ୍ରିକ୍ସକୁ ଧମକ ଦେଇଛନ୍ତି ଓ କହିଛନ୍ତି, ଯେ ଯଦି ବ୍ରିକ୍ସର ରାଷ୍ଟ୍ରମାନେ ଡଲାରର ମୁକାବିଲା କରିବା ପାଇଁ କୌଣସି ପ୍ରତିଦ୍ୱନ୍ଦ୍ୱୀ ମୁଦ୍ରାର ବ୍ୟବସ୍ଥା କରନ୍ତି, ତେବେ ଆମେରିକା ସଂପୃକ୍ତ ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଟିକସ ଲଗାଇବ। ଆଜି ପର୍ଯ୍ୟନ୍ତ ନୂଆଦିଲ୍ଲୀ, ଆମେରିକାକୁ ଅସନ୍ତୁଷ୍ଟ କରିବା ପାଇଁ ଚାହୁଁନଥିଲା। ତେଣୁ ବ୍ରିକ୍‌ସର ଅଧ୍ୟକ୍ଷ ହୋଇଥିବା ସତ୍ତ୍ୱେ ଭାରତ, ଆମେରିକା ଓ ଇସ୍ରାଏଲ ଦ୍ୱାରା ଅଠେଇଶ ଫେବୃୟାରୀ ୨୦୨୬ ରେ ଇରାନ ଉପରେ କରାଯାଇଥିବା ଆକ୍ରମଣର ଆନୁଷ୍ଠାନିକ ଭାବେ ବିରୋଧ କରିନଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଏଇ ନିକଟରେ ବିଶ୍କେକ୍ (କିରଗିଜ୍‌ସ୍ଥାନ) ରେ ଆୟୋଜିତ ହୋଇଥିବା ଏସ୍.ସି.ଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଋଷ୍ ରାଷ୍ଟ୍ରପତି ପୁଟିନ୍ ଓ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କୁ ସାକ୍ଷାତ୍ କରି ଯୁକ୍ତରାଷ୍ଟ୍ରକୁ ସ୍ପଷ୍ଟ ସଙ୍କେତ ଦେଲେ ଯେ ଭାରତ ପାଖରେ ନୂଆ ବୈଶ୍ୱିକ ମଞ୍ଚରେ ସାମିଲ୍ ହେବାର ସମସ୍ତ ବିକଳ୍ପ ଖୋଲା ରହିଛି। ଏହି ସଙ୍କେତ ଏଥିପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ କାରଣ ଦୀର୍ଘ ସାତବର୍ଷ ପରେ ଚୀନ୍‌ର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ନିଜର ସତଷଠି ସଦସ୍ୟ ବିଶିଷ୍ଟ ସରକାରୀ ଦଳ,



ଯେଉଁଥିରେ ଜିନ୍‌ପିଙ୍ଗଙ୍କର ଅତି ବିଶ୍ୱସନୀୟ "କାଇ ଚି" (ସିପିସି ପଲିଟ୍ ବ୍ୟୁରୋର ସଦସ୍ୟ ଓ ବିଦେଶ ମନ୍ତ୍ରୀ ୱାଙ୍ଗ୍ ୱି ସାମିଲ )କୁ ନେଇ ଭାରତ ଆସିଥିଲେ। ଚୀନର ବାଣିଜ୍ୟ ସମ୍ପର୍କିତ ଦଳ ଅଲଗା ଭାବରେ ଆସିଥିଲା।

ଆମେରିକାର ଭାରତର ପରମାଣୁ ଅସ୍ତ୍ର ସମ୍ପର୍କିତ ନଗଦ ରିପୋର୍ଟ ଓ ଏହାକୁ ଜାରି କରିବାର ସମୟକୁ ଏକ ବିଶେଷ ପୃଷ୍ଠଭୂମିରେ ବୁଝିବାର ଆବଶ୍ୟକତା ରହିଛି। କାରଣ ଆମେରିକା ଇରାନ୍ ଉପରେ ଆକ୍ରମଣ ପୂର୍ବକ କହି ଥିଲା ଯେ, ସେ ଇରାନ୍‌କୁ ପରମାଣୁ ଅସ୍ତ୍ର ନିର୍ମାଣ କରିବାକୁ ଦେବନାହିଁ, ଯେତେବେଳେ କି ବର୍ତ୍ତମାନ ସମୟରେ ଏହି ଦିଶାହୀନ ଯୁଦ୍ଧ ତୈଳ ଉପରେ ନିୟନ୍ତ୍ରଣ ଜନିତ ସଂଘର୍ଷରେ ବଦଳିଯାଇଛି, ଯାହାଦ୍ୱାରା ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ୍ ପିଛା ଶହେ ଡଲାରକୁ ଅତିକ୍ରମ କରିଗଲାଣି।

"ଭାରତର ପରମାଣୁ ଅସ୍ତ୍ର-୨୦୨୬" ନାମକ ରିପୋର୍ଟଟି ନଅ ସେପ୍ଟେମ୍ବର ୨୦୨୬ ରେ ପ୍ରକାଶିତ ହୋଇଛି। ଏଥିରେ କୁହାଯାଇଛି, "ଭାରତ ନିଜର ପରମାଣୁ ଶସ୍ତ୍ରାଗାରର ଆଧୁନିକୀକରଣକୁ ଜାରି ରଖି, ଏହି କିଛି ବର୍ଷରେ ଅନେକ ନୂଆ ଅସ୍ତ୍ର ବ୍ୟବସ୍ଥା ମୁତୟନ କରିଛି। ଅନେକକୁ ବିକଶିତ କରିଛି, ଏହି ବିକଶିତ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ଅଛି ପରମାଣୁ ଶକ୍ତି ସମ୍ପନ୍ନ ଏୟାରକ୍ରାଫଟ୍, ଜଳ ଆଧାରିତ ବ୍ୟବସ୍ଥା ଓ ସ୍ଥଳ ଆଧାରିତ ବ୍ୟବସ୍ଥାର ଉନ୍ନତିକରଣ।

'ଆମର ଅନୁମାନ ହେଉଛି ଯେ ଭାରତ ୧୪୦ ରୁ ୨୨୫ ୱାରହେଡସ୍ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ସାମରିକ ପ୍ଲୁଟୋନିୟମ୍ ଉତ୍ପାଦନ କରିସାରିଲାଣି । ଏକଶହ ନବେ ପର୍ଯ୍ୟନ୍ତ ୱାରହେଡ୍‌ସ୍ ମଧ୍ୟ ନିର୍ମାଣ କରିସାରିଲାଣି।' ଏହି ରିପୋର୍ଟଟିର ଗବେଷଣା ବିଷୟକ କାର୍ଯ୍ୟ ଓ ଲିଖନ ପ୍ରକ୍ରିୟା "ଫେଡେରେସନ୍ ଅଫ୍ ଆମେରିକାନ୍ ସାଇଣ୍ଟିଷ୍ଟସ୍ ନ୍ୟୁକ୍ଲିୟାର ଇନଫରମେସନ୍ ପ୍ରୋଜେକ୍ଟର କର୍ମଚାରୀମାନେ କରିଛନ୍ତି। ସେମାନେ ଏହି ରିପୋର୍ଟରେ ଆହୁରି ଲେଖିଛନ୍ତି ଯେ, ଆମେ ଅନୁମାନ କରୁଛୁ , ଭାରତ ବର୍ତ୍ତମାନ ସମୟରେ ନଅଟି ଅଲଗା ଅଲଗା ପରମାଣୁ ସକ୍ଷମ ବ୍ୟବସ୍ଥାକୁ ପରିଚାଳିତ କରୁଛି। ଏଥିରେ ଦୁଇ ଏୟାରକ୍ରାଫଟ୍, ଛଅ ଭୂମି ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଓ ଏକ ସମୁଦ୍ର ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଅନ୍ତର୍ଭୁକ୍ତ। ଅତିକମ୍‌ରେ ଦୁଇଟି ଅତିରିକ୍ତ ବ୍ୟବସ୍ଥାକୁ ବିକଶିତ କରାଯାଉଛି ଯାହା ସମ୍ପୂର୍ଣ୍ଣ ହୋଇଗଲେ ଏହି କିଛି ବର୍ଷ ମଧ୍ୟରେ ସେନାବାହିନୀକୁ ପ୍ରଦାନ କରାଯିବ।

ସାମରିକ ପ୍ଲୁଟୋନିୟମ୍ ଯାହାକୁ ଇଂରାଜୀରେ କୁହାଯାଏ "ମିଲିଟାରୀ ପ୍ଲୁଟୋନିୟମ୍" ବୁଝାଇଥାଏ ପ୍ଲୁଟୋନିୟମ୍-୨୩୯ ବୋଲି ଏକ ଆଇସୋଟୋପ୍‌କୁ। ଏହାକୁ ବ୍ୟବହାର କରାଯାଇଥାଏ, ଆଣବିକ ଅସ୍ତ୍ରର ନିର୍ମାଣରେ କାରଣ ଅତି ମାତ୍ରାରେ ବିପଜ୍ଜନକ "ଚେନ୍-ରିଆକସନ୍"କୁ ସୃଷ୍ଟି କରିବାରେ ଏହା ସହାୟକ ହୋଇଥାଏ। ସୂଚନାଯୋଗ୍ୟ ଯେ ଭାରତ ନିଜର ପରମାଣୁ ଅସ୍ତ୍ର ବିଷୟରେ କୌଣସି ତଥ୍ୟ ବା ସଂଖ୍ୟା ପ୍ରକାଶ କରେନାହିଁ।

ଆମେରିକାର ରିପୋର୍ଟରେ ଯେଉଁ ସମୀକ୍ଷା କରାଯାଇଛି ତାହା ମୁଖ୍ୟତଃ ଅନୁମାନ ଉପରେ ହିଁ ଆଧାରିତ। ଏହି ଅନୁମାନ ଭିତ୍ତିକ ତଥ୍ୟ ସଂଗ୍ରହ ପ୍ରାୟତଃ କରାଯାଇଛି ରାଜ୍ୟମାନଙ୍କରୁ ବାହାରୁଥିବା ଡାଟା ଯେପରିକି ସରକାରୀ ବକ୍ତବ୍ୟ, ଡିକ୍ଲାସିଫାଏଡ୍ ଡକ୍ୟୁମେଣ୍ଟ (ଗୋପନୀୟ ତାଲିକାରୁ ବାଦ୍ ପଡୁଥିବା ଦସ୍ତାବିଜ), ବେସରକାରୀ ରିପୋର୍ଟ (ମିଡିଆ ରିପୋର୍ଟ, ଥିଙ୍କ୍ ଟ୍ୟାଙ୍କ୍ ସମୀକ୍ଷା, କମର୍ସିଆଲ୍ ସାଟେଲାଇଟ୍ ଇମେଜେରି) ପ୍ରଭୃତି ଦ୍ୱାରା।

ରିପୋର୍ଟଟି ଦର୍ଶାଇଛି ଯେ ଭାରତ ଦୁଇପ୍ରକାରର ଆଣବିକ ପଦାର୍ଥର ଉତ୍ପାଦନ କରୁଛି। ଗୋଟିଏ ହେଲା ଅତି ସମ୍ବର୍ଦ୍ଧିତ ୟୁରାନିୟମ୍ ଓ ଅନ୍ୟଟି ହେଉଛି ସାମରିକ ବା ମିଲିଟାରୀ ପ୍ଲୁଟୋନିୟମ୍। ଅତି ସମ୍ବର୍ଦ୍ଧିତ ୟୁରାନିୟମ୍‌ର ଉତ୍ପାଦନ ହେଉଛି, ଇନ୍ଧନର ପ୍ରସ୍ତୁତି ନିମନ୍ତେ।

ରିପୋର୍ଟଟିରେ ଉଲ୍ଲେଖ ଅଛି, "ଭାରତ ନିର୍ମାଣ କରୁଥିବା ସାମରିକ ପ୍ଲୁଟୋନିୟମ୍‌ର ମୁଖ୍ୟ ସ୍ରୋତ ହେଉଛି ଧ୍ରୁବ ପ୍ଲୁଟୋନିୟମ୍ ପ୍ରଡକ୍ସନ ରିଆକ୍ଟର, ଯାହାକି ଅଛି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରର ପରିସର ମଧ୍ୟରେ। ୨୦୧୦ ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ହେଉଥିଲା ସମାନ ସ୍ଥାନରେ ଥିବା ସି.ଆଇ.ଆର.ୟୁ.ଏସ୍ ରିଆକ୍ଟର ଦ୍ୱାରା। ଏପ୍ରିଲ୍ ୨୦୨୬ ରେ ଭାରତର ନୂତନ ୫୦୦ ମେଗାୱାଟ-ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡ୍‌ର ରିଆକ୍ଟର କଳ୍ପକମ୍ ସ୍ଥିତ ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟୋମିକ୍ ରିସର୍ଚ୍ଚରେ କାର୍ଯ୍ୟକ୍ଷମ ହେଲା। ଏହି ରିଆକ୍ଟର ୟୁରାନିୟମ୍ ବା ଥୋରିୟମ୍‌ର ବିକିରଣ କରିଥାଏ, ପ୍ଲୁଟୋନିୟମ୍-୨୩୯ ବା ୟୁରାନିୟମ୍-୨୩୩ ର ଉତ୍ପାଦନ କରିବା ପାଇଁ।"

ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ସରକାରୀ ସ୍କୁଲ ବଞ୍ଚି ରହୁ !

**ସୁବାସ ଷଡ଼ଙ୍ଗୀ**

"ସରକାରଙ୍କ ନୀତି ଓ ଭିତ୍ତିଭୂମି, ଶିକ୍ଷକଙ୍କ ନିଷ୍ଠା, ଅଭିଭାବକଙ୍କ ସହଯୋଗ ଏବଂ ସମାଜର ସଚେତନତା- ଏଇ ଚାରୋଟି ଉପାଦନ ଏକାଠି ହେଲେ ପ୍ରାଥମିକ ଶିକ୍ଷାର ଭିତ୍ତି ଆହୁରି ଅଧିକ ମଜଭୁତ ହେବ। ତା ନହେଲେ, ପ୍ରାଥମିକ ଶିକ୍ଷାର ଭବିଷ୍ୟତ କ'ଣ ? ଦିଲ୍ଲୀରେ କିପରି ସ୍କୁଲ ବ୍ୟବସ୍ଥାର ପରିବର୍ତ୍ତନ ହୋଇପାରିଛି, ତାହା ଦେଖିବା କଥା। ଏଭଳି ପ୍ରଚେଷ୍ଟା ସଫଳ ହେଲେ ଶିକ୍ଷାର ବିକାଶ ହେବା ସହିତ, ପରବର୍ତ୍ତୀ ପିଢ଼ି ପାଇଁ ଏକ ସୁଯୋଗ ସୃଷ୍ଟି ହେବ। ନ ହେଲେ ଶିକ୍ଷା କେବଳ କିଛି ଲୋକଙ୍କୁ ଚାକିରି ଦେବା ପାଇଁ ଏକ ମାଧ୍ୟମ ବୋଲି ବିବେଚିତ ହେବ।

ସ୍କୁଲ ଶିକ୍ଷା ବା ପ୍ରାଥମିକ ଶିକ୍ଷା ନେଇ ସବୁବେଳେ କିଛି ନା କିଛି ସମସ୍ୟା ଦେଖା ଦେଉଛି। ସବୁଠାରୁ ବଡ ସମସ୍ୟା ହେଲା ଶିକ୍ଷକ ସମସ୍ୟା। ବିଭିନ୍ନ ସରକାରୀ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଯେଉଁ ଶିକ୍ଷକ ଅଛନ୍ତି, ସେମାନଙ୍କର ଅଧା ସମୟ ଯାଉଛି ନିଜ ଚାକିରି କେନ୍ଦ୍ରିକ ସମସ୍ୟାର ସମାଧାନ ପାଇଁ ଆନ୍ଦୋଳନରେ। ଏଣୁ ଭାରତର ସ୍ୱାଧୀନତାର ଅଶୀ ବର୍ଷ ପରେ ମଧ୍ୟ ସରକାରୀ ସ୍କୁଲଗୁଡ଼ିକର ସଂକଟ ବା ସମସ୍ୟା ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି।

ନିକଟରେ ସଂସଦରେ ପ୍ରକାଶିତ ଦୁଇଟି ତଥ୍ୟକୁ ନେଇ କିଛି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।। ପ୍ରଥମଟି ହେଲା, ଭାରତରେ ଗତ ଦଶ ବର୍ଷ ଭିତରେ ପ୍ରତିଦିନ ହାରାହାରି ପଚିଶଟି ସରକାରୀ ସ୍କୁଲ ବନ୍ଦ ହୋଇଯାଇଛି। ଦ୍ୱିତୀୟ କଥା ହେଲା, ଉଚ୍ଚ ମାଧ୍ୟମିକ ପରୀକ୍ଷା ଦେବା ପୂର୍ବରୁ ଶତକଡା ୭୩ ଭାଗ ଛାତ୍ରଛାତ୍ରୀ ସ୍କୁଲ ଛାଡି ଦେଉଛନ୍ତି। ଏତେ ପରେ ବି ଦେଶର ସଂଖ୍ୟା ଗରିଷ୍ଠ ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ପଢନ୍ତି। ଦେଶ ଗଠନରେ ସରକାରୀ ସ୍କୁଲର ଏକ ପ୍ରମୁଖ ଭୂମିକା ରହିଛି।

ସ୍କୁଲ ଶିକ୍ଷା ବିଶେଷ କରି ବିଶେଷ କରି ପ୍ରାଥମିକ ସ୍କୁଲ ବ୍ୟବସ୍ଥା ସମ୍ପର୍କରେ ନ କହିବା ଭଲ। କଣ କୁହାଯିବ? ସ୍କୁଲ ଘର ନାହିଁ। ଶିକ୍ଷକଙ୍କ ଅଭାବ। ପିଲାମାନଙ୍କ ପାଠ ପଢିବା ପାଇଁ ମୌଳିକ ସୁବିଧା ନାହିଁ। ବହି ନାହିଁ। ଆଉ ସବୁଠାରୁ ବଡ କଥା ହେଲା, ଗରିବ ପିଲାମାନଙ୍କୁ ଆକର୍ଷିତ କରିବା ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ବିପର୍ଯ୍ୟସ୍ତ। ତଥାପି ସରକାରୀ ସ୍କୁଲରେ ଆର୍ଥିକ ଓ ସାମାଜିକ ଅନଗ୍ରସର ବର୍ଗର ପିଲାମାନେ ପଢନ୍ତି। ବିଭିନ୍ନ ସମୟରେ ଏପରି ଅଭିଯୋଗ ହୋଇଆସୁଛି।

ନିକଟରେ ସିଜେପି ପକ୍ଷରୁ ରାଜସ୍ଥାନର କେତେକ ସରକାରୀ ସ୍କୁଲ ବୁଲି ଦେଖାଯାଇଥିଲା। ଗତ ସପ୍ତାହରେ ମଧ୍ୟ ସିଜେପିର କିଛି କର୍ମକର୍ତ୍ତା ଭୁବନେଶ୍ୱର ଆସି ସରକାରୀ ବୁଲି ଦେଖିଥିଲେ। ଫଳ କ'ଣ ହେଲା ଜଣା ପଡିନି। କିନ୍ତୁ ରାଜସ୍ଥାନ ସରକାରଙ୍କ ପକ୍ଷରୁ କୁହାଯାଇଛି, ରାଜ୍ୟରେ ୯୧୧ଟି ସ୍କୁଲର ନିଜସ୍ୱ କୋଠା ନାହିଁ। ୨୦୪୭ ସ୍କୁଲ ଘରେ ପାଇଖାନା ନାହିଁ। ୧୦୪୯ ସ୍କୁଲରେ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଏଇ ସବୁ ସ୍କୁଲର ପିଲାମାନେ ଆସନ୍ତି, ଶିକ୍ଷକଙ୍କ ସହିତ ଖେଳି ଶେଷର ମଧ୍ୟାହ୍ନ ଭୋଜନ ଖାଇ ଘରକୁ ଫେରିବା ପାଇଁ। ସ୍କୁଲରେ ପିଲାମାନଙ୍କ ବାପାମା' ଶିକ୍ଷକ କାହାର ଚିନ୍ତା ନାହିଁ, ପିଲାମାନେ କିପରି ପାଠ ପଢିବେ।

ସ୍କୁଲ ଶିକ୍ଷାକୁ ଆମେ ଯେତେ ଆଧୁନିକ ଓ ବିଜ୍ଞାନମନସ୍କ କରିବା ପାଇଁ ଚେଷ୍ଟା କରୁନା କାହିଁକି, ବିନା ଶିକ୍ଷକ, ବିନା ବ୍ଲାକବୋର୍ଡ ଓ ଚକ ଖଡିରେ ପାଠ ପଢା ହୋଇପାରିବ ନାହିଁ। ଯେଉଁ ଶିକ୍ଷକ ଅଛନ୍ତି,ସେମାନେ ନିଜେ ଲେଖିପଢି ଜାଣି ନାହାନ୍ତି। ଶତକଡା ଚାଳିଶ ଭାଗ ଶିକ୍ଷକ ଓଟିଇଟି ପରୀକ୍ଷାରେ ଫେଲ। ଏପରି ଶିକ୍ଷକ କିପରି ପାଠ ପଢାଇବେ ?ଏପରି ଚର୍ଚ୍ଚା ହେଉଛି।



ଏପରି ଅବସ୍ଥାରେ ଖାଲି ଆମ ଓଡିଶା କାହିଁକି, ସାରା ଭାରତରେ ଶିକ୍ଷକମାନେ ରାଜନୀତି ସହିତ ସଂପୃକ୍ତ। ଶିକ୍ଷକମାନେ ରାଜନୀତି କରନ୍ତି। ସେମାନଙ୍କ ସଂଖ୍ୟାକୁ ଭୋଟ ରାଜନୀତି କଥା ଭାବି ସରକାର ସେମାନଙ୍କ ପାଖରେ ନତ ମସ୍ତକ ହୁଅନ୍ତି। ଭୋଟ ରାଜନୀତି ପାଇଁ ଶିକ୍ଷକମାନେ ଯେତେବେଳେ କୌଣସି ଆନ୍ଦୋଳନ କରନ୍ତି, ନେତାମାନେ ସମର୍ଥନ ଜଣାନ୍ତି। ଏମିତିକି ବୁଦ୍ଧିଜୀବୀମାନେ ସେଠାକୁ ଭାଷଣ ଦେବାକୁ ଦୌଡନ୍ତି ବୋଲି କୁହାଯାଏ।

ୟୁଡିଆଇଏସଆଇ+ ୨୦୨୪-୨୫ ତଥ୍ୟ ଅନୁଯାୟୀ ରାଜ୍ୟର ସମସ୍ତ ପରିଚାଳନା ବ୍ୟବସ୍ଥାକୁ ମିଶାଇ ୬୧୫୬୫ ଟି ବିଦ୍ୟାଳୟ ରହିଛି। ଏଥିରୁ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୨୮,୪୦୭। ଏତେ ସଂଖ୍ୟକ ସ୍କୁଲରେ ଶିକ୍ଷକ ନିଯୁକ୍ତି ଦେବା ସରକାରଙ୍କ ପାଇଁ କାଠିକର ପାଠ। ତା'ଛଡା ଅନେକ ସ୍କୁଲ ରାଜନୈତିକ ଛତ୍ରଛାୟା ତଳେ ପ୍ରତିଷ୍ଠା ହୋଇ ପରବର୍ତ୍ତୀ ସମୟରେ ସରକାରୀ ପରିଚାଳନା ଭିତରକୁ ଆସିଛି।

ଗାଁରେ ସ୍କୁଲ ନାହିଁ ବୋଲି କହି ବିଧାୟକ/ ସାଂସଦମାନେ ବେସରକାରୀ ଉଦ୍ୟମରେ ସ୍କୁଲ ଆରମ୍ଭ କରନ୍ତି। ବିନା ପଇସାରେ କୌଣସି ଚାକିରି ପାଇଁ ଅଯୋଗ୍ୟ ଲୋକମାନଙ୍କୁ ଶିକ୍ଷକ ଭାବେ ନିଯୁକ୍ତ କରାଯାଏ। ଏମାନେ ପ୍ରଥମେ ବିନା ଦରମାରେ ପାଠ ପଢାନ୍ତି। ତା ପରେ ଆରମ୍ଭ ହୁଏ ରାଜନୀତି। କେମିତି ଏହାକୁ ସରକାରୀ ସ୍କୁଲରେ ପରିଣତ କରାଯିବ। ବିଧାୟକଙ୍କ ସୁପାରିସରେ ସ୍କୁଲ ସରକାରୀ ସାହାଯ୍ୟ ପାଏ। ସବୁ ସରକାରୀ ସୁବିଧା ପାଆନ୍ତି। ସରକାରୀ ନ ହେଲେ ମଧ୍ୟ ସବୁ ସରକାରୀ ସୁବିଧା ପାଆନ୍ତି। ଏଇ ସବୁ ସ୍କୁଲରେ ପାଠ ପଢା କମ୍ ହୁଏ, ରାଜନୀତି ଅଧିକ ହୁଏ। ଏମାନେ ଯେଉଁଦଳକୁ ସାହାଯ୍ୟ କରନ୍ତି, ସେଇ ଦଳ କ୍ଷମତାକୁ ଆସିଲେ ସେମାନେ ସୁବିଧା ପାଆନ୍ତି। ଏ କଥା ବିଭିନ୍ନ ମହଲରେ ଚର୍ଚ୍ଚିତ ହୋଇଆସିଛି।

କୁହାଯାଏ ଯେ ଦୁର୍ଭାଗ୍ୟ ଆମର। ଏଇ ସବୁ ସ୍କୁଲରେ ପାଠପଢା ଠିକ୍ ଭାବେ ହୁଏ ନାହିଁ, ଏକଥା ଜାଣିବା ପରେ ମଧ୍ୟ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ଛାଡନ୍ତି। ଏହା ମଧ୍ୟ ରାଜନୀତିର ଏକ ଅଂଶ ବିଶେଷ। ରହସ୍ୟ ହେଲା, ଏଇ ସବୁ ପିଲାମାନଙ୍କ ପାସ କରିବାର ଦାୟିତ୍ୱ ଶିକ୍ଷକ ଓ ବିଧାୟକଙ୍କର। ପର୍ଯ୍ୟାପ୍ତ କପି କରିବାର ସୁବିଧା ଥିବା କେନ୍ଦ୍ରଗୁଡିକରେ ଏମାନଙ୍କ ପରୀକ୍ଷା ହୁଏ ଏବଂ ପିଲା ପାସ କରନ୍ତି। ଭଲ ରେଜଲ୍ଟ କରୁଥିବା ପାଇଁ ସ୍କୁଲ ସରକାରୀ ସାହାଯ୍ୟ ପାଇବାକୁ ଦାବି କରେ।

ଓଡିଶାର ଭବିଷ୍ୟତ ଯେତେଦୂର ପର୍ଯ୍ୟନ୍ତ ଆମେ ଆଜିର ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେଇପାରିନୁ, ଭାବିବା ବେକାର। ସରକାରୀ ବିଦ୍ୟାଳୟ ଓ ଏହାର ଶିକ୍ଷକମାନଙ୍କର ଏଥିପାଇଁ ଏକ ପ୍ରମୁଖ ଭୂମିକା ରହିଛି।

ସରକାରଙ୍କ ନୀତି ଓ ଭିତ୍ତିଭୂମି, ଶିକ୍ଷକଙ୍କ ନିଷ୍ଠା, ଅଭିଭାବକଙ୍କ ସହଯୋଗ ଏବଂ ସମାଜର ସଚେତନତା- ଏଇ ଚାରୋଟି ଉପାଦନ ଏକାଠି ହେଲେ ପ୍ରାଥମିକ ଶିକ୍ଷାର ଭିତ୍ତି ଆହୁରି ଅଧିକ ମଜଭୁତ ହେବ। ତା ନହେଲେ, ପ୍ରାଥମିକ ଶିକ୍ଷାର ଭବିଷ୍ୟତ କଣ ? ଦିଲ୍ଲୀରେ କିପରି ସ୍କୁଲ ବ୍ୟବସ୍ଥାର ପରିବର୍ତ୍ତନ ହୋଇପାରିଛି, ତାହା ଦେଖିବା କଥା। ଏଭଳି ପ୍ରଚେଷ୍ଟା ସଫଳ ହେଲେ ଶିକ୍ଷାର ବିକାଶ ହେବା ସହିତ, ପରବର୍ତ୍ତୀ ପିଢି ପାଇଁ ଏକ ସୁଯୋଗ ସୃଷ୍ଟି ହେବ। ନ ହେଲେ ଶିକ୍ଷା କେବଳ କିଛି ଲୋକଙ୍କୁ ଚାକିରି ଦେବା ପାଇଁ ଏକ ମାଧ୍ୟମ ବୋଲି ବିବେଚିତ ହେବ।

30. 09.2026.pmd 1 9/19/2026, 6:19 AM

ଦିନଲିପି

୩୦ .୦୯. ୨୦୨୬ ବୁଧବାର

## ବାଡ଼ ସଫେଇ କଲେ ଚାଷୀ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଚାଷୀଙ୍କ ସମସ୍ୟା ପିଛା ଛାଡୁନାହିଁ। ଗୋଟିଏ ପଟେ ଲଗାଣ ବର୍ଷା ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଥିବା ବେଳେ ଅନ୍ୟପଟେ ବୁଲାଗୋରୁଙ୍କ ପ୍ରାଦୁର୍ଭାବ ଯୋଗୁଁ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ସୌରବାଡ଼ ଅଧାପନ୍ତରିଆ ହୋଇ ରହିଛି। ଯେତିକି ସୌରବାଡ଼ ସଂଯୋଗ ହୋଇଥିଲା, ସେଥିରେ ବର୍ଷା ଯୋଗୁଁ ଅନାବନା ଗଛଲତା ମାଡ଼ି ରହିଥିଲା। ଫଳରେ ବାରବୁଲା ଗୋରୁ ସେହି ତାରବାଡ଼ ଛିଣ୍ଡାଇ ଜମିରେ ପଶି ଧାନ ଫସଲ ନଷ୍ଟ କରୁଛନ୍ତି। ନିଜର କଷ୍ଟଅର୍ଜିତ ଫସଲକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୦ରୁ ଅଧିକ ଚାଷୀ ଏକାଠି ହୋଇଥିଲେ। ଚାଷୀମାନେ ମିଳିତ ଭାବେ ବାଡ଼ ଓ ଖେତ ବନ୍ଧ ସଫା କରୁଥିବା ଦେଖିବାକୁ ମିଳିଥିଲା। ନିରାକାରପୁର -ଲେଣ୍ଟୁ ଓ ଯାଜପୁର ପର୍ଯ୍ୟନ୍ତ ଚାଷୀମାନେ ନିଜେ ଉଦ୍ୟମ କରି ବାଡ଼ ସଫେଇ କରିଥିବା ଜଣାପଡ଼ିଛି।

## ଡାବୁଗାଁ : ମା ଦୁର୍ଗାଙ୍କ ମାଟି ଅନୁକୂଳ

ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଦୁର୍ଗା ପୂଜା ମଣ୍ଡପ ଠାରେ ଦୁର୍ଗା ପୂଜା ନିମନ୍ତେ ଖୁଣ୍ଟି ସ୍ଥାପନ କରାଯାଇଛି । ମାଁ ଦୁର୍ଗାଙ୍କ ମୂର୍ତ୍ତି ପାଇଁ ପ୍ରଥମେ ଅଙ୍ଗୀ ନଦୀ ପଠାରେ ପୂଜକ ଗଦାଧର ତ୍ରିପାଠୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ମାଟି ଅଣାଯାଇ ମାଟି ପୂଜନ କରାଯାଇଛି । ଏଥିରେ କର୍ତ୍ତା ଭାବେ ଜି. ବିଜୟ ଆନନ୍ଦ ଓ ସଙ୍କର ସୁବୁଦ୍ଧି ଓ ସନ୍ତୋଷ ପଟନାୟକ ପ୍ରମୁଖ ମାଟି ଆଣିଥିଲେ । ଦୁର୍ଗା ପୂଜା କମିଟିର ସଭାପତି ରାଜେଶ ଅଗ୍ରୱାଲ, ସଂପାଦକ ସୁରେନ୍ଦ୍ର ବାରିକ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବେହେରା କାମ ସଭ୍ୟ ସୁରେନ୍ଦ୍ର କୁମାର ମିଶ୍ର, ଶଶି ଭୂଷଣ ଜେନା, ସୌଭାଗ୍ୟ ବିଶ୍ୱାଳ, ଭଦ୍ରବ୍ୟକ୍ତି ଜି. ସାଇ ରାଜୁ, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି ଜି. ସତ୍ୟା ରାଓ, ଗୁପ୍ତ ବିସୋଇ, ସୁନିଲ ପାତ୍ର ଏବଂ ବାବି ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ,(ନି.ପ୍ର): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ସଭାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନାଙ୍କ ଅଧକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ସହିତ 'ସେବା ସେତୁ' ଅଭିଯାନ ମଧ ଆୟୋଜିତ ହୋଇଥିଲା। ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହେନ୍ଦ୍ର କୁମାର ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣିରେ ୭୭ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠୀଗତ, ସର୍ବମୋଟ ୮୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜିଲ୍ଲାପାଳ ଅଭିଯୋଗଗୁଡ଼ିକର ଶୁଣାଣୀ କରି କେତେକ ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟାନ୍ୟ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ନେଇ ସମାଧାନ କରିବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିର ପରିଚାଳନାରେ ବିଡିଓ ସାମ୍ପୀ ରେଡ୍ଡି ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଷାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ନୂଆଁଖାଇ ଓଡ଼ିଶାର ଲୋକ ପରମ୍ପରା ଓ ସାଂସ୍କୃତିକ ଐତିହ୍ୟ : ମନମୋହନ

ଭବାନୀପାଟଣା,(ନିପ୍ର): କଳାହାଣ୍ଡି ଜିଲା ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ରବିବାର ଜିଲା ଭାଜପା ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଜିଲା ସଭାପତି ଯୁଗଳ କିଶୋର ପୋଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇଥିଲେ ।ନୂଆଁଖାଇ ଆମ ମାଟି, ଚାଷୀ, ପରମ୍ପରା ଓ ଭାଇଚାରାର ଏକ ଅନନ୍ୟ ପର୍ବ। ଏହି ପବିତ୍ର ଅବସରରେ ଜିଲାର ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଓ ଶୁଭକାମନା ବୋଲି କହିବା ସହ ଓଡ଼ିଶାର ସମୃଦ୍ଧ ଲୋକପରମ୍ପରା ଓ ସାଂସ୍କୃତିକ ଐତିହ୍ୟ ନୂଆଁଖାଇ ବୋଲି କହିଥିଲେ। ନୂଆଁଖାଇର ଏହି ଭେଟଘାଟ୍ ଆମ ସମସ୍ତଙ୍କ ମଧ୍ୟରେ ସ୍ନେହ, ସୌହାର୍ଦ୍ଦ୍ୟ ଓ ଏକତାକୁ ଆହୁରି ମଜବୁତ କରୁ, ଏହା ହିଁ ମୋର ମା'ସମଲେଇଙ୍କ ନିକଟରେ ପାର୍ଥନା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ଉପସଭାପତି ଭବେନ୍ଦ୍ର ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭାଂଶୁ ମୋହନ ପାଢ଼ୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତି ବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ପାଙ୍ଗିଡି ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି

ବୁଗୁଡ଼ା,(ନିପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପାଙ୍ଗିଡି ପଞ୍ଚାୟତ କାର୍ଯାଳୟରେ ସୋମବାର ଜନ ଅଭିଯୋଗ ଶୁଣାଣି ବିଡ଼ିଓ ଦୂତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେବଳ ୩ ଜଣ ହିତାଧିକାରୀ ନିଜର ନାମ ପଞ୍ଜିକରଣ କରିଥିଲେ। ତତ୍କାଳ ୨ଟିର ସମାଧାନ କରାଯାଇଥିଲା। ଏଥି ସହିତ ପଞ୍ଚାୟତର ବିକାଶ କିଭଳି ହେବ ସେନେଇ ମଧ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଭାଗ୍ୟଲତା ବିଷୋୟୀ,ଏବିଡିଓ ଧର୍ମରାଜ ପରିଡା , ତହସିଲଦାର ତାପସ ରାଉତ, ଏମ୍ ଆଇ ନିହାର ରଞ୍ଜନ ବେହେରା, ବ୍ଲକ କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ,ବୁଗୁଡ଼ା ଥାନା ଆଇ ଆଇ ସି ସିତାଂଶୁ ଶେଖର ମାନ୍ଧାତା,ସିଡିପିଓ ବବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଜିଟାଲ୍ ଇଣ୍ଡିଆର ବିଚିତ୍ର ରୂପ

# ନେଟୱର୍କ ଏବଂ ରାସ୍ତା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ରେଢ଼ାଖୋଲ,(ନିପ୍ର): ସରକାର ଗାଁରୁ ସହର ପର୍ଯ୍ୟନ୍ତ ଡିଜିଟାଲ୍‌କରଣ ଏବଂ ବିକାଶର ବଡ଼ ବଡ଼ ଦାବି କରୁଥିବାବେଳେ, ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା । ସରକାରୀ ପ୍ରଚାର ଏବଂ ବାସ୍ତବତା ଭିତରେ ରହିଛି ଏକ ବଡ଼ ପ୍ରାଚୀର । ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ବଡ଼ ନୂଆପଡ଼ା ଗ୍ରାମରେ ବୋଲି କୁହାଯାଇଛି। ମୌଳିକ ସୁବିଧା ଯେପରିକି ଯୋଗାଯୋଗ ଏବଂ ଯାତାୟାତ ଭଳି ସର୍ବନିମ୍ନ ଅଧିକାରରୁ ବଞ୍ଚିତ ହୋଇ ଏଠାକାର ଲୋକେ ଏକପ୍ରକାର ଅଭିଶପ୍ତ ଜୀବନ ବିତାଉଥିବା ଜଣାପଡିଛି । ଏନେଇ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିବା ପାଇଁ ଗ୍ରାମବାସୀମାନେ ଏବେ ସିଧାସଳଖ ସରକାରୀ ବ୍ୟବସ୍ଥା ଏବଂ ଜନ ପ୍ରତିନିଧିଙ୍କୁ କଡ଼ା ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । କହିଛନ୍ତି ଯୋଗାଯୋଗ ଏବଂ ରାସ୍ତା ନ ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ହେବ ଭୋଟ ବର୍ଜନ । ଏମିତି କିଛି କହିଛନ୍ତି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବୁର୍ଡା ପଞ୍ଚାୟତ ଅନ୍ତର୍ଗତ ବଡ଼ ନୂଆପଡ଼ା ସମେତ ଆଖପାଖ ୩ରୁ ୪ଖଣ୍ଡ ଗାଁ ଅଧିବାସୀ । ଆଜିର ଆଧୁନିକ ଯୁଗରେ ଯେଉଁଠି ଦୁନିଆ ହାତମୁଠାରେ, ସେଠାରେ ଏହି ଗ୍ରାମବାସୀଙ୍କ ପାଇଁ ଏକ ମୋବାଇଲ୍ କଲ୍ କରିବା ମଧ ଏକ ଦୁଃସ୍ୱପ୍ନ ପାଲଟିଛି । ଗ୍ରାମରେ କୌଣସି ଉପଯୁକ୍ତ ମୋବାଇଲ୍ ନେଟୱାର୍କ କିମ୍ବା ଟାୱାର ନ ଥିବାରୁ ଲୋକେ ବାହାର ଦୁନିଆ ସହ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଆଜି ପର୍ଯ୍ୟନ୍ତ ରହିଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ (ଯେପରିକି ଗର୍ଭବତୀ ମହିଳା କିମ୍ବା ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ଡାକିବା) କୁ ହେଲେ ନେଟୱର୍କ ଅଭାବରୁ ଲାଗେନାହିଁ ଫୋନ୍ ।

ଫଳରେ ଅନେକ ସମୟରେ ଅମୂଲ୍ୟ ଜୀବନ ବିପଦରେ ପଡୁଥିବା କହିଛନ୍ତି ଏଠାକାର ଗ୍ରାମବାସୀ । ସରକାରଙ୍କ 'ଗ୍ରାମାଞ୍ଚଳ ସଂଯୋଗୀକରଣ' ଯୋଜନା ଏଠାରେ କାଗଜକଲମରେ ସୀମିତ ରହିଯାଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ କେବଳ ଯୋଗାଯୋଗ ନୁହେଁ, ଯାତାୟାତ ବ୍ୟବସ୍ଥା ମଧ ଅତ୍ୟନ୍ତ ଶୋଚନୀୟ। ନିଜ ଗ୍ରାମ ବଡ ନୂଆପଡ଼ାରୁ ସରକାରୀ କାମ ପାଇଁ ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସୁଗମ ରାସ୍ତା ନ ଥିବାରୁ ବର୍ଷାଋତୁ ଆସିଲେ ଏହି ରାସ୍ତାଟି ପାଣି କାଦୁଅରେ ଭର୍ତ୍ତି ହୋଇଯାଏ, ଫଳରେ ପାଦ କାଢ଼ିବା ମଧ ଅସମ୍ଭବ ହୋଇପଡ଼େ। ଛୋଟ ପିଲାଙ୍କ ପାଠପଢ଼ା ହେଉ ଅଥବା ବୃଦ୍ଧବୃଦ୍ଧାଙ୍କ ଭତ୍ତା କିମ୍ବା ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ସବୁଥିପାଇଁ ଏହି ଖରାପ ରାସ୍ତା ସାଜିଛି ଏକ ପ୍ରଧାନ ବାଧକ।

ଏନେଇ ସୋମବାର ରେଢ଼ାଖୋଲ ନୂତନ ଉପଜିଲ୍ଲାପାଳ ଆଇଏଏସ୍ ପୱନ୍ କୁମାରଙ୍କୁ ଭେଟି ଦିର୍ଘ ଦିନର ଆଶା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି । ଗୁରୁତର ସହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ବଡନୂଆପଡା ବାସୀ ।

## ଜନ ଶୁଣାଣିରେ ୪ଟି ତ୍ୱରିତ୍ ଫଇସଲା

ହିଞ୍ଜିଳିକାଟୁ, (ନିପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ଖରିଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗରୀକା ଷଡଙ୍ଗୀ ଅଧକ୍ଷତାରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢି, ଏବିଡିଓ ଅରୁଣ କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି. ରବି କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ରାସନ୍ କାର୍ଡ, ଗ୍ରାମୀଣ ଆବାସ, ସ୍ୱାସ୍ଥ୍ୟ, ବାର୍ଦ୍ଧକ୍ୟ ଭତ୍ତା, ରାଜସ୍ୱ, ମନରେଗା, ବିଦ୍ୟୁତ ଓ ସୁଭଦ୍ରା ଆଦି ଭିନ୍ନ ଭିନ୍ନ ଯୋଜନା ପାଇଁ ସମୁଦାୟ ୬ ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ୪ଟି ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିଲା। ଶିବିରରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ଦଳେଇ, ସନ୍ତୋଷ କୁମାର ଦାଶ, ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ, ଜଳସେଚନ ବିଭାଗୀୟ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଅରୁଣ କୁମାର ପଟ୍ଟନାୟକ, ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ଭଜରାମ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ସହକାରୀ ଯନ୍ତ୍ରୀ, ଡବ୍ଲ୍ୟୁଇଓ ଅନିଲ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ , ସିପି ଦଣ୍ଡପାଣି ଦାଶ,ଏପିଇଓ ଅନିଲ କୁମାର ପାଣି, ମତ୍ସ୍ୟ ଅଧିକାରୀ ରଶ୍ମିତା ସାହାଣୀ, ଉଦ୍ୟାନ ଅଧିକାରୀ ମିଥୁନ ସେଠି, ସାମାଜିକ ଓ ଭିନ୍ନକ୍ଷମ ସଶକ୍ତି କରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱାସ୍ଥ୍ୟ, ବିଦ୍ୟୁତ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ ଓ ରାଜସ୍ୱ ବିଭାଗର ଅଧିକାରୀ, ଅଙ୍ଗନବାଡ଼ି ଓ ଆଶା କର୍ମୀ ଉପସ୍ଥିତ ଥିଲେ।




## ଜିଲ୍ଲାପାଳଙ୍କୁ ଭେଟି ନ ପାରିବାରୁ ତାତିଲେ ମଦବିରୋଧୀ ମହିଳା ଗୋଷ୍ଠୀ, କଲେ ରାସ୍ତାରୋକ

ପାପଡାହାଣ୍ଡି,(ନିପ୍ର): ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଥିବାରୁ ଜିଲ୍ଲାର ଝରୀଗାଁ, ଚନ୍ଦାହାଣ୍ଡି, ଡାବୁଗାଁ ବ୍ଲକର ବିଭିନ୍ନ ପଂଚାୟତରୁ ଆସିଥିବା ଏକ ହଜାରରୁ ଉର୍ଦ୍ଧ ମଦ ବିରୋଧୀ ମହିଳା ଗୋଷ୍ଠୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। କିନ୍ତୁ ଏହି ମହିଳା ଗୋଷ୍ଠୀ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିବା ସମୟରେ ଜିଲ୍ଲାପାଳ ସେଠାରୁ ଚାଲିଯାଇଥିଲେ । ଶେଷରେ ମହିଳାଗୋଷ୍ଠୀ ନିରାଶ ହୋଇ ତାତି ଉଠିଲେ । ପାପଡାହାଣ୍ଡି ମୁଖ୍ୟ ଚାରି ଛକ ରାସ୍ତା ଜାତୀୟ ରାଜପଥ- ୨୬ କୁ ମଧ୍ୟାହ୍ନ ୧ :୩୦ ସମୟରୁ ଦୀର୍ଘ ଏକଘଣ୍ଟା ଧରି ଅବରୋଧ କରିଥିଲେ । ଏହି ରାସ୍ତା ଅବରୋଧ ଯୋଗୁ ଚାରିଛକର ବିଭିନ୍ନ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଗାଡିଗୁଡିକ ଲମ୍ବାଲାଇନରେ ଅଟକି ରହିଥିଲା । ଖବର ପାଇ ତୁରନ୍ତ ପାପଡାହାଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଥାନା ଅଧିକାରୀ,ଏସଆଇ ସଦଳ ବଳେ ଘଟଣାସ୍ଥଳରେ ପହଞ୍ଚିବା ସହିତ ରାସ୍ତା ଉପରେ ବସିରହିଥିବା ମହିଳାଗୋଷ୍ଠୀଙ୍କୁ ବହୁ ବୁଝାସୁଝା କରିବା ଫଳରେ ମହିଳାଗୋଷ୍ଠୀ ରାସ୍ତାରୋକରୁ ଓହରିଥିଲେ। ଫଳରେ ଯାନ ବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।




## ଯୁବ ଉଦ୍ୟୋଗୀଙ୍କୁ ବିଶ୍ୱସ୍ତରୀୟ ଉତ୍କର୍ଷ ସମ୍ମାନ

କଣ୍ଟିଲୋ,(ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଯୁବ ସମାଜସେବୀ ଟିଟନ ସାହୁଙ୍କୁ ବିଶ୍ୱସ୍ତରୀୟ ଉତ୍କର୍ଷ ସମ୍ମାନ -୨୦୨୬ ରେ ସମ୍ମାନିତ କରାଯାଇଥିବା ଜଣାପଡିଛି ।ମସ୍କୋ ଗବେଷଣା ବିଶ୍ୱ ବିଦ୍ୟାଳୟର ମୂଲ୍ୟାୟନ ପରିଷଦ ଓ



ସଚିବାଳୟ ପକ୍ଷରୁ ଶ୍ରୀ ସାହୁଙ୍କୁ ଏହି ସମ୍ମାନ ନିମନ୍ତେ ଚୟନ କରାଯିବା ପରେ ଭୁବନେଶ୍ୱର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ନେଇ ସୂଚନା ମିଳିଛି। ଲୋରିଅଲ ଇଷ୍ଟେଟ ଭେଞ୍ଚର୍ସର ପରିଚାଳନା ନିର୍ଦ୍ଦେଶକ ଭାବେ ଶ୍ରୀ ସାହୁଙ୍କର ଉଦ୍ୟୋଗ ପରିଚାଳନାରେ ଦକ୍ଷତା, ଓଡିଶାରେ ସହରୀ ଆଧୁନିକୀକରଣ ଓ ଆଧୁନିକ ଗୃହ ନିର୍ମାଣ ବ୍ୟବସ୍ଥାର ବିକାଶରେ ତାଙ୍କର ଅତୁଳନୀୟ ଅବଦାନକୁ ଆଧାର କରି ବ୍ୟବସାୟ ପ୍ରଶାସନରେ ଡକ୍ଟରେଟ (ଡିବିଏ) ସମ୍ମାନ ପ୍ରଦାନ ନେଇ ଶ୍ରୀ ସାହୁଙ୍କୁ ଚୟନ କରାଯାଇଥିବା ମସ୍କୋ ଗବେଷଣା ବିଶ୍ୱବିଦ୍ୟାଳୟର ସଚିବାଳୟ ପକ୍ଷରୁ ସୂଚନା ମିଳିଛି।

## ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ସାଲେପୁର,(ନିପ୍ର): ନେତାଜୀ ସଂଗ୍ରାମୀ କ୍ଲବ୍ ରାଇସୁଙ୍ଗୁଡ଼ା ପକ୍ଷରୁ ଚଳିତ ବର୍ଷ ଗଣେଶ ଭସାଣି ଉତ୍ସବ ସାଲେପୁର ପୁଲିସ ସହାୟତାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବାରୁ କ୍ଲବ୍ ପକ୍ଷରୁ ସାଲେପୁର ପୁଲିସ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନେତାଜୀ ସଂଗ୍ରାମୀ କ୍ଲବ୍‌ର ସଭାପତି ସୁରେନ୍ଦ୍ର ପ୍ରଧାନ, ଉପସଭାପତି ନିରଞ୍ଜନ ବେହେରା, ପ୍ରଫୁଲ୍ଲ ଦାସ, ବିଷ୍ଣୁଚରଣ ସେଠୀ, ଭବତୋଷ ଦାସ, ତପନ ସାହୁ, ନବକିଶୋର ରାଉତ, ପ୍ରଶାନ୍ତ ଦାଶ, ରବିନ୍ଦ୍ର ସେଠୀ ପ୍ରମୁଖ ସାଲେପୁର ଥାନାରେ ପହଞ୍ଚି ଥାନା ଅଧିକାରୀ ମହେଶ୍ୱର ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ନେତାଜୀ ସଂଗ୍ରାମୀ କ୍ଲବ୍ ପକ୍ଷରୁ ନାସିକ୍ ଢ଼ୋଲ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲଟିଥିବାବେଳେ ଚଳିତ ବର୍ଷ ଗଜାନନଙ୍କ ମୂର୍ତ୍ତିରେ ପ୍ରାୟ ୧୫କେଜିରୁ ଉର୍ଦ୍ଧ ରୁପା ଅଳଂକାରରେ ଗଜାନନଙ୍କୁ ସୁସଜ୍ଜିତ କରାଯାଇଥିଲା।

# ସହରାଞ୍ଚଳକୁ ଜଳ ଯୋଗାଣ ପାଇଁ ୨୫ କୋଟି ମଞ୍ଜୁର

କଟକ,(ନିପ୍ର): କଟକ ଜିଲ୍ଲା ସହରାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ପାନୀୟ ଜଳର ସୁବିଧା ପାଇଁ ୱାଟକୋ ପକ୍ଷରୁ ଚଳିତ ୨୦୨୬-୨୭ ଆର୍ଥିକ ପକ୍ଷରେ ୨୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଅର୍ଥ ବିନିଯୋଗରେ ଜଗତପୁର ଓ ପ୍ରତାପ ନଗରୀର ଟ୍ରିଟମେଣ୍ଟ ବ୍ୟବସ୍ଥାକୁ ବଢାଯିବା ସହିତ ନରାଜ ବିଦ୍ୟାଧରପୁର ଅଞ୍ଚଳରେ ଥିବା ଶ୍ରୀ ବିଶ୍ୱବିଦ୍ୟାଳୟ ପାର୍ଶ୍ୱସ୍ଥ ଓମଫେଡରେ ଏକ ନୂତନ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବ। ନୂତନ ପ୍ଲାଣ୍ଟ ନିର୍ମାଣ ପାଇଁ ସରକାର ୨୦ କୋଟି ଟଙ୍କା ବ୍ୟୟ ଅଟକଳ କରିଥିବା ବେଳେ ଜଗତପୁର ଓ ପ୍ରତାପ ନଗରୀ ପ୍ଲାଣ୍ଟର ନବୀକରଣ ପାଇଁ ୫ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଆସନ୍ତା ଦେଢବର୍ଷ ମଧ୍ୟରେ ସମସ୍ତ ୩ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହବ। ଏବେ ୱାଟକୋ ମାଧମରେ ସହରାଞ୍ଚଳରେ ୯୩ ହଜାର ଉପୋଭୋକ୍ତା ଥିବା ବେଳେ ପ୍ରତିଦିନ ୧୧୭ ଏମ.ଏଲ୍.ଡି. ଜଳର ଆବଶ୍ୟକ ରହିଛି। ହେଲେ ଏବେ ୱାଟକୋ ୧୩୦ ଏମଏଲଡି ଲିଟର ପାଣି ଯୋଗାଉଥିଲେ ହେଁ ଜନସାଧାରଣ ବିଭିନ୍ନ ସମୟରେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୱାଟକୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଏହି ପରିମାଣ ଅର୍ଥ ମଞ୍ଜୁରୀ କରିଛନ୍ତି। କାର୍ଯ୍ୟ ସମ୍ପନ୍ନ ହେବା ପରେ ସହରାଞ୍ଚଳରେ ଆହୁରି ୫ ହଜାର ଉପଭୋକ୍ତା ସୁରୁଖୁରୁରେ ପାନୀୟ ଜଳ ପାଇପାରିବେ ବୋଲି ବୈଷ୍ଣବ ଭୁଷଣ ବେହେରା କହିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ରାୟଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଭାଗବତ ସାମଲ କଲ୍ୟାଣରାଓ,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୪୮ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ଏବଂ ୩୨ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୪ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିଲା। ଉକ୍ତ ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଆସିଥିଲା।

## ସେବା ସଂକଳ୍ପ ଅଭିଯାନ-୨୦୨୬ ଛାତ୍ରଛାତ୍ରୀଙ୍କ ନେଇ ପ୍ରତିଯୋଗିତା

ପାରଳାଖେମୁଣ୍ଡି,(ନିପ୍ର): ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ- ୨୦୨୬ ପାଳନ ଅବସରରେ ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌରପରିଷଦ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ 'ସ୍ୱପ୍ନର ଭାରତ' ଶୀର୍ଷକ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗୀତା ବଡ଼ରଇତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ୱାଇ. କ୍ରିଷ୍ଣାରାଓ, ସିଆରସିସି ସଙ୍ଗୀତା କୁମାରୀ ପାତ୍ର, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ବିଦ୍ୟାଳୟର ପୁରାତନ ଛାତ୍ର ଭାଗବତ ପାଢ଼ୀ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ 'ସ୍ୱପ୍ନର ଭାରତ' ଶୀର୍ଷକ ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଜର ସୃଜନଶୀଳତା ଓ ଚିନ୍ତାଧାରା ମାଧମରେ ଭବିଷ୍ୟତର ଭାରତ ସମ୍ପର୍କରେ ନିଜର ସ୍ୱପ୍ନ, ଆଶା ଓ ଚିନ୍ତାକୁ ଚିତ୍ର ଏବଂ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ, ସୃଜନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ସହ ଭବିଷ୍ୟତ ପ୍ରତି ଆଶାବାଦୀ ଚିନ୍ତାଧାରା ବିକାଶରେ ସହାୟକ ହୋଇଥିଲା। ଏଥିସହ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ଆଲୋଚନାଚକ୍ର ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ବେବର୍ତ୍ତା ଏବଂ ପୂର୍ବତନ ବ୍ୟାଙ୍କ ଅଧିକାରୀ ହରିମୋହନ ପଟ୍ଟନାୟକ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା, ଯତ୍ନ, ସମ୍ମାନ ଓ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ।



## କାଶୀନଗରରେ ଆଙ୍ଗନ୍ କା ଉତ୍ସବ

କାଶୀନଗର,(ନିପ୍ର): କାଶୀନଗର ଏନ ଏ ସି ଓ ବ୍ଲକ ମଧ୍ୟରେ ଥିବା ସମସ୍ତ ଅଙ୍ଗନାୱାଡି କେନ୍ଦ୍ରରେ 'ଆଙ୍ଗନ୍ କା ଉତ୍ସବ' ଏବଂ '୯ମ ରାଷ୍ଟ୍ରୀୟ ପୋଷଣ ମାସ' ପାଳନ ଅନୁଷ୍ଠିତ ହୋଇଛି. କାଶୀନଗର ଏନଏସିର ୧୨, ୧୩ ୱାର୍ଡର ଅଙ୍ଗନାୱାଡି କେନ୍ଦ୍ର ରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧକ୍ଷା ଯୋଗ ଦେଇଥିଲେ। ଅଙ୍ଗନାୱାଡି ମହିଳାମାନେ କୁନି କୁନି ଶିଶୁମାନଙ୍କ ସହ ସ୍ନେହଭରା ଭାବବିନିମୟ କରିବା ସହ ସେମାନଙ୍କ ସୃଜନଶୀଳତା ଓ ଉତ୍ସାହକୁ ଉଦ୍ଦୀପନା କରିବାରେ ସହାୟକ ହୁଏ। ଶିଶୁର ଜୀବନରେ ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ପୋଷଣ ଓ ଯତ୍ନ କେବଳ ମାଆ ନୁହେଁ, ବାପା ତଥା ପରିବାରର ସମସ୍ତ ସଦସ୍ୟଙ୍କ ମିଳିତ ସହଭାଗିତାରେ ହିଁ ସୁନିଶ୍ଚିତ ହୋଇପାରିବ ବୋଲି ସ୍ଥାନୀୟ ସି ଡ଼ି ପି ଓ କେ କୋଟେଶ୍ୱରୀ ସୂଚନା ଦେଇଛନ୍ତି। ସୁଷମ 'ତ୍ରିରଙ୍ଗା ଥାଳି'ର ଆହାର ସହ ଯୋଡ଼ିବା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। 'ପୋଷଣ ଭି ପଢ଼ାଇ ଭି' ଓ 'ସୁଖଦ ଲାଳନ ପାଳନ' ମାଧ୍ୟମରେ ପ୍ରତିଟି ଶିଶୁର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦେଇ ପ୍ରତିଟି ଶିଶୁକୁ ସୁପୋଷିତ କରି ଏକ ସୁସ୍ଥ, ସୁରକ୍ଷିତ ତଥା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ କରିବା ଲକ୍ଷରେ ଆଗେଇବା. 'ଆଙ୍ଗନ୍ କା ଉତ୍ସବ'ର ଶେଷ ଦିନ କାର୍ଯ୍ୟକ୍ରମ କାଶୀନଗର ଠାରେଥିବା ସମସ୍ତ କେନ୍ଦ୍ର ମାନଙ୍କରେ ଉତ୍ସହର ସହିତ ପାଳନ କରାଯାଇଥିଲା.

# 'ମୁଫ୍‌ତ ବିଜୁଳି ଯୋଜନା' ସୋଲାର ରଥର ଶୁଭାରମ୍ଭ

ପାରଳାଖେମୁଣ୍ଡି,(ନିପ୍ର): ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ଅନ୍ତର୍ଗତ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ଅଂଶ ଭାବେ ଗଜପତି ଜିଲ୍ଲାରେ 'ସୋଲାର ରଥ' ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋଲାର ରଥକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅମିତ ଗର୍ଗ, ସିଇଓ ବ୍ରହ୍ମପୁର, କୁଲକର୍ଣ୍ଣି ମିକନ,ସିଇଓ ବ୍ରହ୍ମପୁର, ଜୋନାଲ ମୁଖ୍ୟ ଜୟପୁର ମନ୍ମଥ ମିଶ୍ର, ବରିଷ୍ଠ ମ୍ୟାନେଜର ଟିପିଏସ୍‌ଓଡିଏଲ୍ ପି.କେ.ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଟିପିଏସ୍‌ଓଡିଏଲ୍ ରାୟଗଡ଼ା ,ଅଧୀକ୍ଷଣ ଯନ୍ତ୍ରୀ ବିଜୟ କୁମାର ସାହୁ, ଦୁରେଶ ରଞ୍ଜନ ପଣ୍ଡା, ଉପଖଣ୍ଡ ଅଧିକାରୀ ଟିପିଏସ୍‌ଓଡିଏଲ୍ ପାରଳାଖେମୁଣ୍ଡି , କୁଳୀଚରଣ ବେହେରା ଏବଂ ଯନ୍ତ୍ରୀ ଟିପିଏସ୍‌ଓଡିଏଲ୍ ପାରଳାଖେମୁଣ୍ଡି ରଜତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ଟିପିଏସଓଡିଏଲ ଦକ୍ଷିଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ପରିଚାଳିତ ଏହି ସୋଲାର ରଥ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ରୁଫ୍‌ଟପ୍ ସୋଲାର ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ଏହା ମାଧମରେ ଘରର ଛାତ ଉପରେ ସୌର ଶକ୍ତି ପ୍ରଣାଳୀ ସ୍ଥାପନର ସୁବିଧା, ଉପକାରିତା ଓ ଆର୍ଥିକ ସହାୟତା ସମ୍ପର୍କରେ ସାଧାରଣ ଲୋକଙ୍କୁ ସରଳ ଭାବରେ ସୂଚନା ଦିଆଯାଇପାରିବ। ଭ୍ରାମ୍ୟମାଣ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ଗ୍ରାମ, ଗ୍ରାମ ପଞ୍ଚାୟତ, ହାଟ, ବଜାର ଏବଂ ସାମୁଦାୟିକ ସମାବେଶ ସ୍ଥଳକୁ ଯାଇ ଗ୍ରାହକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରିବ। ଏହି ଅଭିଯାନରେ ଯୋଜନାର ଲାଭ, ରୁଫ୍‌ଟପ୍ ସୋଲାର ସ୍ଥାପନର ଯୋଗ୍ୟତା, ଆବେଦନ ପ୍ରକ୍ରିୟା, ସବସିଡି ଓ ଆର୍ଥିକ ସହାୟତା ସମ୍ପର୍କରେ ସୂଚନା ଦିଆଯିବ। ଏଥିସହ ଘରୋଇ ବିଦ୍ୟୁତ୍ ବିଲ୍ ହ୍ରାସ କରିବାର ସମ୍ଭାବନା ବିଷୟରେ ମଧ ଲୋକଙ୍କୁ ସଚେତନ କରାଯିବ।

ଗଜପତି ଜିଲ୍ଲାର ପାହାଡ଼ିଆ ଭୂ-ପ୍ରକୃତି, ବିଚ୍ଛିନ୍ନ ଜନବସତି ଏବଂ ଗ୍ରାମୀଣ ଅଞ୍ଚଳର ଭୌଗୋଳିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଭ୍ରାମ୍ୟମାଣ ସଚେତନତା ଅଭିଯାନର ବିଶେଷ ଗୁରୁତ୍ୱ ରହିଛି। ସମ୍ପ୍ରଦାୟ ନିକଟକୁ ସିଧାସଳଖ ଏହି ଅଭିଯାନ ପହଞ୍ଚିବା ଦ୍ୱାରା ଯୋଜନା ସମ୍ପର୍କିତ ସୂଚନାର ବ୍ୟବଧାନ ଦୂର ହେବା ସହ ଦୁର୍ଗମ ଓ କମ୍ ସୁବିଧା ଥିବା ଅଞ୍ଚଳର ଗ୍ରାହକମାନେ ମଧ ଏହାର ସୁବିଧା ସମ୍ପର୍କରେ ଜାଣିପାରିବେ। ସୋଲାର ରଥ ଟିପିଏସ୍‌ଓଡିଏଲ୍‌ର ଆଠଟି ଜିଲ୍ଲାବ୍ୟାପୀ କାର୍ଯ୍ୟକ୍ଷେତ୍ରରେ ରୁଫ୍‌ଟପ୍ ସୋଲାର ସମ୍ପର୍କିତ ସଚେତନତା ବୃଦ୍ଧି, ଗ୍ରାହକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ ଏବଂ ଯୋଜନାର ଲାଭ ଲୋକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ।




## ଶିକ୍ଷଣୀୟ ପରିଦର୍ଶନରେ ପ୍ରାଣୀବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ

ସାଲେପୁର,(ନିପ୍ର): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ନେଇ ଭୁବନେଶ୍ୱରସ୍ଥିତ ହେରିଡେଟି ବାୟୋସାଇନ୍ସ ପରୀକ୍ଷାଗାର ଏବଂ ରିଜିଓନାଲ ମ୍ୟୁଜିୟମ୍ ଅଫ୍ ନାଚୁରାଲ୍ ହିଷ୍ଟ୍ରି ପରିଦର୍ଶନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷା ଡଃ ମନୋଜା ମଞ୍ଜରୀ ସ୍ୱାଇଁଙ୍କ ସହଯୋଗରେ ଏହି ଶିକ୍ଷଣୀୟ ପରିଦର୍ଶନ ଆୟୋଜିତ ହୋଇଥିଲା। ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡଃ ଅଞ୍ଜୁମ୍ ହସନ୍‌ଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।

**AFFIDAVT**

By virtue of an affidavit Sworn before the Notary Public ,Champua, affidavit no 3756 dated 28/09/2026,I Ranjit Nayak S /o- Daitari Nayak of Village /Po- Pokharia ,Ps- Champua ,Dist -Keonjhar, 758044,Odisha, hereby changed the name of my daughter from Puja Nayak (Old name ) to Pujarani Nayak (New Name) Henceforth, She shall be known as Pujarani Nayak for all purposes.

**Sd/-Ranjit Nayaik**

## ରୁଷ୍ ବିମାନକୁ ଆକାଶମାର୍ଗ ଦେଲାନି ପାକିସ୍ତାନ

ନୂଆଦିଲ୍ଲୀ, ୨୯।୯ : ରୁଷର ଏକ ପରିବହନ ବିମାନକୁ ପାକିସ୍ତାନ ବାୟୁସୀମା ବ୍ୟବହାର ପାଇଁ ଅନୁମତି ଦେଇନାହିଁ। ରୁଷର ଉକ୍ତ ବିମାନଟି ବାଂଲାଦେଶର ରୋପ୍ପୁର ଆଣବିକ ଶକ୍ତି କେନ୍ଦ୍ର ପାଇଁ ଆଣବିକ ଇନ୍ଧନ ବହନ କରୁଥିଲା। ତେବେ ପାକିସ୍ତାନ ବାୟୁସୀମା ବ୍ୟବହାର ପାଇଁ ଅନୁମତି ନଦେବା ଫଳରେ ବାଂଲାଦେଶର ଉକ୍ତ ଆଣବିକ କେନ୍ଦ୍ରରେ ୟୁରାନିୟମ୍ ପହଞ୍ଚିବାରେ ବିଳମ୍ବ ହୋଇଛି। ତେବେ ପାକିସ୍ତାନରେ ପରେ ଉକ୍ତ ଘଟଣାକୁ ଏକ ଯାନ୍ତ୍ରିକ ପ୍ରସଙ୍ଗ ବୋଲି କହିଛି। ଉଲ୍ଲେଖଯୋଗ୍ୟ ସେପ୍ଟେମ୍ବର ୨୪ ତାରିଖରେ ଏହି ପରମାଣୁ ଇନ୍ଧନ ବାଂଲାଦେଶରେ ପହଞ୍ଚିବାର ଥିଲା। କିନ୍ତୁ ବିମାନଟିକୁ ପାକିସ୍ତାନ ବାୟୁସୀମା ବ୍ୟବହାର ଅନୁମତି ନମିଳିବାରୁ ଏହା ଧାର୍ଯ୍ୟ ସମୟରେ ବାଂଲାଦେଶରେ ପହଞ୍ଚିପାରିନି। ବାଂଲାଦେଶର ବିଜ୍ଞାନ ଏବଂ ପ୍ରଯୁକ୍ତି ମନ୍ତ୍ରୀ ଫକିର ମହବୁବ ଅନମ କହିଛନ୍ତି, ପାକିସ୍ତାନ କାହିଁକି ଏହାର ବାୟୁସୀମା ବ୍ୟବହାର ପାଇଁ ଅନୁମତି ଦେଲାନି ତାହା ଆମେ ଜାଣିନାହୁଁ। ତେବେ ବିମାନ ଅକ୍ଟୋବର ପ୍ରଥମ ସପ୍ତାହରେ ପହଞ୍ଚିବ ବୋଲି ରୁଷ୍ କହିଛି। ଅନ୍ୟପକ୍ଷେ ଢାକା ସ୍ଥିତ ପାକିସ୍ତାନ ଉଚ୍ଚାୟୁକ୍ତ କହିଛନ୍ତି ଯେ ଏହା ଏକ ଯାନ୍ତ୍ରିକ ପ୍ରସଙ୍ଗ। ଏହାକୁ ପାକିସ୍ତାନ-ବାଂଲାଦେଶ ସମ୍ପର୍କ ସହ ଯୋଡ଼ିବା ଠିକ୍ ହେବନାହିଁ।

## ଦିଲ୍ଲୀରୁ ଡ୍ରଗ୍ସ କୁଇନ୍ ଗିରଫ

ନୂଆଦିଲ୍ଲୀ, ୨୯।୯ : ଏକ ବଡ଼ ଆନ୍ତଃରାଜ୍ୟ ଡ୍ରଗ୍ସସିଣ୍ଡିକେଟର ପର୍ଦ୍ଦାଫାସ୍ ଦିଲ୍ଲୀ ପୁଲିସ ଦ୍ୱାରା କରାଯାଇଛି। ଅପରେସନ୍ ସମୟରେ ଡ୍ରଗ୍ସ କୁଇନ୍ ଚାଲାଣକାରୀ ପାର୍ବତୀଙ୍କ ଘରୁ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ କରାଯାଇଛି। ପୁଲିସ ମୋଟ ୧.୨୦୪ କିଲୋଗ୍ରାମ ହେରୋଇନ୍ ଏବଂ ୬୪ ଲକ୍ଷ ୬୨ ହଜାର ନଗଦ ମଧ୍ୟ ଜବତ କରିଛି। ଏଫଆଇଆର ଅନୁଯାୟୀ, ଡ୍ରଗ୍ସ କିଙ୍ଗପିନ୍ ପାର୍ବତୀଙ୍କ ଘରୁ ନଗଦ ସହିତ ୩୫୫ ଗ୍ରାମ ସୁନା ଏବଂ ୧୬୧ ଗ୍ରାମ ରୁପା ମଧ୍ୟ ଜବତ କରାଯାଇଛି। ପୁଲିସ ଚୋରା ଚାଲାଣରୁ କିଣାଯାଇଥିବା ସମ୍ପତ୍ତି ସହିତ ଜଡିତ ଚାରୋଟି ସମ୍ପତ୍ତିର ରେଜିଷ୍ଟ୍ରି ଡକ୍ୟୁମେଣ୍ଟ ମଧ୍ୟ ଜବତ କରିଛି। ପୁଲିସ ଦୁଇଟି କାର ମଧ୍ୟ ଜବତ କରିଛି। ଡିସିପିଙ୍କ କାର୍ଯ୍ୟାଳୟ ବାହ୍ୟ ଉତ୍ତର ଜିଲ୍ଲାରୁ ଏକ ଦଳ ଏହି ଅଭିଯାନ ଚଳାଇଥିଲା। ଏହି ମାମଲାରେ ଏପର୍ଯ୍ୟନ୍ତ ତିନି ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି।

## ଆତଙ୍କବାଦୀଙ୍କ ତାଲିକା: ଗୋଲ୍ଡି ବ୍ରାର୍ ୫୬ ନମ୍ବର

ନୂଆଦିଲ୍ଲୀ, ୨୯।୯ : ଭାରତ ସରକାରଙ୍କ ଦ୍ୱାରା 'ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ଆଇନ' ଅଧୀନରେ ଆତଙ୍କବାଦୀ ଭାବେ ଘୋଷିତ ବ୍ୟକ୍ତିମାନଙ୍କ ତାଲିକାରେ ଦାଉଦ୍ ଇବ୍ରାହିମ, ଜୈଶ-ଏ-ମହମ୍ମଦର ପ୍ରତିଷ୍ଠାତା ମାସୁଦ୍ ଅଝାର, ଲସ୍କର-ଏ-ତାଇବାର ନେତା ହାଫିଜ୍ ମହମ୍ମଦ ସଇଦ୍ ଏବଂ ଖଲିସ୍ତାନ ସହ ଜଡ଼ିତ ଗୋଲ୍ଡି ବ୍ରାର୍ ପ୍ରମୁଖ ସାମିଲ ଅଛନ୍ତି। ଗୋଲ୍ଡି ବ୍ରାରଙ୍କୁ ନେଇ ଏହି ଘଟଣାକ୍ରମ ଭାରତର ତାଲିକା ଉପରେ ପୁନର୍ବାର ଦୃଷ୍ଟି ଆକର୍ଷଣ କରିଛି। କାରଣ ସେପ୍ଟେମ୍ବର ୨୮ ତାରିଖରେ ଏଫ୍‌ବିଆଇ ସତୀନ୍ଦରଜିତ୍ ସିଂହ ଓରଫ୍ ଗୋଲ୍ଡି ବ୍ରାରଙ୍କୁ ନିଜର 'ଦଶ ଜଣ ସର୍ବାଧିକ ଲୋଡ଼ାଯାଉଥିବା ଫେରାର ଅପରାଧୀ' ତାଲିକାରେ ସାମିଲ କରିଛି ଏବଂ ତାଙ୍କ ଗିରଫଦାରୀ ପାଇଁ ସୂଚନା ଦେଲେ ୧ ନିୟୁତ ଡଲାର୍ ପର୍ଯ୍ୟନ୍ତ ପୁରସ୍କାର ଘୋଷଣା କରିଛି। ବର୍ତ୍ତମାନ ଭାରତର ଗୃହ ମନ୍ତ୍ରଣାଳୟ ଦ୍ୱାରା 'ଉପା'ର ଧାରା ୩୫ ଅଧୀନରେ ଆତଙ୍କବାଦୀ ଭାବେ ଘୋଷିତ ବ୍ୟକ୍ତିମାନଙ୍କ ତାଲିକାରେ ଗୋଲ୍ଡି ବ୍ରାର୍ ୫୬ ନମ୍ବର କ୍ରମିକ ସଂଖ୍ୟାରେ ସ୍ଥାନ ପାଇଛନ୍ତି।

## ଚାପୁଡ଼ା ବିବାଦ: ଆପ୍ ନେତା ଓ ବିଧାୟକ ଅଟକ

ନୂଆଦିଲ୍ଲୀ, ୨୯।୯ : ପଶ୍ଚିମ ଦିଲ୍ଲୀର ତିଳକ ନଗରରେ ରାସ୍ତା ଯାଞ୍ଚ ସମୟରେ ଜଣେ ବ୍ୟକ୍ତିଙ୍କୁ ଚାପୁଡ଼ା ମାରିବା ପାଇଁ ଦିଲ୍ଲୀ ମନ୍ତ୍ରୀ ପରବେଶ ବର୍ମାଙ୍କ ବିରୋଧରେ ଏତଲା ଦାବି କରି ଏକ ପ୍ରତିବାଦ ସଭା ସମୟରେ ସୌରଭ ଭରଦ୍ୱାଜ ଓ ବିଧାୟକ ଜର୍ଣ୍ଣେଲ ସିଂହଙ୍କ ସମେତ ଆମ ଆଦମୀ ପାର୍ଟି ନେତାମାନଙ୍କୁ ଦିଲ୍ଲୀ ପୁଲିସ ମୁଖ୍ୟାଳୟ ବାହାରେ ଅଟକ ରଖାଯାଇଛି। ପ୍ରତିବାଦ ସମୟରେ ଜଣେ ହେଡ୍ କନେଷ୍ଟବଲଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଭରଦ୍ୱାଜ, ଜର୍ଣ୍ଣେଲ ସିଂହ ଓ ଅନ୍ୟମାନଙ୍କ ବିରୋଧରେ ମଧ୍ୟ ଏତଲା ରୁଜୁ କରାଯାଇଛି।

## ଆମେରିକାରେ ଇସ୍ପାତ କାରଖାନା କରିବ ଏସାର

ନୂଆଦିଲ୍ଲୀ, ୨୯।୯ : ଏସାର୍ ଆମେରିକାରେ ବଡ଼ ଧରଣର ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବାକୁ ଯାଉଛି। ଏସାର୍ ଗ୍ରୁପର ଆମେରିକୀୟ ସହାୟକ କମ୍ପାନି ମେସାବି ମେଟାଲିକ୍ସ ଆଇଓ୍ୱାରେ ଏହି ଇସ୍ପାତ କାରଖାନା ନିର୍ମାଣ କରିବ। ଏଥିରେ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ନିବେଶ ହେବ ବୋଲି ଏସାର୍ ପକ୍ଷରୁ ଜଣାପଡ଼ିଛି। ଏହି ପ୍ରକଳ୍ପରୁ ୨୦୩୦ରୁ ଇସ୍ପାତ ଉତ୍ପାଦନ ଆରମ୍ଭ କରିବାର ଲକ୍ଷ୍ୟ ରହିଛି। କାରଖାନା ପୂର୍ଣ୍ଣ କ୍ଷମତାରେ ଚାଲିଲେ ବର୍ଷକୁ ପ୍ରାୟ ୧ କୋଟି ଟନ୍ ଇସ୍ପାତ ଉତ୍ପାଦନ ହୋଇପାରିବ। ଏହା ଆମେରିକାର ସବୁଠାରୁ ବଡ଼ ଇସ୍ପାତ କାରଖାନାଗୁଡ଼ିକ ମଧ୍ୟରୁ ଗୋଟିଏ ହେବ। ଏହି ପ୍ରକଳ୍ପରେ ନିର୍ମାଣ ସମୟରେ ପ୍ରାୟ ୬,୦୦୦ ଚାକିରି ସୃଷ୍ଟି ହେବା ସହିତ କାରଖାନା ଓ ଖଣି କାର୍ଯ୍ୟରେ ପ୍ରାୟ ୨,୦୦୦ ସ୍ଥାୟୀ ନିଯୁକ୍ତି ସୃଷ୍ଟି ହେବ ବୋଲି ଆମେରିକୀୟ ଅଧିକାରୀମାନେ କହିଛନ୍ତି। ଆଇଓ୍ୱାରେ ହେବାକୁ ଥିବା ଏହି କାରଖାନାକୁ କଞ୍ଚାମାଲ ମିନେସୋଟାର ମେସାବି ଆଇରନ୍ ରେଞ୍ଜରେ ଏସାର୍ ଗ୍ରୁପ୍ ବିକଶିତ କରୁଥିବା ନୂଆ ଲୁହାପଥର ଖଣିରୁ ଯୋଗାଣ କରାଯିବ। ଏହି ଖଣିରେ ପ୍ରାୟ ୨.୫ ବିଲିୟନ୍ ଡଲାର ନିବେଶ ହୋଇଛି। ଖଣିରୁ ବର୍ଷକୁ ପ୍ରାୟ ୭.୫ ନିୟୁତ ଟନ୍ ଲୁହାପଥର ଉତ୍ପାଦନ ହେବାର ଲକ୍ଷ୍ୟ ରହିଛି। ଏସାର୍ ଗ୍ରୁପର ସହ-ପ୍ରତିଷ୍ଠାତା ରବି ରୁଇଆ ଏବଂ ମେସାବି ମେଟାଲିକ୍ସର ଚେୟାରମ୍ୟାନ୍ ରେଓ୍ୱନ୍ତ ରୁଇଆଙ୍କ ଉପସ୍ଥିତିରେ ହ୍ୱାଇଟ୍ ହାଉସରେ ଏହି ପ୍ରକଳ୍ପ ଘୋଷଣା କରାଯାଇଛି। ମେସାବି ମେଟାଲିକ୍ସ କହିଛି ଯେ ନୂଆ କାରଖାନାରେ ଆଧୁନିକ ଇସ୍ପାତ ଉତ୍ପାଦନ ପ୍ରଯୁକ୍ତି ବ୍ୟବହାର କରାଯିବ।

## ୟୁକ୍ରେନ୍ ଲଞ୍ଚ କଲା ଆର୍ମି ରୋବଟ୍

ନୂଆଦିଲ୍ଲୀ, ୨୯/୯ ; ରୁଷ୍-ୟୁକ୍ରେନ୍ ଯୁଦ୍ଧରେ ରୋବଟ୍ ସୈନ୍ୟ ବି ସାମିଲ ହୋଇଛନ୍ତି । ୟୁକ୍ରେନ୍ ପ୍ରଥମ ଥର ପାଇଁ ବଡ଼ ସଂଖ୍ୟାରେ ଆତ୍ମଘାତୀ ରୋବଟ ମୁତୟନ କରି ରୁଷୀ ସୈନ୍ୟଙ୍କ ଉପରେ ଆକ୍ରମଣ କରାଇଛି। ଏଥିରେ ରୁଷର ବ୍ୟାପକ କ୍ଷୟକ୍ଷତି କରାଇଛି। ଏଥିରେ ରୁଷର ବ୍ୟାପକ କ୍ଷୟକ୍ଷତି ଘଟିଥିବା ଦାବି କରାଯାଇଛି। ୟୁକ୍ରେନର ଥାର୍ଡ ଆର୍ମି କର୍ପସ ମୁତାବକ, ଆପରେସନ୍ ଭିଭାଲଡି ଅଧୀନରେ ରୋବଟ ଏବଂ ଡ୍ରୋନ୍ ସହାୟତାରେ ରୁଷର ପ୍ରାୟ ୩ ହଜାର ସୈନ୍ୟଙ୍କୁ ନିହତ କରାଯାଇଛି । ଏହା ସହିତ ୫ଟି ଗ୍ରାମ ଏବଂ ୩ଟି ବସ୍ତିକୁ ରୁଷ୍ କବଳରୁ ଉଦ୍ଧାର କରାଯାଇଛି । ଯୁଦ୍ଧଭୂମିରେ ରୋବଟ ମୁତୟନ ଅଭିଯାନ ଚଳିତବର୍ଷ ମେରୁ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ରୋବଟ ଦ୍ୱାରା ୧୫,୭୦୦ରୁ ଅଧିକ ମିଶନ ପୂରଣ ହୋଇଛି । ରୋବଟଗୁଡ଼ିକୁ ବିସ୍ଫୋରକ ସହ ଯୁଦ୍ଧରେ ସାମିଲ ହେଇ ଆତ୍ମଘାତୀ ଆକ୍ରମଣ ଘଟାଇଥିଲେ। ୟୁକ୍ରେନ ପକ୍ଷରୁ ଏ ନେଇ ଭିଡିଓ ଜାରି କରାଯାଇଛି। ଏଥିରେ ରୋବଟଗୁଡ଼ିକ କିଭଳି ଆକ୍ରମଣ କରୁଛନ୍ତି, ତାହା ଦେଖାଯାଇଛି।

# ଔଷଧ ଦାମ୍‌ରେ ୧୦ ଗୁଣ ଫରକ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ



ନୂଆଦିଲ୍ଲୀ, ୨୯।୯ : କ୍ୟାନ୍ସର ଔଷଧର ଦାମରେ ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଣ ମୂଲ୍ୟ ଓ ରୋଗୀଙ୍କଠାରୁ ନିଆଯାଉଥିବା ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍‌ଆରପି) ମଧ୍ୟରେ ବିପୁଳ ଫରକ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ଜଣେ ରୋଗୀଙ୍କ ପାଇଁ ଆବଶ୍ୟକ କ୍ୟାନ୍ସର ଔଷଧ ଖୁଚୁରା ବ୍ୟବସାୟୀଙ୍କୁ ପ୍ରାୟ ୨,୭୦୦ ଟଙ୍କାରେ ଯୋଗାଇ ଦିଆଯାଉଥିବା ବେଳେ ତାହାର ଏମ୍‌ଆରପି ୨୭,୦୦୦ ଟଙ୍କା ରଖାଯାଇଥିବା ଉଦାହରଣ ଦେଇ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଔଷଧ ଦାମ୍ ନିୟନ୍ତ୍ରଣ, ଜେନେରିକ୍ ଔଷଧ ଲେଖିବା ଏବଂ ମେଡିକାଲ୍ ଡିଭାଇସର ମୂଲ୍ୟ ନିୟନ୍ତ୍ରଣ ସମ୍ପର୍କିତ ଆବେଦନର ଶୁଣାଣି କରୁଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ମାମଲାରେ ପକ୍ଷ ରଖିଥିଲେ। ଖଣ୍ଡପୀଠ ପ୍ରଶ୍ନ କରିଥିଲେ, ଆବଶ୍ୟକ ଓ ଅନାବଶ୍ୟକ ଔଷଧ ମଧ୍ୟରେ ଏପରି ଫରକ କାହିଁକି ରହିବ ଏବଂ ସବୁ ଔଷଧରେ ୧୬ ପ୍ରତିଶତ ମାର୍ଜିନ୍ ଲାଗୁ କରାଯାଇପାରିବ ନାହିଁ କି? ବର୍ତ୍ତମାନ ଡ୍ରଗ୍ସ ପ୍ରାଇସେସ୍ କଣ୍ଟ୍ରୋଲ୍ ଅର୍ଡର୍ (ଡିପିସିଓ), ୨୦୧୩ ଅନୁଯାୟୀ ତାଲିକାଭୁକ୍ତ ଔଷଧର ଦାମ୍ ନିର୍ଦ୍ଧାରଣ ସମୟରେ ୧୬ ପ୍ରତିଶତ ଖୁଚୁରା ବ୍ୟବସାୟୀ ମାର୍ଜିନ୍ ଯୋଗ କରାଯାଏ। କିନ୍ତୁ ଏହି ନିୟମ ସବୁ ଔଷଧ ପାଇଁ ସମାନ ଭାବେ ଲାଗୁ ହୁଏନାହିଁ। ଏହି ମାମଲାରେ ଆବେଦନକାରୀ କିଶନ ଚନ୍ଦ ଜୈନ ଔଷଧର ଦାମ୍ ନିୟନ୍ତ୍ରଣ କଡ଼ାକଡ଼ି କରିବା, ଜେନେରିକ୍ ଔଷଧ ଲେଖିବା ବାଧ୍ୟତାମୂଳକ କରିବା ଏବଂ ମେଡିକାଲ୍ ଡିଭାଇସର ମୂଲ୍ୟ ନିୟନ୍ତ୍ରଣ ଭଳି ଦାବି କରିଛନ୍ତି। କର୍ପୋରେଟ୍ ହସ୍ପିଟାଲଗୁଡ଼ିକ ନିଜସ୍ୱ ଫାର୍ମାସିରୁ ହିଁ ରୋଗୀଙ୍କୁ ଔଷଧ କିଣିବାକୁ ବାଧ୍ୟ କରୁଥିବା ଅଭିଯୋଗ ଉପରେ ମଧ୍ୟ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ବାହାର ଦୋକାନରୁ ଔଷଧ କିଣିଲେ ଚିକିତ୍ସା ନିଶ୍ଚିତ କରାଯିବ ନାହିଁ ବୋଲି କୁହାଯାଉଥିବା ଘଟଣାକୁ ନେଇ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତୁଷାର ମେହେଟ୍ଟା ଏହି ପ୍ରସଙ୍ଗରେ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି କହିବା ସହ ସମସ୍ତ ପକ୍ଷର ସ୍ୱାର୍ଥ ମଧ୍ୟରେ ସନ୍ତୁଳନ ରଖି ସମାଧାନ ଖୋଜିବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୨ରେ କରିବାକୁ ଧାର୍ଯ୍ୟ କରିଛନ୍ତି।

## ସିଇସିଙ୍କୁ ହଟାଇବା ସଂକ୍ରାନ୍ତ ଇଣ୍ଡିମେଣ୍ଟର ପ୍ରସ୍ତାବିତ ନୋଟିସକୁ ଆପ୍, ଡିଏମକେର ସମର୍ଥନ

ନୂଆଦିଲ୍ଲୀ, ୨୯।୯ : ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ବିରୋଧୀ ଇଣ୍ଡି ମେଣ୍ଟ ସଂସଦରେ ଏକ ନୋଟିସ୍ ଆଣିବ। ଏଥିପାଇଁ ଇଣ୍ଡି ମେଣ୍ଟ ସହଯୋଗୀମାନେ ଅଧିକରୁ ଅଧିକ ବିରୋଧୀ ଦଳ ଗୁଡ଼ିକର ସହଯୋଗ ଲୋଡୁଛନ୍ତି। ଏହି କ୍ରମରେ ଆମ୍ ଆଦମୀ ପାର୍ଟି (ଆପ୍) ଏବଂ ଡିଏମକେ (ଦ୍ରାବିଡ଼ ମୁନ୍ନେତ୍ରା କାଝାଗମ୍) ମଧ୍ୟ ନୋଟିସକୁ ସମର୍ଥନ କରି ଏଥିରେ ସ୍ୱାକ୍ଷର କରିବାକୁ ରାଜି ହୋଇଥିବା ଜଣାପଡ଼ିଛି। ଉଭୟ ଆପ୍ ଏବଂ ଡିଏମକେ ଇଣ୍ଡିମେଣ୍ଟଠାରୁ ଦୂରେଇ ରହିଥିଲେ ମଧ୍ୟ ସିଇସିଙ୍କୁ ହଟାଇବା ପାଇଁ ଆସିବାକୁ ଥିବା ନୋଟିସରେ ସେମାନେ ସ୍ୱାକ୍ଷର କରିବେ ବୋଲି ରାଜି ଥିବା ଜଣାପଡ଼ିଛି। ସିପିଏମ୍ ସାଧାରଣ ସମ୍ପାଦକ ଏମ୍ ଏ ବେବି ଏହି ପ୍ରସଙ୍ଗରେ ଗତ ରବିବାର ଦିନ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଭେଟିଥିଲେ। ଅନ୍ୟପକ୍ଷେ ଟିଏମସିର ଡେରେକ୍ ଓବ୍ରାଏନ ଆପ୍ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହଙ୍କୁ ମଙ୍ଗଳବାର ଭେଟିଛନ୍ତି। ସଦ୍ୟ ନୋଟିସ୍ ପାଇଁ ବିରୋଧୀ ନେତାମାନେ ଅଧିକ ସମର୍ଥନ ଚାହୁଁଥିବାବେଳେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଡିଏମକେ ନେତା କାନିମୋଝି ମଧ୍ୟ ସେପ୍ଟେମ୍ବର ୧୭ ତାରିଖରେ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ କୋଲକାତାରେ ଭେଟିଥିଲେ। ଉଭୟ ଆପ୍ ଏବଂ ଡିଏମକେ ସିଇସିଙ୍କୁ ହଟାଇବା ପାଇଁ ବିରୋଧୀ ଇଣ୍ଡି ମେଣ୍ଟ ସଂସଦରେ ଆଣିବାକୁ ଥିବା ନୋଟିସକୁ ସମର୍ଥନ କରିବେ ବୋଲି ରାଜି ହୋଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ସିଇସି ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ବିରୋଧୀ ଦଳ ଗୁଡ଼ିକ ପ୍ରସ୍ତୁତ ହେଉଛନ୍ତି। ସେମାନେ ଏଥିପାଇଁ ଆଗକୁ ଲୋକସଭା ଏବଂ ରାଜ୍ୟସଭାରେ ଏକ ସଦ୍ୟ ନୋଟିସ୍ ଦାଖଲ କରିବେ। ତେବେ କୁମାରଙ୍କୁ ହଟାଇବାପାଇଁ ଏହା ବିରୋଧୀ ଦଳ ନେତାମାନଙ୍କ ଦ୍ୱାରା ତୃତୀୟ ଉଦ୍ୟମ।

## ଅଫିସରଙ୍କ ସମେତ ୪ ସହକର୍ମୀଙ୍କୁ ଗୁଳି କରି ହତ୍ୟା କଲେ ସିଆଇଏସ୍‌ଏଫ୍ ଯବାନ




କଠୁଆ, ୨୯।୯ : ଜାମ୍ମୁ-କାଶ୍ମୀରର କଠୁଆ ଜିଲ୍ଲାରେ ଜଣେ ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ) ଯବାନ ତାଙ୍କ ୪ ସହକର୍ମୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଅଫିସର୍ ଅଛନ୍ତି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ୪୦ରେ କଠୁଆ ଜିଲ୍ଲାର ବସୋହଲି ତହସିଲ ଅନ୍ତର୍ଗତ ସେବା-୨ ହାଇଡେଲ୍ ପାଓ୍ୱାର ପ୍ରୋଜେକ୍ଟର ସିଆଇଏସ୍‌ଏଫ୍ ଶିବିରରେ ଏହି ଘଟଣା ଘଟିଛି। ଗୁଳିକାଣ୍ଡରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଙ୍କିତ କୁମାର ପାଣ୍ଡେ, ଏସ୍‌ଆଇ ଲକ୍ଷ୍ମଣ ସିଂହ, କନେଷ୍ଟବଲ ରଫିକ ଅହମଦ ଓ କନେଷ୍ଟବଲ ସନ୍ଦୀପ କୁମାରଙ୍କ ମୃତ୍ୟୁ ହୋଇଛି। ଗୁଳି ଚଳାଇଥିବା ଯବାନ ଜଣକ ମୁଖ୍ୟ କନେଷ୍ଟବଲ ଅବଧେଶ କୁମାର ସିଂହ ବୋଲି ଜଣାପଡ଼ିଛି। ସେ ଅଫିସ୍ ପରିସରରେ ପଶି ଏକେ-୪୭ରୁ ଗୁଳି ଚଳାଇଥିବା ସୂଚନା ମିଳିଛି। ଗୁଳିକାଣ୍ଡରେ ଗୁରୁତର ଆହତ ୪ ଯବାନଙ୍କୁ ହିମାଚଳପ୍ରଦେଶର ଏନ୍‌ଏଚପିସି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସମସ୍ତଙ୍କର ମୃତ୍ୟୁ ହୋଇଥିଲା। ଘଟଣା ପରେ କଠୁଆରୁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସିଆଇଏସ୍‌ଏଫ୍ ପକ୍ଷରୁ ମଧ୍ୟ ଆଭ୍ୟନ୍ତରୀଣ ତଦନ୍ତ କରାଯାଉଛି। ସିଆଇଏସ୍‌ଏଫ୍ ମୁଖ୍ୟାଳୟ ଘଟଣାର ତଦନ୍ତ ପାଇଁ କୋର୍ଟ ଅଫ୍ ଏନକାରି ନିର୍ଦ୍ଦେଶ ଦେଇଛି। ଗୁଳିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଡ୍ୟୁଟି ପରିବର୍ତ୍ତନ ସମୟରେ ଯବାନମାନଙ୍କ ମଧ୍ୟରେ ବଚସା ହୋଇଥିବା ଏବଂ ଏହାପରେ ଅବଧେଶ ଗୁଳି ଚଳାଇଥିବା କୁହାଯାଉଛି। ସେବା-୨ ହାଇଡେଲ୍ ପାଓ୍ୱାର ପ୍ରୋଜେକ୍ଟ ବସୋହଲି ତହସିଲରେ ହିମାଚଳପ୍ରଦେଶ ସୀମା ନିକଟରେ ଅବସ୍ଥିତ।

## ଆମେରିକା ଉପରେ ଅସନ୍ତୋଷ ଝାଡ଼ିଲେ ଜୟଶଙ୍କର
# ଆତଙ୍କବାଦ ଓ ବାଣିଜ୍ୟ ପ୍ରସଙ୍ଗରେ ଭାରତର ସମସ୍ୟାକୁ ବୁଝୁନି ଓ୍ୱାଶିଂଟନ୍



ନୂଆଦିଲ୍ଲୀ, ୨୯।୯ : ପାକିସ୍ତାନରୁ ଚାଲିଥିବା ଆତଙ୍କବାଦ ଓ ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରସଙ୍ଗରେ ଆମେରିକାର ମନୋଭାବକୁ ନେଇ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ନିୟୁୟର୍କଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ଭାରତ ଉପରେ ବର୍ଷ ବର୍ଷ ଧରି ହେଉଥିବା ଆତଙ୍କବାଦୀ ଆକ୍ରମଣ ଭାରତ ପାଇଁ ସବୁଠାରୁ ବଡ଼ ସମସ୍ୟା। ମାତ୍ର ଆମେରିକା ଭଳି ସହଯୋଗୀ ଦେଶ ଭାରତର ଏହି ସମ୍ବେଦନଶୀଳ ସମସ୍ୟାକୁ ସଠିକ୍ ଭାବେ ନବୁଝିବା କିମ୍ବା ଗୁରୁତ୍ୱ ନଦେବା ଦ୍ୱାରା ଦୁଇ ଦେଶର ବନ୍ଧୁତା ଓ ସମ୍ପର୍କ ଉପରେ ଖରାପ ପ୍ରଭାବ ପଡୁଛି। ଏହା ସହିତ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି କଠିନ ହେବା ଏବଂ ଆମେରିକାର ନୂଆ ଶୁଳ୍କ (ଟାରିଫ୍) ନୀତି ଯୋଗୁଁ ସମ୍ପର୍କରେ କିଛି ମତଭେଦ ଦେଖାଦେଇଥିବା ସେ ସ୍ୱୀକାର କରିଛନ୍ତି। ଭାରତର କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ଛୋଟ କାରଖାନାଗୁଡ଼ିକର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଭାରତ ନିଜ ସ୍ଥାପନାରେ କୌଣସି ଆପୋଷ ବୁଝାମଣା କରିନାହିଁ। ତେବେ ବର୍ତ୍ତମାନ ଏହି ବାଣିଜ୍ୟ ଚୁକ୍ତି ଉପରେ ଏକ ପ୍ରକାର ସହମତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ, ଜାତିସଂଘ ସାଧାରଣ ସଭାରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ମିଥ୍ୟା ଦାବିର କଡ଼ା ଜବାବ ଦେଇଛନ୍ତି ଜୟଶଙ୍କର। ସେ ପାକିସ୍ତାନକୁ ''କ୍ରମାଗତ ଆତଙ୍କବାଦ ରଚୁଥିବା ଦେଶ'' ବୋଲି କହିବା ସହ ଆତଙ୍କବାଦ ଓ ବନ୍ଧୁତା କେବେ ହେଲେ ଏକାଠି ଚାଲିପାରିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ନିଜର ସୁରକ୍ଷା ପାଇଁ ଭାରତ କଠୋର ପଦକ୍ଷେପ ନେବାର ପୂର୍ଣ୍ଣ ଅଧିକାର ରଖିଛି ବୋଲି ସେ ଦୃଢ଼ ଭାବେ କହିଛନ୍ତି।

## ମନ୍ତବ୍ୟ ପାଇଁ ସମାଲୋଚିତ ହେଲେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୯।୯ : ଉତ୍ତର ଓ ଦକ୍ଷିଣ ଭାରତ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ପ୍ରାୟତଃ କଥା ହେଉଥିବା ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଏ. ରେଓ୍ୱନ୍ତ ରେଡ୍ଡୀ, ସୋମବାର ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହିନ୍ଦୁ ଦେବତା ଏବଂ ବିଭିନ୍ନ ସ୍ଲୋଗାନ୍‌କୁ ନେଇ ଦେଇଥିବା ମନ୍ତବ୍ୟ ପାଇଁ ସମାଲୋଚନାର ଶିକାର ହୋଇଛନ୍ତି। ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ହର ହର ମହାଦେବ' ପରିବର୍ତ୍ତେ 'ଜୟ ଶ୍ରୀ ରାମ' ସ୍ଲୋଗାନ୍ ବ୍ୟବହାର କରୁଥିବା କଥା ଉଲ୍ଲେଖ କରି ସେ କହିଥିଲେ, 'ଏହାର କାରଣ ହେଲା ଆମେ ଦ୍ରାବିଡ଼ ଏବଂ ଭଗବାନ ଶିବଙ୍କ ଉପାସକ, ଅନ୍ୟପକ୍ଷରେ ସେମାନେ ହେଉଛନ୍ତି ଆର୍ଯ୍ୟ ଯେଉଁମାନେ ଭଗବାନ ଶ୍ରୀରାମଙ୍କୁ ପୂଜା କରନ୍ତି। ଭଗବାନ ଶିବ ହେଉଛନ୍ତି ଗରିବଙ୍କ ଦେବତା ଏବଂ ଭଗବାନ ଶ୍ରୀରାମ ହେଉଛନ୍ତି ଧନୀଙ୍କ ଦେବତା। ଲୋକମାନେ ଉଭୟ ଦେବତାଙ୍କୁ ଶ୍ରଦ୍ଧା ଓ ପୂଜା କରନ୍ତି।' ଏହାର ଜବାବରେ ରାଜ୍ୟ ବିଜେପି ସଭାପତି ଏନ୍. ରାମଚନ୍ଦର ରାଓ, ରେଡ୍ଡୀଙ୍କ ଉପରେ ହିନ୍ଦୁମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବାର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, 'ଭଗବାନ ରାମ ଏବଂ ଭଗବାନ ମହାଦେବଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଦେବତାମାନେ ସର୍ବଦା ଗରିବ ଓ ଅସହାୟ ଲୋକଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି।'

## ମହିଳା ବନ୍ଧୁଙ୍କ ଗଳା କାଟି ଶରୀରକୁ ୯ ଖଣ୍ଡ କରି କେନାଲକୁ ଫିଙ୍ଗିଲା କଂସେଇ





ବିଜୟଓ୍ୱାଡ଼ା, ୨୯।୯ : ଆନ୍ଧ୍ରପ୍ରଦେଶର ବିଜୟଓ୍ୱାଡ଼ା ଜିଲ୍ଲାରୁ ଏକ ବୀଭତ୍ସ ଓ ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟଣା ସାମ୍ନାକୁ ଆସିଛି। ଟଙ୍କା ପଇସା ବିବାଦକୁ କେନ୍ଦ୍ର କରି ଜଣେ କଂସେଇ ନିଜର ମହିଳା ବନ୍ଧୁଙ୍କ ଗଳା କାଟି ହତ୍ୟା କରିଛି। ଆଉ ଏହା ପରେ ତାଙ୍କ ଶବକୁ ୯ ଖଣ୍ଡ କରି ନିକଟସ୍ଥ କେନାଲରେ ଫିଙ୍ଗି ଦେଇଛି। ଉକ୍ତ ଘଟଣା ସଂପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଇବ୍ରାହିମପଟନମ୍ ଅଞ୍ଚଳରୁ ମିଳିଥିବା ଏକ ଅଜଣା ଶବର ପରିଚୟ ମିଳିବା ପରେ ଆନ୍ଧ୍ରପ୍ରଦେଶ ପୁଲିସ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି । ପୁଲିସ ହତ୍ୟାକାରୀ ଓ ତା'ର ସହଯୋଗୀକୁ ଅଟକ ରଖି ପଚରାଉଚୁରା ଚଳାଇଛି। ପୁଲିସର ସୂଚନା ଅନୁସାରେ, ଇବ୍ରାହିମପଟନମରେ ଏକ ଅଜଣା ମୃତଦେହ ମିଳି ଥିଲା । ସୋସିଆଲ ମିଡିଆରେ ଏହି ଖବର ପ୍ରସାରିତ ହେବା ପରେ ମୃତ ମହିଳାଙ୍କ ନାଁ 'କଲ୍ୟାଣୀ' ବୋଲି ଜଣା ପଡ଼ିଥିଲା । ଖବର ଅନୁସାରେ, ମହିଳାଙ୍କ ହାତରେ ଥିବା ଟାଟୁକୁ ଦେଖି ତାଙ୍କ ଆତ୍ମୀୟମାନେ ପୁଲିସ ସହ ଯୋଗାଯୋଗ କରିଥିଲେ, ଯାହା ଫଳରେ ତଦନ୍ତକାରୀ ଦଳଙ୍କୁ ପରିଚୟ ମିଳିବାରେ ସହାୟତା ହୋଇ ଥିଲା। ତଦନ୍ତ ବେଳେ ପୁଲିସ ଭବାନୀପୁରମର ରହୁଥିବା ଶଫି ନାମକ ବ୍ୟକ୍ତି ନିକଟରେ ପହଞ୍ଚି ଥିଲା, ଯିଏ ଏକ ମଟନ୍ ଦୋକାନ ଚଳାଉ ଥିଲା । ପୁଲିସ ଜାଣିବାକୁ ପାଇଥିଲା ଯେ, ଶଫି ଏବଂ କଲ୍ୟାଣୀଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା ଏବଂ ଟଙ୍କା ପଇସାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇ ଥିଲା । କଲ୍ୟାଣୀଙ୍କ ପୁଅ ସହ ଜଡ଼ିତ ଏକ ପୁରୁଣା ଝଗଡ଼ା ଯୋଗୁଁ ସେମାନଙ୍କ ସମ୍ପର୍କରେ ତିକ୍ତତା ଆସିଥିବା କୁହାଯାଉଛି । ତଦନ୍ତରୁ ଜଣାପଡ଼ିଛି ଯେ, ଗତ ସେପ୍ଟେମ୍ବର ୧୭ ତାରିଖରେ ଶଫି, କଲ୍ୟାଣୀଙ୍କୁ ଭବାନୀପୁରମ ସ୍ଥିତ ନିଜ ଘରକୁ ନେଇ ଯାଇ ଥିଲା । ସେଠାରେ ଟଙ୍କାକୁ ନେଇ ସେମାନଙ୍କ ମଧ୍ୟରେ ପୁଣି ଝଗଡ଼ା ହୋଇ ଥିଲା । ଏହା ପରେ ଶଫି ଛୁରୀରେ ଆକ୍ରମଣ କରି କଲ୍ୟାଣୀଙ୍କ ଗଳା କାଟି ଦେଇଥିଲା । ଗଳା କାଟିବା ପରେ ଶଫି ଶବକୁ ୯ ଖଣ୍ଡ କରି ଦେଇ ଥିଲା ଏବଂ ନିଜ ମଟନ୍ ଦୋକାନରେ କାମ କରୁଥିବା ଗୁରୁଭୁଲୁ ନାମକ ସହଯୋଗୀର ସାହାଯ୍ୟରେ ଶରୀରର ଅଂଶଗୁଡ଼ିକୁ ଗୋଲାପୁଡ଼ି ଅଞ୍ଚଳର କୁଲିଂ କେନାଲରେ ଫିଙ୍ଗି ଦେଇ ଥିଲା।

## ରାଜପଥରେ ଉଡ଼ାଣ ଓ ଅବତରଣ କଲା ସେନାର ହେଲିକପ୍ଟର

ନୂଆଦିଲ୍ଲୀ, ୨୯।୯ : ରାଜସ୍ଥାନର ଦନ୍ତୋର ନିକଟରେ ଜାତୀୟ ରାଜପଥ ୯୧୧ର ଏକ ଅଂଶକୁ ଭାରତୀୟ ସେନା ଏହାର ସାମରିକ ହେଲିକପ୍ଟର ପାଇଁ ଏକ ଅସ୍ଥାୟୀ ହେଲିପ୍ୟାଡ୍ ଭାବେ ବ୍ୟବହାର କରିଛି। ମଙ୍ଗଳବାର ଭାରତ-ପାକିସ୍ତାନ ସୀମା ନିକଟରେ ଏକ ସମରାଭ୍ୟାସ ସମୟରେ ଭାରତୀୟ ସେନା ଜାତୀୟ ରାଜପଥକୁ ହେଲିପ୍ୟାଡରେ ପରିଣତ କରିଥିଲା। ରାଜପଥର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ରୁଦ୍ର, ଧ୍ରୁବ ଓ ଚେତକ ହେଲିକପ୍ଟର ଉଡ଼ାଣ ଓ ଅବତରଣ କରିଛି।

## ନାଟୋକୁ ପୁଟିନଙ୍କ ଧମକ
# କାଲିନିନଗ୍ରାଦ ବିରୋଧରେ ହସ୍ତକ୍ଷେପ ମହଙ୍ଗା ପଡ଼ିବ




ନୂଆଦିଲ୍ଲୀ, ୨୯।୯ : କାଲିନିନଗ୍ରାଡରେ ଯେକୌଣସି ହସ୍ତକ୍ଷେପ ବିରୋଧରେ ରୁଷ ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କର ସାମରିକ ମେଣ୍ଟ ନାଟୋକୁ ଚେତାବନୀ ଦେଇଛି। ରୁଷ କହିଛି ଯେ, କାଲିନିନଗ୍ରାଦକୁ ପୃଥକ କରିବାର ଯେକୌଣସି ପ୍ରୟାସ ନାଟୋ ସହିତ ସିଧାସଳଖ ସାମରିକ ମୁକାବିଲାର କାରଣ ହୋଇପାରେ। ପୋଲାଣ୍ଡ ଏବଂ ଲିଥୁନିଆ ମଧ୍ୟରେ ଅବସ୍ଥିତ କାଲିନିନଗ୍ରାଡ ରୁଷ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାଲିନିନଗ୍ରାଡ ଅଞ୍ଚଳ ରୁଷର ମୁଖ୍ୟଭୂମିରୁ ପୃଥକ କିନ୍ତୁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏହା ରୁଷର ସାମରିକ ଦୁର୍ଗ ଭାବରେ ମଧ୍ୟ ଜଣାଶୁଣା।ମସ୍କୋ କହିଛି ଯେ, ଆମର ସାମରିକ ବାହିନୀ ପାଖରେ ଏହି ଅଞ୍ଚଳକୁ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ଅସ୍ତ୍ରଶସ୍ତ୍ର ଅଛି। ଯଦି ନାଟୋ ଏହାକୁ ରୁଷର ଅନ୍ୟ ଅଂଶରୁ ବିଚ୍ଛିନ୍ନ କରିବାକୁ ଚେଷ୍ଟା କରେ ତେବେ ଆମେ ଆମର ସମ୍ପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବାକୁ ପ୍ରସ୍ତୁତ ରହିଛୁ। ଏହି ଚେତାବନୀ ବେଲଜିୟମରେ ଥିବା ରୁଷ ଦୂତାବାସରୁ ଆସିଛି। ଏହା ନାଟୋ ସହିତ ମସ୍କୋର କୂଟନୈତିକ ସମ୍ପର୍କ ପରିଚାଳନା କରିଥାଏ। ଦୂତାବାସ କହିଛି ଯେ, ଏହା ନାଟୋର ଅନ୍ତର୍ଜାତୀୟ ସଚିବାଳୟ ଏବଂ ବେଲଜିୟମର ବୈଦେଶିକ ମନ୍ତ୍ରଣାଳୟ ସମ୍ମୁଖରେ ଏନେଇ ଚିନ୍ତା ପ୍ରକାଶ କରିଛି। କାଲିନିନଗ୍ରାଡ ନିକଟରେ ଉତ୍ତର-ପୂର୍ବ ପୋଲାଣ୍ଡରେ ନାଟୋ ଦ୍ୱାରା ବିମାନ ଅଭ୍ୟାସ କରାଯିବାର ପ୍ରାୟ ଏକ ମାସ ପରେ ରୁଷର ଏହି ସଦ୍ୟତମ ଚେତାବନୀ ଆସିଛି। ଏହି ଅଭ୍ୟାସରେ ଆମେରିକା ଏବଂ ନରଓ୍ୱେଜିଆନ୍ ଯୁଦ୍ଧ ବିମାନ, ନାଟୋର ଇ-୩ଏ ସେଣ୍ଟ୍ରି ଏଡବ୍ଲୁଏସିଏସନିରୀକ୍ଷଣ ବିମାନ, ଆକାଶରେ ଇନ୍ଧନ ଭର୍ତ୍ତି ଟ୍ୟାଙ୍କର୍ ଏବଂ ଆମେରିକାର ଇଏ-୩୭ବି ଇଲେକ୍ଟ୍ରୋନିକ୍ ଯୁଦ୍ଧ ବିମାନ ସାମିଲ ଥିଲେ। ଆକଳନ ଅନୁଯାୟୀ ଏଥିରେ ସାମିଲ ହୋଇଥିବା ବିମାନ ସଂଖ୍ୟା ୨୫ରୁ ୫୦ ମଧ୍ୟରେ ଥିଲା। ରୁଷ ଏବେ କାଲିନିନଗ୍ରାଡ ଚାରିପାଖରେ ନାଟୋର କାର୍ଯ୍ୟକଳାପ ବିଷୟରେ ନିଜର ଚିନ୍ତା ପ୍ରକାଶ କରିଛି। ରୁଷର ମୁଖ୍ୟଭୂମିରୁ ଏହି ଅଞ୍ଚଳକୁ ବିଚ୍ଛିନ୍ନ କରିବାକୁ ଯୋଜନା କରାଯାଉଥିବା ରୁଷ ଅଭିଯୋଗ ଆଣିଛି। ମସ୍କୋ କହିଛି ଯେ ଏପରି କରିବାର ଯେକୌଣସି ପ୍ରୟାସକୁ ରୁଷ ଅଞ୍ଚଳ ବିରୋଧରେ ଆକ୍ରମଣ ବୋଲି ବିବେଚନା କରାଯିବ। ଯଦି ନାଟୋ ଦେଶଗୁଡ଼ିକ କାଲିନିନଗ୍ରାଦ ଅଞ୍ଚଳକୁ ଆମ ଦେଶର ଅନ୍ୟ ଅଂଶରୁ ପୃଥକ କରିବାକୁ ଚେଷ୍ଟା କରନ୍ତି, ତେବେ ସମ୍ଭାବ୍ୟ ଆକ୍ରମଣର ଜବାବ ଦେବା ପାଇଁ ରୁଷ ପାଖରେ ଆବଶ୍ୟକୀୟ ଉପାୟ ଅଛି।

# ନାବାଳିକା ଅପହରଣ, ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର(ନି.ପ୍ର): ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଭୋଟପଡାର ମାନସ କାଣ୍ଡି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୬.୦୯.୨୦୨୬ ତାରିଖ ଦିନ ପ୍ରାୟ ୨ଟା ସମୟରେ ଅଭିଯୋଗକାରିଣୀଙ୍କ ୧୨ ବର୍ଷର ଝିଅ ଦୋକାନକୁ କୁରକୁରେ କିଣିବାକୁ ଯାଇ ଆଉ ଘରକୁ ଫେରିନଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କଲା ପରେ କୌଣସି ସନ୍ଧାନ ନପାଇବାରୁ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ ଏକ ପ୍ରେମ ସମ୍ପର୍କର ଆଳ ଦେଖାଇ ମୁଖ୍ୟ ଅଭିଯୁକ୍ତ ମାନସ କାଣ୍ଡି ଉକ୍ତ ନାବାଳିକାକୁ ମଞ୍ଚେଶ୍ୱର ରେଳ ଷ୍ଟେସନକୁ ଡକାଇ ଅପହରଣ କରି ନେଇଥିଲା। ସେ ଭୋଟାପଡ଼ାରେ ଥିବା ତା'ର ଜଣେ ସମ୍ପର୍କୀୟଙ୍କ ଘରେ ନାବାଳିକାକୁ ଲୁଚାଇ ରଖିଥିଲା ଏବଂ ତାକୁ ବାହାରକୁ ଆସିବାକୁ ଦେଉନଥିଲା। ମଞ୍ଚେଶ୍ୱର ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଆଜି ପୂର୍ବାହ୍ନ ୧୧.୩୦ ମିନିଟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଭୋଟାପଡ଼ାସ୍ଥିତ ହନୁମାନ ବେହେରାଙ୍କ ଘରେ ଚଢ଼ାଉ କରିଥିଲା। ପୋଲିସ ନିଖୋଜ ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ ଅପହରଣକାରୀ ଅଭିଯୁକ୍ତ ମାନସ କାଣ୍ଡିକୁ କାବୁ କରିବାରେ ସଫଳ ହୋଇଛି। ଯାଞ୍ଚ ବେଳେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଛି। ଅଭିଯୁକ୍ତର ଅପରାଧିକ ରେକର୍ଡ ଯାଞ୍ଚରୁ ଏହା ମଧ ଜଣାପଡିଛି ଯେ, ସେ ଜଣେ ଦୁର୍ଦ୍ଦାନ୍ତ ପେସାଦାର ଅପରାଧୀ। ତା' ନାମରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଥାନାରେ ଡକାୟତି, ଚୋରି, ପୋକ୍ସୋ ଆକ୍ଟ ଏବଂ ବନ୍ଧୁକ ରଖିବା ଭଳି ୬ଟି ସଙ୍ଗିନ ମାମଲା ରହିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତ ମାନସକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାର ତଦନ୍ତ ଜାରି ରହିଛି।

# ପାର୍ସଲ ହବ୍ ଭିତରୁ ଲକ୍ଷାଧିକ ଟଙ୍କାର ଜିନିଷ ଚୋରି, ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ପାର୍ସଲ୍ ହବ୍ ଭିତରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଚୋରି ଅଭିଯୋଗରେ ଚନ୍ଦକା ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସତ୍ୟାଂଶୁ ସାହୁ, ଶୁଭଙ୍କର ପ୍ରଧାନ ଏବଂ ରାଜା ସେଠୀ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୩ ମାସ ଧରି ଭୁବନେଶ୍ୱର ସର୍ଟିଂ ହବ୍ ଦେଇ ଯାଉଥିବା ବିଭିନ୍ନ ପାର୍ସଲରୁ ପ୍ରାୟ ୧ ଲକ୍ଷ ଟଙ୍କାର ସାମଗ୍ରୀ ଚୋରୀ ହେଉଥିଲା। କମ୍ପାନୀ ପକ୍ଷରୁ ସିସିଟିଭି ଯାଞ୍ଚ ଏବଂ ଆଭ୍ୟନ୍ତରୀଣ ତଦନ୍ତ ବେଳେ ଏକ ବଡ଼ ଖୁଲାସା ହୋଇଥିଲା। କମ୍ପାନୀରେ କାମ କରୁଥିବା କିଛି କର୍ମଚାରୀ ଡେଲିଭରୀ ଗାଡ଼ିରେ ପାର୍ସଲ୍ ଲୋଡ୍ କରିବା ସମୟରେ ଅତି ଚତୁରତାର ସହ ମୂଲ୍ୟବାନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବାହାର କରିନେଉଥିଲେ ଏବଂ ଖାଲି ଡବାକୁ ପୁଣିଥରେ ପ୍ୟାକେଟ୍ ଭିତରେ ରଖିଦେଉଥିଲେ ଯାହାଦ୍ୱାରା କେହି ସନ୍ଦେହ କରିପାରିବେ ନାହିଁ। ଗତ ୨୮.୦୯. ୨୦୨୬ ତାରିଖରେ ସିକ୍ୟୁରିଟି ଗାର୍ଡ ଜଣେ କର୍ମଚାରୀଙ୍କୁ ପାର୍ସଲରୁ ସାମଗ୍ରୀ ଚୋରି କରୁଥିବା ବେଳେ ଧରିଥିଲେ। ଏହାପରେ ଏହି ଚୋରି ର୍ୟାକେଟ୍ ରେ ସମ୍ପୃକ୍ତ ଥିବା ସତ୍ୟାଂଶୁ ସାହୁ, ଶୁଭଙ୍କର ପ୍ରଧାନ ଏବଂ ରାଜା ସେଠୀଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା। ଚନ୍ଦକା ପୋଲିସ ତୁରନ୍ତ ଘଟଣାର ତଦନ୍ତ କରି ଉକ୍ତ ୩ ଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଚୋରି ହୋଇଥିବା ବିଭିନ୍ନ ବ୍ରାଣ୍ଡର ଇୟରପଡ୍ ଏବଂ ସ୍ମାର୍ଟୱାଚ୍ ଉଦ୍ଧାର କରି ଜବତ କରିଛି। ସଂଗୃହୀତ ପ୍ରମାଣ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ଉକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।

# ଚୋରା ବାଲି ଚାଲାଣ ବେଳେ ପୁଲିସ ଗୋଡାଇ ଧରିଲା

ଭୁବନେଶ୍ୱର(ନି.ପ୍ର): ବାଲି ଚୋରା ଚାଲାଣ ବେଳେ ଭରତପୁର ଥାନା ପୁଲିସ ଏକ ହାଇୱା ଗାଡିକୁ ଜବତ କରିଛି। ଏଥିସହିତ ଚାଳକକୁ ମଧ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରଶାନ୍ତ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ବିଳମ୍ବିତ ରାତି ୨୮.୦୯.୨୦୨୬ ପ୍ରାୟ ୧୨.୩୦ ମିନିଟରେ ଭରତପୁର ଥାନାର ଏକ ପୋଲିସ ଟିମ୍ ନାଇଟ୍ ପାଟ୍ରୋଲିଂ କରୁଥିବା ବେଳେ ଲେମନ୍ ଟ୍ରି ହୋଟେଲ୍ ନିକଟରେ ଅନ୍ଧାରୁଆ ପଟୁ ଏକ ହାଇୱା ଟ୍ରକ୍) ଦ୍ରୁତ ଗତିରେ ଷ୍ଟୁଡିଓ ଛକ ଆଡ଼କୁ ଆସୁଥିବାର ଦେଖିଥିଲେ। ସନ୍ଦେହ ହେବାରୁ ପୋଲିସ ଟିମ୍ ଉକ୍ତ ଟ୍ରକକୁ ଅଟକାଇଥିଲେ। ଯାଞ୍ଚ ବେଳେ ଟ୍ରକ୍ ରେ ବାଲି ବୋଝେଇ ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସ ବାଲି ପରିବହନ ସମ୍ବନ୍ଧୀୟ କାଗଜପତ୍ର କିମ୍ବା ୱାଇ-ଫର୍ମ ମାଗିବାରୁ ଡ୍ରାଇଭର କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ଫଳରେ ଏହା ବେଆଇନ ବାଲି ଚୋରାଚାଲାଣ ହେଉଥିବା ସ୍ପଷ୍ଟ ହୋଇଥିଲା। ପୋଲିସ ତୁରନ୍ତ ଟ୍ରକ୍ ସହିତ ବାଲି ଜବତ କରିବା ସହ ଡ୍ରାଇଭର ପ୍ରଶାନ୍ତ କୁମାର ସାହୁକୁ କାବୁ କରି ଥାନାକୁ ଆଣିଥିଲା। ସଂଗୃହୀତ ପ୍ରମାଣ ଆଧାରରେ ଉକ୍ତ ଡ୍ରାଇଭରକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।

# ସଟର ତାଡି ଦୋକାନରୁ ଚୋରି: ୨ ଚୋର ସମେତ ୩ ଗିରଫ

କଟକ(ନିପ୍ର): ରାତିରେ ଦୋକାନ ସଟର ତାଡି ଦୋକାନରୁ ଲୁଟ କରିଥିବା ଅଭିଯୋଗରେ ୨ ଜଣ ଚୋର ସମେତ ୩ ଜଣଙ୍କୁ ମାଲଗୋଦାମ ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ଜିପି କଏଲ ଓ ଗୋଟିଏ ଅଟୋ ରିକ୍ସା ଜବତ କରିଛି। ଗିରଫ ୨ ଚୋର ମଧୁପାଟଣା ଥାନା ଅନ୍ତର୍ଗତ ଅନ୍ଦରପୁର ଜଗନ୍ନାଥ କଲୋନୀର ସୁରେଶ ରାଓ (୩୦) ଓ ଜ୍ୟୋତି ରାଓ ଏବଂ ଚୋରି ସାମଗ୍ରୀ କିଣିଥିବା ବିରିଡି ଥାନା ଅନ୍ତର୍ଗତ ପତିପୁରର ପ୍ରମୋଦ କୁମାର ପରିଡା। ମିଳିଥିବା ସୂଚନା ଅନୁଯାୟୀ ଗତ ୨୬ ତାରିଖ ବିଳମ୍ବିତ ରାତିରେ ପିଲିଗ୍ରିମ ରୋଡ଼ରେ ଥିବା ଶଙ୍କର ଷ୍ଟିଲ କର୍ପୋରେସନ ସଟର ଓ ପଛ କାନ୍ଥ ଭାଙ୍ଗି କେହି ଦୁର୍ବୃତ୍ତ ଜିପି କଏଲ ବଣ୍ଡଲ ଓ ନଗଦ ୩୦ ହଜାର ଟଙ୍କା ଚୋରି କରିନେଇଥିଲେ। ଏନେଇ ୨୭ ତାରିଖରେ ଏହାର ମାଲିକ ସୋମନାଥ ପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜରୁ ଚୋରର ହାତରେ ଏକ ଟାଟୁ ଥିବା ଜଣାପଡିବା ପରେ ଜ୍ୟୋତି ରାଓକୁ ଠାବ କରାଯାଇଥିଲା। ଜ୍ୟୋତିକୁ ପଚରାଉଚରା କଲାପରେ ସେ ସୁରେଶ ଓ ପ୍ରମୋଦ ସମ୍ପର୍କରେ ସୂଚନା ଦେଇଥିଲା। ତଦନୁଯାୟୀ ଉଭୟଙ୍କୁ କାବୁ କରାଯିବା ସହ ଏକ ଅଟୋ ରିକ୍ସା (ଓଡି ୦୫ ଏକେ ୦୪୯୬) ଓ ପ୍ରମୋଦ ନିକଟରୁ ୧୭ ବଣ୍ଡଲ ଜିପି କଏଲ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଅନୁରୂପ ଭାବେ ଗତ ଜୁନ ୧୮ ତାରିଖରେ ପିଲିଗ୍ରିମି ରୋଡ଼ ଲେଙ୍କା ଷ୍ଟିଲରୁ ଜିପି କଏଲ ଚୋରି କରି ପ୍ରମୋଦକୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ଏନେଇ ପୂର୍ବରୁ ମାଲଗୋଦାମ ଥାନାରେ ଗତ ଜୁଲାଇ ୧୮ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ସୁରେଶ ବିରୋଧରେ ମାଲଗୋଦାମ ଥାନାରେ ୩ଟି ମାମଲା ରହିଥିବା ବେଳେ ଜ୍ୟୋତି ଓ ପ୍ରମୋଦ ବିରୋଧରେ ଗୋଟିଏ ଲେଖାଏ ମାମଲା ରହିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପନିର ଅପମିଶ୍ରଣ ଅଭିଯୋଗରେ ୧୧ ଜଣଙ୍କ ନାଁରେ ମାମଲା ରୁଜୁ : ଡିସିପି

କଟକ(ନିପ୍ର): ପନିର ଅପମିଶ୍ରଣ ନେଇ ୧୧ ଜଣଙ୍କ ନାଁରେ ମାମଲା ରୁଜୁ। କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏତଲା ପରେ ୧୧ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିବା କଟକ ଡିସିପି ରିଷିକେଶ ଖିଲାରୀ ସ୍ପଷ୍ଟ କରିଛନ୍ତି। ଖାଦ୍ୟ ସୁରକ୍ଷା ବିଭାଗକୁ ସବିଶେଷ ରିପୋର୍ଟ ମଗାଯାଇଛି। କେଉଁଠି ପ୍ରସ୍ତୁତ କରୁଥିଲେ ଓ କାହାକୁ ବିକ୍ରି କରାଯାଉଥିଲା, ତାର ତଦନ୍ତ ହେଉଛି। କିଛି ବ୍ୟବସାୟୀଙ୍କ ସହ ଗାଡି ମଧ ଚିହ୍ନଟ କରାଯାଇଛି। କମିଶନରେଟ ପୋଲିସ ସହ କେଏମସି ଓ ଖାଦ୍ୟ ସୁରକ୍ଷା ବିଭାଗର କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଯାଞ୍ଚ କରାଯାଉଛି। ସବିଶେଷ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତକାଲି ୧୧ ଜଣଙ୍କ ନାଁରେ ମଧୁପାଟଣା ଥାନାରେ ଏତଲା ଦେଇଥିଲା କେଏମସି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବିଶେଷ ଧ୍ୟାନ ଦିଆଯାଉଛି। ପ୍ରମାଣ ମିଳିଲେ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଡିସିପି କହିଛନ୍ତି।

## ସାପ କାମୁଡାରେ ଯୁବକଙ୍କ ମୃତ୍ୟୁ

ଆସିକା(ନିପ୍ର): ଆସିକା ବ୍ଲକ ଅନ୍ତର୍ଗତ ଖୁକୁଣ୍ଡିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗତ ୨୮ ତାରିଖ ଦିନ ପ୍ରାୟ ୧୧ ଘଟିକା ସମୟରେ ନିଜ କୁକୁଡା ଫାର୍ମରେ ଦାନା ଦେଉଥିବା ବେଳେ ଏକ ବିଷଧର କୋଳଥିଆ ନାଗ ସାପ ୪୧ ବର୍ଷିୟ ମନୋଜ କୁମାର ସାହୁଙ୍କୁ ଦଂଶନ କରିଥିଲା। ଏହି ଘଟଣା ଘଟିବା ବେଳେ ନିକଟରେ ଥିବା କୁକୁଡା ଫାର୍ମ କର୍ମଚାରୀମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ଆସିକା ନିକଟ ବାଲିସିରା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କାର୍ଯ୍ୟରତ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ବ୍ରହ୍ମପୁର ବଡ ମେଡିକାଲଠାରେ ଆଜି କାର୍ଯ୍ୟରତ ଡାକ୍ତରତ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଘୋଷିତ କରିଥିଲେ। ଏହାପରେ ବ୍ରହ୍ମପୁର ମେଡିକାଲରେ ତାଙ୍କର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଖଜା ଗୋଦାମରେ ଚଢ଼ାଉ

ପୁରୀ(ନିପ୍ର): ପୁଣି ଶ୍ରୀକ୍ଷେତ୍ରରେ ଖଜା ଗୋଦାମ ଓ ଦୋକାନରେ ମିଳିତ ରେଡ୍ କରାଯାଇଛି। ପାର୍ବଣ ଋତୁ ପୂର୍ବରୁ ଖଜାରେ ଅପମିଶ୍ରଣ ରୋକିବାକୁ ଏହି ବଡ ଧରଣର ଚଢାଉ କରାଯାଉଛି। ପୋଲିସ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୌରସଂସ୍ଥା ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ କରାଯାଇଛି। ଶ୍ରୀମନ୍ଦିର ନିକଟ କାକୁଡି ଖାଇ ଛକ, ବାଲିସାହି ଅଞ୍ଚଳରେ ଥିବା ଅନେକ ଖଜା ଭାଟି ଉପରେ ରେଡ୍ କରାଯାଇଛି। ଗତ କିଛି ଦିନ ପୂର୍ବରୁ ବଡ ଧରଣର ରେଡ୍‌ରେ ପ୍ରାୟ ୧୦ କ୍ୱିଣ୍ଟାଲ ଖଜା ଓ ଖଜା ଶିରା ଜବତ କରାଯାଇ ନଷ୍ଟ କରାଯାଇଥିଲା। ୪ଟି ଭାଟି ସିଲ୍ ହୋଇଥିଲା।

## ମୋବାଇଲ୍ ହ୍ୟାଣ୍ଡଭର ମେଳା

ପୁରୀ(ନିପ୍ର): ପୁରୀ ଟାଉନ ଥାନାରେ ଅନୁଷ୍ଠିତ ହୋଇଯାଇଛି ମୋବାଇଲ୍ ହ୍ୟାଣ୍ଡଭର ମେଳା। ପୁରୀ ପୋଲିସ ପକ୍ଷରୁ ଏଭଳି ମେଳା ଅନୁଷ୍ଠିତ ହୋଇଥିବା ବେଳେ ରଥଯାତ୍ରା ତଥା ବିଭିନ୍ନ ସମୟରେ ଚୋରି, ଛିନତାଇ ଏବଂ ହଜି ଯାଇଥିବା ମୋବାଇଲ୍ ଫୋନ୍ ଲୋକଙ୍କୁ ଫେରାଯାଇଛି। ମୋବାଇଲ ଚୋରି ନେଇ ଜିଲ୍ଲାର ବିଭିନ୍ନ ଥାନାରେ ଅଭିଯୋଗ କରିଥିବା ବ୍ୟକ୍ତିମାନଙ୍କୁ ପୁରୀ ଏସପି ପ୍ରତୀକ ସିଂଙ୍କ ଉପସ୍ଥିତିରେ ଫେରାଯାଇଛି। ହଜିଯାଇଥିବା ମୋବାଇଲ ଫୋନ୍ ପାଇ ମେଳାରେ ସାମିଲ ହୋଇଥିବା ଲୋକେ ବେଶ୍ ଖୁସି ଅନୁଭବ କରିଛନ୍ତି।

## ସନ୍ଦେହଘେରରେ ଶୁଭଶ୍ରୀଙ୍କ ମୃତ୍ୟୁ
### ବେକରେ ପଥର ବାନ୍ଧି ନଦୀରେ ଫିଙ୍ଗିଦେଲେ

ପଟ୍ଟାମୁଣ୍ଡାଇ(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ରାଜପୁର ଗାଁର ୧୯ ବର୍ଷୀୟ ଯୁବତୀ ଶୁଭଶ୍ରୀ ଦାସଙ୍କ ମୃତ୍ୟୁକୁ ନେଇ ବଢୁଛି ସନ୍ଦେହ। ରାଜନଗର ହଂସୁଆ ନଦୀର ଗର୍ଜନପୁର ନିକଟରେ ଶୁଭଶ୍ରୀଙ୍କ ମୃତଦେହ ଲାଗିଥିଲା। ଏହି ମୃତଦେହ ସମ୍ପର୍କରେ ସ୍ଥାନୀୟ ଜଣେ ମତ୍ସ୍ୟଜୀବୀ ମୃତ ଶୁଭଶ୍ରୀଙ୍କ ପରିବାରକୁ ସୂଚନା ଦେଇଥିଲେ। ଖବର ପାଇ ପରିବାର ଲୋକେ ଡଙ୍ଗା ଯୋଗେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ସେଠାରୁ ଉଦ୍ଧାର କରିଥିଲେ। ନିଛାଟିଆ ସ୍ଥାନକୁ ନେଇ ନଦୀ ମଝିରେ ମୃତଦେହରେ ପଥର ବାନ୍ଧି ଫିଙ୍ଗି ଦେଇଥିବା କୁହାଯାଉଛି। ଘଟଣା ପ୍ରଘଟ ହେବା ପରେ ପୋଲିସ ସେହି ସ୍ଥାନରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା। ବିଳମ୍ବିତ ରାତିରେ ପୋଲିସ ଶୁଭଶ୍ରୀଙ୍କ ପରିବାର, ବୋଟ୍ ଡ୍ରାଇଭରଙ୍କ ସମେତ ୫ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଶୁଭଶ୍ରୀଙ୍କ ମୃତଦେହର ଫଟୋ ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ବେଳେ ମୃତଦେହର ଟେର ପାଉନି ରାଜନଗର ପୋଲିସ। ପ୍ରକୃତରେ ଶୁଭଶ୍ରୀଙ୍କ ମୃତ୍ୟୁ କେମିତି ହେଲା ମୃତଦେହ କେଉଁଆଡେ ଗଲା ତାହାର ଖିଅ ଖୋଜୁଛି ପୋଲିସ।

## ୩୫ ହଜାର ଲାଞ୍ଚ ନେଇ ଧରାପଡ଼ିଥିଲେ, ଘରୁ ବାହାରିଲା ନଗଦ ୫ ଲକ୍ଷ

କଟକ(ନିପ୍ର) : ୩୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଯାଜପୁର ଜିଲ୍ଲା ବଡ଼ଚଣାବ୍ଲକ ସହକାରୀ ଯନ୍ତ୍ରୀ ବନ୍ଦିତା ଦାଶଙ୍କ ଘରୁ ନଗଦ ୫ ଲକ୍ଷ ୧୫ ହଜାର ୨୦୦ ଟଙ୍କା ଜବତ କରାଯାଇଛି। ଏହି ଟଙ୍କା ତାଙ୍କର କଟକର ଜଗତପୁର ସ୍ଥିତ ଜେନାମଣି ମଣ୍ଡପ ନିକଟସ୍ଥ ବାସଭବନରୁ ଜବତ କରାଯାଇଛି। ବକେୟା ବିଲ୍ ପାସ୍ କରିଦେବା ପାଇଁ ଜଣେ ଠିକାଦାରଙ୍କଠାରୁ ୩୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ସୋମବାର ରାତିରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ସହକାରୀ ଯନ୍ତ୍ରୀ ବନ୍ଦିତା ଦାଶ। ତାଙ୍କର ଜଣେ ସହଯୋଗୀ ଶ୍ୟାମସୁନ୍ଦର ସେଠୀଙ୍କୁ ମଧ୍ୟ ଧରିଥିଲା ଭିଜିଲାନ୍ସ। ଶ୍ୟାମସୁନ୍ଦରଙ୍କ ମାଧ୍ୟମରେ ଲାଞ୍ଚ ନେଉଥିଲେ ବନ୍ଦିତା ଦାଶ। ଲାଞ୍ଚ ନେଇ ଶ୍ରୀମତୀ ଦାଶ ଧରାପଡ଼ିବା ପରେ ତାଙ୍କର ଏକାଧିକ ଠିକଣାରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି କ୍ରମରେ ଆଜି ତାଙ୍କର ଜଗତପୁର ସ୍ଥିତ ବାସଭବନରେ ଚଢ଼ାଉ ବେଳେ ୫ ଲକ୍ଷ ୧୫ ହଜାର ୨୦୦ ଟଙ୍କା ଜବତ କରିଛି ଭିଜିଲାନ୍ସ। ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଥିବା ବେଳେ ଶ୍ରୀମତୀ ଦାଶ ବହୁ ସଂପତ୍ତି ଠୁଳ କରିଥିବା ଆଶଙ୍କା କରାଯାଉଛି।

## ଚାକିରି ଦେବାକୁ କହି ଠକିନେଲେ ଲକ୍ଷାଧିକ ଟଙ୍କା

କଟକ(ନିପ୍ର): ଚାକିରି କରାଇଦେବା ନାଁରେ ଠକେଇ। ୧୩ ଲକ୍ଷରୁ ଅଧିକ ଟଙ୍କାର ଠକେଇ ହୋଇଥିବା ଅଭିଯୋଗ ହୋଇଛି। କଟକ କନ୍ଦରପୁର ଥାନାରେ ଦୁଇ ଭାଇଙ୍କ ନାଁରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବିଶ୍ୱାସରେ ବିଷ। ଚାକିରି କରାଇଦେବା ନାଁରେ ଠକେଇ। ପ୍ରଥମେ ବନ୍ଧୁତା କରି ବିଶ୍ୱାସ ଭାଜନ ହୋଇଥିଲେ। ଏହାପରେ ପୁଅକୁ ଚାକିରି କରାଇଦେବା ନାଁ ବିଭିନ୍ନ ସମୟରେ ୧୩ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଟଙ୍କା ଠକିଥିବା ଦୁଇ ଭାଇଙ୍କ ନାଁରେ କନ୍ଦରପୁର ଥାନାରେ ଅଭିଯୋଗ କରିଛନ୍ତି ବିରିଡି ଥାନା କଳନ୍ତିରା ଗାଁ'ର ଶିବପ୍ରସାଦ ଭୋଳ। କନ୍ଦରପୁର ବଜାରରେ ଶିବପ୍ରସାଦ ଏକ ଗ୍ୟାରେଜ୍ କରିଛନ୍ତି। କନ୍ଦରପୁର ଥାନା ଅଧିନସ୍ତ ଆୟତପୁର ଗାଁର ସଞ୍ଜୟ କୁମାର ନାୟକ ଓ ଜନ୍ମେଜୟ ନାୟକ ଆସି ଶିବଙ୍କ ସହ ବନ୍ଧୁତା କରିଥିଲେ। ଏହାପରେ ତାଙ୍କ ପୁଅକୁ ମେରାଇନ ପୋଲିସରେ ଚାକିରି କରାଇଦେବାକୁ କହି ଆବେଦନ ପତ୍ର ମାଧ୍ୟମରେ ଦସ୍ତଖତ କରାଇଥିଲେ। ଫୋନ୍ ପେ ଏବଂ ଦୁଇଟି ବ୍ଲାଙ୍କ ଚେକ୍ ଦେଇ ଉଭୟ ଶିବଙ୍କ ବିଶ୍ୱାସ ଭାଜନ ହୋଇଥିଲେ। ବିଭିନ୍ନ ସମୟରେ ୧୩ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିଲେ ଦୁଇ ଭାଇ। ଶେଷରେ ଚାକିରି ନହେବାରୁ ଶିବ ନିରୁପାୟ ହୋଇ କନ୍ଦରପୁର ଥାନାରେ ଅଭିଯୋଗ କରିଛନ୍ତି। ସେପଟେ କନ୍ଦରପୁର ଆଇଆଇସିଙ୍କ କହିବା ଅନୁସାରେ, ଉଭୟଙ୍କର ଫୋନ୍ ବନ୍ଦ ରହିଛି। ଶିବପ୍ରସାଦଙ୍କ ମତରେ ଯଦି ତାଙ୍କୁ ନ୍ୟାୟ ନମିଳିଲା, ତେବେ ସେ ସପରିବାର କମିଶନରେଟ୍ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେବେ।

## ରେଭେନ୍ସାରେ ଛାତ୍ରଙ୍କୁ ରାଗିଂ ଅଭିଯୋଗ

କଟକ(ନିପ୍ର): ପୁଣି ଚର୍ଚ୍ଚାରେ ରେଭେନ୍ସା ବିଶ୍ୱବିଦ୍ୟାଳୟ। ରେଭେନ୍‌ସା ବିଶ୍ୱବିଦ୍ୟାଳୟରୁ ଆସିଲା ରାଗିଂ ଅଭିଯୋଗ। ଅନ୍‌ଲାଇନ୍ ଗେମକୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଗନ୍ନାଥ ଛାତ୍ରାବାସର ଜଣେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ସେହି ଛାତ୍ରାବାସର ଯୁକ୍ତ ୩ ତୃତୀୟ ବର୍ଷର କିଛି ଛାତ୍ର ତାଙ୍କୁ ରାଗିଂ କରିଥିବା ସେ ଅଭିଯୋଗ କରିଛନ୍ତି। ଅନଲାଇନ ଗେମରେ ସିନିୟର ଛାତ୍ରମାନେ ଚିଟିଂ କରିଥିବାରୁ ଛାତ୍ର ଜଣଙ୍କ ସେମାନଙ୍କୁ ବିରୋଧ କରିଥିଲେ। ତେଣୁ ସେହି ସିନିୟର ଛାତ୍ରମାନେ ରାଗିଯାଇ ତାଙ୍କୁ ହଷ୍ଟେଲର ଏକ ରୁମ୍‌କୁ ଡାକି ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଛନ୍ତି। ସେ ଆଣ୍ଟି ରାଗିଂ ସେଲ ସହିତ ରେଭେନ୍‌ସା ବିଶ୍ୱବିଦ୍ୟାଳୟର କୁଳସଚିବ ଓ ଚିଫ ୱାର୍ଡେନଙ୍କୁ ମେଲ କରି ତାଙ୍କ ଅଭିଯୋଗ ଜଣାଇଛନ୍ତି। ତେବେ ଏ ନେଇ ରେଭେନ୍‌ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଗଞ୍ଜେଇ ଜବତ: ଜଣେ ଗିରଫ



ହିଞ୍ଜିଳିକାଟୁ(ନି.ପ୍ର): ହିଞ୍ଜିଳିକାଟୁ ଅବକାରୀ ଥାନା ଅଞ୍ଚଳର ସାରୁ ଛକ ନିକଟରୁ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ହିଞ୍ଜିଳିକାଟୁ ଅବକାରୀ ବିଭାଗ ଚନ୍ଦନ ହାଲଦାର ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଅବକାରୀ ଟିମ୍ ଅଭିଯୁକ୍ତଙ୍କ ନିକଟରୁ ୩ କିଲୋ ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ଅବକାରୀ ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ପଟିରାମ ଗ୍ରାମର ଚନ୍ଦନ ହାଲଦାର ନାମକ ଜଣେ ଯୁବକ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ନେଇ ହିଞ୍ଜିଳିକାଟୁ ଅବକାରୀ ଥାନାକୁ ପୂର୍ବ ସୂଚନା ମିଳିଥିଲା। ଅବକାରୀ ଥାନା ଉପ ନିରୀକ୍ଷକ ସଂଗ୍ରାମ କେଶରୀ ମାରାଣ୍ଡିଙ୍କ ନେତୃତ୍ୱରେ କନଷ୍ଟେବଲ ମହେଶ୍ୱର ପ୍ରଧାନ, କନଷ୍ଟେବଲ ଜଗନ୍ନାଥ ମହାପାତ୍ର ଓ କନଷ୍ଟେବଲ ଶଶାଙ୍କ ଶେଖର ସାହୁ ପ୍ରମୁଖ ସାରୁ ଛକ ନିକଟରେ ଛକି ରହି ଗଞ୍ଜେଇ ଚାଲାଣକାରୀ ଚନ୍ଦନକୁ ଖାନତଲାସ କରିଥିଲେ। ତଲାସି ବେଳେ ତା ନିକଟରୁ ୩ କେଜି ଶହେ ଗ୍ରାମ ଗଞ୍ଜେଇ ଜବତ କରିବାରେ ଟିମ ସଫଳ ହୋଇଥିଲା। ଏ ନେଇ ଅବକାରୀ ଥାନାରେ ପି ଆର ନଂ- ୬୬/୨୦୨୬-୨୭ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଚନ୍ଦନକୁ କୋର୍ଟ ଚାଲାଣ କରାଯାଇଥିବା ଉପ ନିରୀକ୍ଷକ ସୂଚନା ଦେଇଛନ୍ତି।

# ଦୂଷିତ ପାଣି ଯୋଗୁଁ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ
### ହଷ୍ଟେଲକୁ ପିଲା ପଠାଇବା ପୂର୍ବରୁ ବ୍ୟବସ୍ଥା ଯାଞ୍ଚ କରନ୍ତୁ : ମହାରାଜ କୃଷ୍ଣଚନ୍ଦ୍ର ନାୟକ

ବ୍ରହ୍ମପୁର(ନିପ୍ର): ହଷ୍ଟେଲକୁ ପିଲା ପଠାଇବା ପୂର୍ବରୁ ପାନୀୟଜଳ, ପରିବେଶ, ଖାଦ୍ୟ ଓ ଚିକିତ୍ସା ବ୍ୟବସ୍ଥା ଅଭିଭାବକମାନେ ଯାଞ୍ଚ କରନ୍ତୁ ବୋଲି ଛତ୍ରପୁର ଉପକଣ୍ଠ କରପଡା ଗ୍ରାମର ବରିଷ୍ଠ ସମାଜସେବୀ ତଥା ମୃତ ଛାତ୍ର ଶ୍ରୀମାନ ନାୟକଙ୍କ ବଡ଼ବାପା ମହାରାଜ କୃଷ୍ଣଚନ୍ଦ୍ର ନାୟକ କୋହଭରା କଣ୍ଠରେ ହାତଯୋଡ଼ି ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଛତ୍ରପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ, ଶ୍ରୀମାନ ବ୍ରହ୍ମପୁର ନୀଳକଣ୍ଠନଗରସ୍ଥିତ ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ ଥିଲେ ଏବଂ ହଷ୍ଟେଲରେ ରହି ପଢୁଥିଲେ। ପରିବାରର ଅଭିଯୋଗ ଅନୁଯାୟୀ, ହଷ୍ଟେଲରେ ଥିବା ସମୟରେ ଦୂଷିତ ପାଣି ଓ ପରିବେଶ ଯୋଗୁଁ ସେ ଅସୁସ୍ଥ ହୋଇଥିଲେ। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅଗଷ୍ଟ ୨୧ରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ଘଟଣାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଥିବା ନେଇ ପରିବାର ଅଭିଯୋଗ କରିଥିବା ବେଳେ ଆବଶ୍ୟକ ପଡ଼ିଲେ ଆଇନର ଆଶ୍ରୟ ନେବେ ବୋଲି ସେ କହିଛନ୍ତି। ସମ୍ମିଳନୀ ଆରମ୍ଭରେ ଶ୍ରୀମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କରପଡ଼ା ସରପଞ୍ଚ ଅଜୟ ନାୟକ, ରାଜେନ୍ଦ୍ର ପଲାଇ, ରୁଦ୍ର ମିଶ୍ର ଓ ତୁଷାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।




# ଖେଳିବାକୁ ଆସି ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

- ନରଣଗଡ଼ ପିଏମଶ୍ରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟରେ ଚାଲିଥିଲା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା
- ଭୋଗପୁର ଗ୍ରାମ ପୋଖରୀରେ ଗାଧୋଉଥିବା ବେଳେ ଘଟିଲା ଅଭାବନୀୟ ଘଟଣା
- କର୍ତ୍ତୃପକ୍ଷଙ୍କ ନିରାପତ୍ତା ଓ ତଦାରଖ ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ; କ୍ରୀଡ଼ା ସ୍ଥଗିତ




ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମୟରେ ଏକ ଅତ୍ୟନ୍ତ ଦୁଃଖଦ ଓ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପୋଖରୀ ପାଣିରେ ବୁଡ଼ି ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି), ଭାକରସାହିର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛନ୍ତି। ମୃତ ଛାତ୍ର ଜଣକ ହେଲେ ବାଲିପାଟଣା ବ୍ଲକ ବାରିଲୋ ଗ୍ରାମର ମନୋଜ କୁମାର ସାହୁଙ୍କ ୧୫ ବର୍ଷୀୟ ଏକମାତ୍ର ପୁଅ ଅର୍ଣ୍ଣବ ସାହୁ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ, ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତସ୍ଥିତ ନରଣଗଡ଼ ପିଏମଶ୍ରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେବା ପାଇଁ ଅର୍ଣ୍ଣବ ଅନ୍ୟ ଛାତ୍ରଛାତ୍ରୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଦୁଇଦିନ ତଳେ ଖୋର୍ଦ୍ଧା ଆସିଥିଲେ। ମଙ୍ଗଳବାର ସକାଳେ ଅର୍ଣ୍ଣବ ଓ ବାଲିଅନ୍ତା ଅଞ୍ଚଳର ଆଉ ଜଣେ ଛାତ୍ର ବିଦ୍ୟାଳୟ ନିକଟସ୍ଥ ଭୋଗପୁର ଗ୍ରାମରେ ଥିବା ଏକ ଗଭୀର ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ସମୟରେ ଉଭୟେ ଗଭୀର ପାଣିକୁ ଖସିପଡ଼ି ବୁଡ଼ିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଏହା ଦେଖି ତୁରନ୍ତ ଉଭୟଙ୍କୁ ପାଣିରୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଅର୍ଣ୍ଣବଙ୍କୁ ମୃତ ଘୋଷଣା କରିଥିଲେ। ଏହି ଆକସ୍ମିକ ଦୁର୍ଘଟଣା ପରେ କ୍ରୀଡ଼ା ପ୍ରତିଯୋଗିତାକୁ ତୁରନ୍ତ ସ୍ଥଗିତ ରଖାଯାଇଛି। ଅପରପକ୍ଷରେ, ଛାତ୍ରମାନଙ୍କ ସୁରକ୍ଷା ଓ ତଦାରଖ ବ୍ୟବସ୍ଥାରେ ଗୁରୁତର ତ୍ରୁଟି ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଛାତ୍ରମାନେ କିପରି ବିପଦପୂର୍ଣ୍ଣ ଗଭୀର ପୋଖରୀ ପାଖକୁ ଗଲେ ଏବଂ ଏ ନେଇ କର୍ତ୍ତୃପକ୍ଷ କିପରି ଅବଗତ ହୋଇପାରିଲେ ନାହିଁ, ତାହାକୁ ନେଇ ସ୍ଥାନୀୟ ଲୋକେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଙ୍କିଆ ଥାନା ଅଧିକାରୀ ଚନ୍ଦ୍ର ଶେଖର ଜେନା ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ନିଜର ଏକମାତ୍ର ପୁଅକୁ ହରାଇ ମନୋଜ ସାହୁଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଛାତ୍ରଙ୍କ ସୁରକ୍ଷାରେ ଅବହେଳା କରିଥିବା ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଥିଲେ। ଏହି ଘଟଣାରେ ଛାତ୍ର ସହିତ ଆସିଥିବା ଖେଳ ଶିକ୍ଷକଙ୍କୁ ନିଲମ୍ବନ କରାଯିବା ସହ ନରଣଗଡ଼ ପିଏମଶ୍ରୀ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ସୂଚନା ମିଳିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଚଳନ୍ତା ଅଟୋରୁ ବାହାରିଲା ଧୂଆଁ: ଡେଇଁପଡ଼ି ୫ ମହିଳା ଗୁରୁତର
### ହାଇୱେ ପାଟ୍ରୋଲିଂ ଟିମ୍ କଲା ଉଦ୍ଧାର



ନିରାକାରପୁର(ନିପ୍ର): ୧୬ ନମ୍ବର ଜାତୀୟ ରାଜପଥର ଖୋରଧା ଜିଲ୍ଲା ଜଙ୍କିଆ ଓଭରବ୍ରିଜ୍ ଉପରେ ଏକ ଅଭାବନୀୟ ସଡ଼କ ଦୁର୍ଘଟଣା ଘଟିଯାଇଛି। ଚଳନ୍ତା ଅଟୋ-ରିକ୍ସାରୁ ପ୍ରବଳ ଧୂଆଁ ବାହାରିବାରୁ ଭୟଭୀତ ହୋଇ ଯାତ୍ରୀମାନେ ଡେଇଁପଡ଼ିବା ଫଳରେ ୫ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ କେତେକ ମହିଳା ଯାତ୍ରୀଙ୍କୁ ନେଇ ଏକ ଅଟୋ-ରିକ୍ସା ଭୁବନେଶ୍ୱର ଆଡୁ ବ୍ରହ୍ମପୁର ପଟକୁ ଯାଉଥିଲା। ଜଙ୍କିଆ ଓଭରବ୍ରିଜ୍ ଅତିକ୍ରମ କରିବା ସମୟରେ ହଠାତ୍ ଅଟୋରୁ ଧୂଆଁ ବାହାରିବାକୁ ଲାଗିଥିଲା। ଗାଡ଼ିରେ ନିଆଁ ଲାଗିଯିବା ଭୟରେ ଆତଙ୍କିତ ହୋଇ ମହିଳାମାନେ ଚଳନ୍ତା ଅଟୋରୁ ରାସ୍ତାକୁ ଡେଇଁପଡ଼ିଥିଲେ। ଫଳରେ ୫ ଜଣ ମହିଳା ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ହାଇୱେ ପାଟ୍ରୋଲିଂ ୨ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହାତମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ହାଇୱେ ପାଟ୍ରୋଲିଂ ୧ ଗାଡ଼ି ମାଧ୍ୟମରେ ଟୋଲ୍ ଗେଟ୍ ନିକଟରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୂଚନା ଅନୁସାରେ ଆହତ ସମସ୍ତ ମହିଳା ଭୂଷଣ୍ଡପୁର ଅଞ୍ଚଳର ପ୍ରଭାତୀ ଭୋଇ (୩୬), ରଞ୍ଜୁ ଭୋଇ (୪୦), ସୁଚିତ୍ରା ଭୋଇ (୨୧), ଗୀତାଞ୍ଜଳି ଭୋଇ (୪୫) ଓ ଗୀତା ଭୋଇ (୪୫) ବୋଲି ଜଣାପଡ଼ିଛି।



ଭୁବନେଶ୍ୱର ବରମୁଣ୍ଡା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରଠାରେ ରାଜ୍ୟସ୍ତରୀୟ ଆଙ୍ଗନ୍ କା ଉତ୍ସବ ଓ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ଫଟୋ-ଦିନଲିପି)

# 'ଆଙ୍ଗନ୍ କା ଉତ୍ସବ'ରେ ମୁଖ୍ୟମନ୍ତ୍ରୀ

- ସୁପୋଷିତ ଓଡ଼ିଶା ପାଇଁ ସରକାର ପ୍ରତିବଦ୍ଧ
- ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଆମ ପ୍ରାଥମିକତା
- ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨୯।୯(ନିପ୍ର):** ରାଜ୍ୟସ୍ତରୀୟ 'ଆଙ୍ଗନ୍ କା ଉତ୍ସବ' ଏବଂ 'ନବମ ରାଷ୍ଟ୍ରୀୟ ପୋଷଣ ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ତୃଣମୂଳ ସ୍ତରରେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଆମର ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ଆଶା ଭଉଣୀମାନଙ୍କୁ ସମ୍ମାନିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉତ୍ସବରେ ଉପସ୍ଥିତ କୁନି କୁନି ଶିଶୁମାନଙ୍କ ସହ ସ୍ନେହଭରା ଭାବବିନିମୟ କରିବା ସହ ସେମାନଙ୍କ ସୃଜନଶୀଳତା ଓ ଉତ୍ସାହକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୋଷଣ ଅଭିଯାନରେ ଆଧାର ଯାଞ୍ଚ କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିବା ଆମ କର୍ମଯୋଗୀ ଭଉଣୀମାନଙ୍କ ନିଷ୍ଠାର ପ୍ରମାଣ। ଶିଶୁର ଜୀବନରେ ପ୍ରଥମ ୧୦୦୦ ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ଏହି ସମୟରେ ପୋଷଣ ଓ ଯତ୍ନ କେବଳ ମାଆ ନୁହେଁ, ବାପା ତଥା ପରିବାରର ସମସ୍ତ ସଦସ୍ୟଙ୍କ ମିଳିତ ସହଭାଗିତାରେ ହିଁ ସୁନିଶ୍ଚିତ ହୋଇପାରିବ। ଆଜିର ଡିଜିଟାଲ୍ ଯୁଗରେ ପିଲାମାନଙ୍କୁ ମୋବାଇଲ୍ ସ୍କ୍ରିନ୍ ଠାରୁ ଦୂରେଇ ଜେଜେବାପା-ଜେଜେମାଙ୍କ ସ୍ନେହଭରା କାହାଣୀ, ଖେଳକୁଦ, ପୁସ୍ତକ ପଠନ ତଥା ସୁଷମ 'ତ୍ରିରଙ୍ଗା ଥାଳି'ର ଆହାର ସହ ଯୋଡ଼ିବା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। 'ପୋଷଣ ଭି ପଢ଼ାଇ ଭି' ଓ 'ସୁଖଦ ଲାଳନ ପାଳନ' ମାଧ୍ୟମରେ ପ୍ରତିଟି ଶିଶୁର ସର୍ବାଙ୍ଗୀନ ବିକାଶ ଆମର ପ୍ରାଥମିକତା। ଆସନ୍ତୁ, ସମସ୍ତେ ମିଳିମିଶି ପ୍ରତିଟି ଶିଶୁକୁ ସୁପୋଷିତ କରି ଏକ ସୁସ୍ଥ, ସୁରକ୍ଷିତ ତଥା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ କରିବା। ଏକ ସୁପୋଷିତ ଓଡ଼ିଶା ପାଇଁ ସରକାର ପ୍ରତିବଦ୍ଧ।

## ମୁକୁଳା ଡ୍ରେନ୍ ନେଲା ଜୀବନ

ଭଦ୍ରକ,୨୯।୯(ନିପ୍ର) : ଭଦ୍ରକ ଟାଉନ ଥାନା ବାଇପାସ ଅଞ୍ଚଳରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ସାଳନ୍ଦୀ କେନାଲ ଡିଭିଜନ ଅଫିସ ପଛ ପଟେ ଯାଇଥିବା ଡ୍ରେନରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅକ୍ଷୟ ପ୍ରଧାନ । ସାଗ ତୋଳିବାକୁ ଯାଇ ସେ ଡ୍ରେନରେ ଖସିପଡ଼ିଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ପାଇନଥିଲେ। ପରେ ମୃତଦେହ ଭାସୁଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

## ସେବା ସଂକଳ୍ପ ଅଭିଯାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୯।୯ : ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବିଜେପି ବିଧାୟକଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୧୧ ଜଣ ମନ୍ତ୍ରୀ, ୫୬ ଜଣ ବିଧାୟକ ଉପସ୍ଥିତ ଥିଲେ । ରାଜ୍ୟ ସଭାପତି ମନମୋହନ ସାମଲ ବୈଠକର ଅଧକ୍ଷତା କରିଥିଲେ।ପ୍ରଧାନମନ୍ତ୍ରୀଙ୍କ ଏକ ମାସବ୍ୟାପି ସେବା ସଂକଳ୍ପ ଅଭିଯାନକୁ ନିଜ ନିଜ ନିର୍ବାଚନ ମଣ୍ଡଳୀରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ବିଧାନସଭା ପାଇଁ ଅଭିଯାନ କାର୍ଯ୍ୟ ହୋଇପାରୁ ନଥିବାରୁ ସେବା ସଂକଳ୍ପ ଅଭିଯାନକୁ ଜୋରଦାର କରିବାକୁ ରାଜ୍ୟ ସଭାପତି ନିର୍ଦ୍ଦେଶ ଦେଇଥିବା ବିଧାୟକମାନେ ବୈଠକ ପରେ କହିଛନ୍ତି । ସେବା ସଂକଳ୍ପ ଅଭିଯାନର ପରବର୍ତ୍ତୀ କାର୍ଯ୍ୟନିର୍ଘଣ୍ଟ ମଧ୍ୟ ପ୍ରସ୍ତୁତ ହୋଇଛି ।

## ଟ୍ରାପରେ ନୀରୁ ଧାଣ୍ଡା ରଚିଲେ ଇତିହାସ: ଜିତିଲେ ସ୍ୱର୍ଣ୍ଣ ପଦକ



ନୂଆଦିଲ୍ଲୀ, ୨୯/୯ : ଭାରତୀୟ ନିଶାନେବାଜ ନୀରୁ ଧାଣ୍ଡା ଏସୀୟ କ୍ରୀଡ଼ା ୨୦୨୬ରେ ମହିଳା ଟ୍ରାପ୍ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ନୀରୁ ଫାଇନାଲରେ ୨୮ଟି ହିଟ୍ର ସ୍କୋର କରି ନୂଆ ଏସୀୟ କ୍ରୀଡ଼ା ରେକର୍ଡ ସ୍ଥାପନ କରିଛନ୍ତି। ଏହା ଏହି ଇଭେଣ୍ଟରେ ଭାରତର ପ୍ରଥମ ପଦକ ଏବଂ ଏସୀୟ କ୍ରୀଡ଼ା ୨୦୨୬ରେ ଭାରତର ପଞ୍ଚମ ସ୍ୱର୍ଣ୍ଣ ପଦକ। ଏଥିସହ ଚଳିତ କ୍ରୀଡ଼ାରେ ଏହା ଭାରତର ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ। ନୀରୁ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରି ଆରମ୍ଭରୁ ହିଁ ନିଜର ଅଗ୍ରଣୀ ବଜାୟ ରଖିଥିଲେ। ସେ ମୋଟ ୨୮ଟି ଟାର୍ଗେଟ୍କୁ ସଠିକ୍ ଭାବେ ଭେଦ କରିଥିଲେ। ଚୀନର ଜଣେ ନିଶାନେବାଜ ୨୬ଟି ହିଟ୍ ସହ ରୌପ୍ୟ ପଦକ ଜିତିଥିବାବେଳେ କୁଏତର ଖେଳାଳି ୨୧ଟି ହିଟ୍ ସହ କାଂସ୍ୟ ପଦକ ହାସଲ କରିଥିଲେ। ନୀରୁଙ୍କ ୨୮ ହିଟ୍ର ସ୍କୋର ମଧ୍ୟ ଏକ ନୂଆ ଏସୀୟ କ୍ରୀଡ଼ା ରେକର୍ଡ। ଏହା ପୂର୍ବରୁ ଏହି ଇଭେଣ୍ଟରେ ୨୪ ହିଟ୍ର ରେକର୍ଡ ଚୀନର ଲିଉ ୱାନ୍-ୟୁଙ୍କ ନାମରେ ଥିଲା। ସେ ଚଳିତ ବର୍ଷ ଜାନୁଆରୀରେ ଏହି ରେକର୍ଡ ସ୍ଥାପନ କରିଥିଲେ। ମହିଳା ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ଏସୀୟ କ୍ରୀଡ଼ାରେ ନୀରୁଙ୍କ ଏହା ପ୍ରଥମ ପଦକ। ଏହା ପୂର୍ବରୁ ମଙ୍ଗଳବାର ନୀରୁ, ଆଶିମା ଅହଲାୱତ ଏବଂ ମନୀଷା କୀରଙ୍କୁ ନେଇ ଗଠିତ ଭାରତୀୟ ଦଳ ମହିଳା ଟ୍ରାପ୍ ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲା। ସେହି ପ୍ରତିଯୋଗିତାରେ ନୀରୁ ବ୍ୟକ୍ତିଗତ ଯୋଗ୍ୟତା ପର୍ଯ୍ୟାୟରେ ୧୧୮ ପଏଣ୍ଟ ହାସଲ କରି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

## ୮ ରେଳ କର୍ମଚାରୀ ସୁରକ୍ଷା ପୁରସ୍କାରରେ ସମ୍ମାନିତ



**ଜଟଣୀ, ୨୯/୯(ନିପ୍ର):** ସୁରକ୍ଷିତ ଓ ସୁଚାରୁ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ନିଜର ନିଷ୍ଠା, ସଜାଗତା ଏବଂ ଅତୁଳନୀୟ ଯୋଗଦାନ ପାଇଁ ଖୋର୍ଦ୍ଧାରୋଡ଼ ମଣ୍ଡଳର ୮ ଜଣ ରେଳ କର୍ମଚାରୀଙ୍କୁ ଖୋର୍ଦ୍ଧାରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମିନାଙ୍କ ସମେତ ମଣ୍ଡଳର ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ। ସମ୍ମାନିତ କର୍ମଚାରୀମାନେ ହେଲେ ନରାଜ ମାର୍ଥାପୁରର ଷ୍ଟେସନ୍ ମାଷ୍ଟର ଶ୍ରୀଧର ସାହୁ, ଏବଂ ଟ୍ରାଫିକ୍ ପଏଣ୍ଟସମ୍ୟାନ୍-ଏ ବୁଲବୁଲ ପରିଡ଼ା, ତାଳଚେର ସି ଆଣ୍ଡ ଡବ୍ଲ୍ୟୁର ଟେକ୍ନିସିଆନ୍ ଗ୍ରେଡ୍-ଓ ଅଭିମନ୍ୟୁ କୁମାର, ଖୋର୍ଦ୍ଧା ରୋଡ଼ର ଲୋକୋ ପାଇଲଟ୍ ପାଣ୍ଡବ ପରିଡ଼ା, ପୁରୀର ସିନିୟର ଆସିଷ୍ଟାଣ୍ଟ ଲୋକୋ ପାଇଲଟ୍ ସନ୍ତୋଷ କୁମାର ମୁଦୁଲି, ପାରାଦୀପର ମାଲବାହୀ ଟ୍ରେନ୍ ଲୋକୋ ପାଇଲଟ୍ ସୁଶାନ୍ତ କୁମାର ବେହେରା ଓ ଅଶୋକ ନାୟକ ଏବଂ ବୁଢ଼ାପଙ୍କର ଟେକ୍ନିସିଆନ୍ ଗ୍ରେଡ୍-ଓ ଦେବାଶିଷ ଦାସ।

## ଏଣିକି ନୂଆ ଖଣ୍ଡପୀଠରେ ହେବ ରାଜ୍ୟସଭା କ୍ରସ ଭୋଟିଂ ମାମଲାର ଶୁଣାଣି

କଟକ, ୨୯/୯ : ହାଇକୋର୍ଟରେ ରାଜ୍ୟସଭା କ୍ରସ ଭୋଟିଂ ମାମଲା ଅନ୍ୟଖଣ୍ଡପୀଠରେ ଶୁଣାଣି କରାଯିବ । ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ପକ୍ଷରୁ ଦାୟର ମାମଲାକୁ ଜଷ୍ଟିସ ଆରକେ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି ହେଉଥିଲା । କିନ୍ତୁ ଏହି ମାମଲାର ଶୁଣାଣି ଅନ୍ୟ ଖଣ୍ଡପୀଠରେ କରିବା ପାଇଁ ଆଜି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ମୁଖ୍ୟ ବିଚାରପତିଙ୍କ ଅନୁମୋଦନ ପରେ ଏହି ମାମଲାର ଅନ୍ୟ ଏକ ଖଣ୍ଡପୀଠରେ ଶୁଣାଣି ହେବ । ଆଜି ଶୁଣାଣି ସମୟରେ ଆଇନଜୀବୀଙ୍କ ମାଧ୍ୟମରେ ମାମଲାର ପ୍ରତିପକ୍ଷ ବିଧାୟିକା ସୁବାସିନୀ ଜେନା ହାଇକୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ । ଆଠ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଛି ବିଜେଡି । ବିଜେଡି ମୁଖ୍ୟ ସଚେତକ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ତରଫରୁ ଏନେଇ ପୃଥକ ୮ଟି ଆବେଦନ କରାଯାଇଛି । ଆଠ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗ ନେଇ ଦାୟର ପୃଥକ ଆବେଦନ ଗୁଡ଼ିକୁ ଖାରଜ କରି ବିଧାନସଭା ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ବିଜୁ ଜନତା ଦଳ ।

## ଏମସିଏଲ୍ରେ ରାଜଭାଷା ପକ୍ଷ ଉଦ୍ଯାପିତ



**ସମ୍ବଲପୁର, ୨୯/୯(ନିପ୍ର):** ମହାନଦୀ କୋଇଲା ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ପକ୍ଷରୁ ସେପ୍ଟେମ୍ବର ୧୪ରୁ ୨୮ ପର୍ଯ୍ୟନ୍ତ ମୁଖ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ରାଜଭାଷା ପକ୍ଷାନ୍ତର-୨୦୨୬ ପାଳିତ ହୋଇଛି। ଏହି ଅବସରରେ ହିନ୍ଦୀ ଭାଷା ଓ ସାହିତ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ସହ ଅଖିଳ ଭାରତୀୟ ହାସ୍ୟ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନ ରାଜଭାଷା ବିଭାଗର ପଦକ୍ଷେପ ଅନୁଯାୟୀ ଆୟୋଜିତ ଏହି ପକ୍ଷାବଧିର ଉଦ୍ଦେଶ୍ୟ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ବୃଦ୍ଧି ସହ ଏହା ପ୍ରତି ସଚେତନତା ସୃଷ୍ଟି କରିବା ଥିଲା। ଏହି ଅବସରରେ କର୍ମଚାରୀ ଏବଂ ବିଦ୍ୟାଳୟ-ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିବନ୍ଧ, କବିତା ଆବୃତ୍ତି, ଅନୁବାଦ, ପ୍ରଫୁଲ୍ଲ ଲେଖା ଓ ହିନ୍ଦୀ ଟାଇପିଂ ଭଳି ପ୍ରତିଯୋଗିତା ହୋଇଥିଲା। ଉଦ୍ଯାପନୀ ଉତ୍ସବରେ ଏମସିଏଲ୍ର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ସମ୍ବିତ ସୌରଭ ନାୟକ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ସେଣ୍ଟ୍ରାଲର ସିଆରପିଏଫ୍ ଡିଆଇଜି ବିଜୟ ଶଙ୍କର ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ନାୟକ ହିନ୍ଦୀକୁ ସୁଗମ ଓ ବ୍ୟାପକ ପ୍ରଭାବଶାଳୀ ଭାଷା ଭାବେ ବର୍ଣ୍ଣନା କରିବା ସହ ରାଜଭାଷାର ପ୍ରଚାରପ୍ରସାର ଓ ସରକାରୀ କାର୍ଯ୍ୟରେ ଏହାର ବ୍ୟବହାର ବୃଦ୍ଧି ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଅକ୍ଟୋବର ୧ରୁ ୧୦ ଯାଏଁ ସେବା ସେତୁ ଅଭିଯାନ

ଭୁବନେଶ୍ୱର, ୨୯/୯(ନିପ୍ର): ସରକାରୀ ସେବା ଓ ଜନକଲ୍ୟାଣମୂଳକ ଯୋଜନାର ସୁବିଧାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜ, ସରଳ ଓ ତ୍ୱରିତ ଭାବେ ପହଂଚାଇବା ଲକ୍ଷ୍ୟରେ ଅକ୍ଟୋବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ 'ସେବା ସେତୁ' ଅଭିଯାନ ଆୟୋଜିତ ହେବ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲୁଥିବା 'ସେବା ସଂକଳ୍ପ' ଅଭିଯାନର ଏହା ଏକ ଅଂଶବିଶେଷ । 'ସେବା ସେତୁ' ମାଧ୍ୟମରେ ଯୋଗ୍ୟ ନାଗରିକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନା ଓ ସେବା ସମ୍ପର୍କରେ ସୂଚନା ପାଇବା ସହ ପଞ୍ଜୀକରଣ, ଆବେଦନ ଓ ଆବଶ୍ୟକ ସହାୟତା ପାଇପାରିବେ ।

## ଶ୍ରୀମନ୍ଦିରରେ ବନକଲାଗି ୪ ଘଣ୍ଟା ଦର୍ଶନ ବନ୍ଦ

ପୁରୀ, ୨୯/୯(ନିପ୍ର): ବୁଧବାର ଆଶ୍ୱିନ ମାସ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ସର୍ବସାଧାରଣ ଦର୍ଶନ ସନ୍ଧ୍ୟା ୬ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ଧରି ବନ୍ଦ ରହିବ । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ଏହି ନୀତି ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଣାଯାଇଛି । ଦତ୍ତ ମହାପାତ୍ର ସେବକ ଏହି ନୀତି ସମ୍ପାଦନ କରିବେ । ମଧ୍ୟାହ୍ନଧୂପ ସରିବା ପରେ ଗର୍ଭଗୃହ ବନ୍ଦ ହୋଇ ଏହି ନୀତି ସମ୍ପାଦନ କରାଯିବ। ଦତ୍ତ ମହାପାତ୍ର ସେବକ ରତ୍ନସିଂହାସନ ଉପରକୁ ଯାଇ ଶ୍ରୀବିଗ୍ରହଙ୍କ ମୁଖଶୃଙ୍ଗାର କରିବେ ।

## ଅଶୋକ ବସା ଡବ୍ଲ୍ୟୁଏଫଇଓର ଆଭ୍ୟନ୍ତରୀଣ ଅଡିଟ୍ କମିଟି ଅଧକ୍ଷ

ଭୁବନେଶ୍ୱର, ୨୯/୯: ବିଶ୍ୱସ୍ତରରେ ଭାରତର ଇଞ୍ଜିନିୟରିଂ ନେତୃତ୍ୱ ପାଇଁ ଏକ ଗୌରବମୟ ସ୍ୱୀକୃତି ସ୍ୱରୂପରେ ଇନ୍ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ର ପୂର୍ବତନ ସଭାପତି ତଥା ପ୍ରତିଷ୍ଠିତ ଓଡ଼ିଆ ଇଞ୍ଜିନିୟର ଅଶୋକ ବସାଙ୍କୁ ୱାର୍ଲ୍ଡ ଫେଡେରେସନ୍ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ (ଡବ୍ଲ୍ୟୁଏଫଇଓ) ର ଆଭ୍ୟନ୍ତରୀଣ ଅଡିଟ୍ କମିଟିର ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି । ଡବ୍ଲ୍ୟୁ.ଏଫ.ଇ.ଓ. ପକ୍ଷରୁ ଏହି ନିଯୁକ୍ତି ୨୮ ସେପ୍ଟେମ୍ବର ୨୦୨୬ରୁ କାର୍ଯ୍ୟକାରୀ ହୋଇଛି ଏବଂ ଏହି କମିଟିର ନିର୍ଦ୍ଧାରିତ କାର୍ଯ୍ୟକାଳ ୨୦୨୭ ମସିହା ଶେଷ ପର୍ଯ୍ୟନ୍ତ ରହିବ । ଡବ୍ଲ୍ୟୁ.ଏଫ.ଇ.ଓ. ପକ୍ଷରୁ ଏହି ଆଭ୍ୟନ୍ତରୀଣ ଅଡିଟ୍ କମିଟି ପ୍ରଥମ ଥର ପାଇଁ ଗଠନ କରାଯାଇଥିବାରୁ ଇଂ. ଅଶୋକ ବସା ଏହାର ପ୍ରଥମ ଅଧକ୍ଷ ହେବାର ଗୌରବ ଅର୍ଜନ କରିଛନ୍ତି ।

## ଏମ୍ଏମ୍ଡିଆର ସଂଶୋଧନ ଆଇନ ରଦ୍ଦ, ଜ୍ଞାନେଶ କୁମାରଙ୍କ ବରଖାସ୍ତ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି



ଭୁବନେଶ୍ୱର, ୨୯/୯(ନିପ୍ର): କେନ୍ଦ୍ର ସରକାରଙ୍କ ଖଣି ଆଇନ ଓ ଏମ୍ଏମ୍ଡିଆର (ସଂଶୋଧନ) ଆଇନ-୨୦୨୬ ରଦ୍ଦ ଦାବିରେ ଆଜି ଭୁବନେଶ୍ୱରରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଆୟୋଜିତ ବିଶାଳ ବିକ୍ଷୋଭ, ପ୍ରତିବାଦ ସଭା ଓ ବିଧାନସଭା ଘେରାଉ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ଶକ୍ତିଶାଳୀ ଜନମତ ପ୍ରକାଶ ପାଇଛି । ଇଣ୍ଡିଆ ବ୍ଲକ୍ର ରାଜ୍ୟସ୍ତରୀୟ ନେତୃବୃନ୍ଦ ବିଜେପି ସରକାର ଉପରେ ତୀବ୍ର ସମାଲୋଚନା କରିଛନ୍ତି। ମାଷ୍ଟର କ୍ୟାଣ୍ଟିନ୍ଠାରୁ ବାହାରିଥିବା ବିଶାଳ ପଟୁଆରରେ ବହୁ ସଂଖ୍ୟାରେ ଶ୍ରମିକ, କୃଷକ, ଯୁବ, ଛାତ୍ର, ମହିଳା, ଆଦିବାସୀ, ଦଳିତ ଓ ସାଧାରଣ ଲୋକ ଯୋଗଦେଇ ମହାତ୍ମା ଗାନ୍ଧୀ ମାର୍ଗରେ ଅନୁଷ୍ଠିତ ବିଶାଳ ଜନଗର୍ଜନ ସମାବେଶରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ମୁଖ୍ୟତଃ ଚାରିଟି ଦାବି ଉପସ୍ଥାପିତ ହୋଇଛି। ପ୍ରଥମତଃ, ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ଅଧିକାର ଉପରେ କେନ୍ଦ୍ରୀୟ ହସ୍ତକ୍ଷେପକୁ ବନ୍ଦ କରି ଏମ୍ଏମ୍ଡିଆର (ସଂଶୋଧନ) ଆଇନ-୨୦୨୬କୁ ସମ୍ପୂର୍ଣ୍ଣ ରଦ୍ଦ କରିବାକୁ ଦାବି କରାଯାଇଛି। ଓଡ଼ିଶାର ଖଣିଜ ସମ୍ପଦ ଓ ସେଥିରୁ ମିଳୁଥିବା ରାଜସ୍ୱ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ନୀତି ବିରୋଧରେ ଇଣ୍ଡିଆ ବ୍ଲକ୍ ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିଛି। ଦ୍ୱିତୀୟତଃ, ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସମ୍ପର୍କିତ ଗୁରୁତର ଅନିୟମିତତା ନେଇ ଉଠିଥିବା ଗମ୍ଭୀର ଅଭିଯୋଗର ପୂର୍ଣ୍ଣ ତଦନ୍ତ ସହିତ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ କରିବାକୁ ଦାବି କରାଯାଇଛି। ନିର୍ବାଚନ ବ୍ୟବସ୍ଥାର ନିରପେକ୍ଷତା, ପାରଦର୍ଶିତା ଓ ଜନବିଶ୍ୱାସ ସୁରକ୍ଷିତ ରଖିବା ପାଇଁ ଏହି ପ୍ରସଙ୍ଗରେ ଉତ୍ତରଦାୟିତ୍ୱ ନିଶ୍ଚିତ କରିବାକୁ ଦାବି ହୋଇଛି। ଜ୍ଞାନେଶ କୁମାରଙ୍କ ବିରୋଧରେ ନିର୍ବାଚନୀ ତାଲିକା ସମ୍ପର୍କିତ ଅଭିଯୋଗକୁ ନେଇ ଜାତୀୟ ସ୍ତରରେ ମଧ୍ୟ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ତୃତୀୟତଃ, ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅରାଜକତା ଓ ଅବ୍ୟବସ୍ଥା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରାଯାଇଛି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା, ଶିକ୍ଷକ ଓ ଆବଶ୍ୟକ ଭିତ୍ତିଭୂମିର ଅଭାବ ଏବଂ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର ପ୍ରତି ସରକାରଙ୍କ ଅବହେଳା ବିରୋଧରେ ଇଣ୍ଡିଆ ବ୍ଲକ୍ ତୀବ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛି। ଚତୁର୍ଥତଃ, ବନ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳର ଲୋକଙ୍କୁ ତୁରନ୍ତ ଓ ପର୍ଯ୍ୟାପ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି।

## କମୁଛି ଜଳ, ବଢୁଛି ଦୁର୍ଦ୍ଦଶା; ୪୯ ରିଲିଫ କ୍ୟାମ୍ପରେ ଅଛନ୍ତି ୧୩,୨୨୧ ଜଣ ଲୋକ



**ଭୁବନେଶ୍ୱର, ୨୯/୯(ନିପ୍ର):** ଗଭୀର ଲଘୁଚାପ ଜନିତ ବର୍ଷା ଓ ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । କିନ୍ତୁ ଲୋକଙ୍କ ଦୁର୍ଦ୍ଦଶା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି । ସ୍ଥାନୀୟ ବନ୍ୟା, ତଳିଆ ଅଞ୍ଚଳରେ ଜଳବନ୍ଦୀ ଓ ଅନ୍ୟାନ୍ୟ ପାଣିପାଗଜନିତ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନକୁ ସତର୍କ କରିଛନ୍ତି ରାଜ୍ୟ ସରକାର । ୧୩,୨୨୧ ଜଣ ପ୍ରଭାବିତଙ୍କୁ ସ୍ଥାନାନ୍ତର କରାଯାଇ ୪୯ଟି ରିଲିଫ କ୍ୟାମ୍ପରେ ରଖାଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର, ନବରଙ୍ଗପୁର, ଯାଜପୁର, ଭଦ୍ରକ, ସମ୍ବଲପୁର, ବରଗଡ଼, କନ୍ଧମାଳ ଏବଂ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଛି । ସମ୍ପୃକ୍ତ ଜିଲ୍ଲା ପ୍ରଶାସନଗୁଡ଼ିକ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି । ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ସତର୍କତାମୂଳକ ସ୍ଥାନାନ୍ତର ଓ ରିଲିଫ୍ ବ୍ୟବସ୍ଥା ଜାରି ରହିଛି । ୧୩,୨୨୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୪୯ଟି ରିଲିଫ କ୍ୟାମ୍ପ ଖୋଲାଯାଇଛି । ଯେଉଁଠାରେ ସ୍ଥାନାନ୍ତରିତ ଲୋକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି ।

**AFFIDAVIT**

I, Manoj Pradhan (formerly known as Manguli Pradhan), S/O- Late Utshab Pradhan, Permanent Resident of Vill-Krushnapur, P.O.- Raypur, P.S.-Jankia, Dist.- Khordha, Odisha, Pin-752020, Present Address- At-Chakpara, P.O.- Madhya Chakpara, P.S.- Liluah, Dist.- Howrah, West Bengal, Pin- 711204, have changed my name from Manguli Pradhan to Manoj Pradhan by virtue of an Affidavit sworn before the Notary Public, Khordha on 28.09.2026.Henceforth, I shall be known and addressed as Manoj Pradhan for all official, legal, and public purposes.

**AFFIDAVIT**

By virtue of an affidavit before The Executive Magistrate Bolagarh on 18/08/2026, sl no. 2661. I Santosh Patra S/O- Shrinibas Patra village-Thanapalli P.O-Mardabadi P.S.-Ranpur Dist-Nayagarh declare that ,in my LIC Policy vide no.589604446,my name has been mentioned as Santosh kumar patra S/O-Birupakshya patra.santosh patra S/O shrinibas patra and santosh kumar patra S/O-Birupakshya patra is one and same person.This fact is true and necessary to the authority concerned.

### ନାମକୁ ମାତ୍ର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ

## ପର୍ଯ୍ୟଟନସ୍ଥଳୀର ବିକାଶକୁ ନେଇ ପ୍ରଶ୍ନ, ମୌଳିକ ସୁବିଧା ଯୋଗାଣ ଦାବି

**ନୟାଗଡ଼, ୨୯/୯(ନିପ୍ର):** ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ନୟାଗଡ଼ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଦୌଡ଼ ପ୍ରତିଯୋଗିତା ସହ ବିଭିନ୍ନ କାର୍ଯ୍ୟକ୍ରମ ହୋଇଛି। ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଓ ଜିଲ୍ଲାପାଳ ମଧୁସ୍ମିତା ରଥ ଦୌଡ଼ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏଥିରେ ୨୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିବା ଦୌଡ଼ ଟ୍ରାଫିକ ଛକ, ପର୍ଯ୍ୟଟନ କାର୍ଯ୍ୟାଳୟ ଦେଇ ନୟାଗଡ଼ ଷ୍ଟାଡିୟମରେ ଶେଷ ହୋଇଥିଲା। ମହିଳା ଓ ପୁରୁଷ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ତେବେ ଜିଲ୍ଲାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ନୟାଗଡ଼ରେ ଧାର୍ମିକ, କଣ୍ଟିଲୋ ନୀଳମାଧବ କ୍ଷେତ୍ର, ବିଶ୍ୱାବସୁ ପୀଠ, ଖଣ୍ଡପଡ଼ା ଗଡ଼, ପଠାଣି ସାମନ୍ତଙ୍କ ଜନ୍ମପୀଠ, ସାତକୋଶିଆ, କୁଆଁରିଆ ମୃଗବିହାର, ତରବାଲୋ ଉଷ୍ଣ ପ୍ରସ୍ରବଣ, ଫତେଗଡ଼ ରାମମନ୍ଦିର, ଓଡ଼ଗାଁ ରଘୁନାଥଜୀଉ ମନ୍ଦିର, ଶରଣକୁଳ ଲଡୁକେଶ୍ୱର ମନ୍ଦିର, ରଣପୁର ମଣିନାଗ ମନ୍ଦିର, ଦଶପଲ୍ଲା ମହାବୀର କ୍ଷେତ୍ର ଓ ଉଦୟପୁର ଦାସିଆ ଅଜା ପାଠାଗାର ଭଳି ସ୍ଥାନର ବିକାଶ ପାଇଁ ଠୋସ ପଦକ୍ଷେପ ନେବାକୁ ଦାବି ହୋଇଛି। କେବଳ ବର୍ଷକୁ ଥରେ ପର୍ଯ୍ୟଟନ ଦିବସ ପାଳନ ନକରି ବର୍ଷସାରା ଯୋଜନାବଦ୍ଧ ଭାବେ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି, ପରିମଳ, ସୁରକ୍ଷା ଓ ପର୍ଯ୍ୟଟକ ସୁବିଧାର ବିକାଶ କରାଗଲେ ଜିଲ୍ଲାର ପର୍ଯ୍ୟଟନ ଅର୍ଥନୀତି ସୁଦୃଢ଼ ହେବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୁଯୋଗ ବଢ଼ିପାରିବ। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ କେତେ ଠୋସ ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ନଜର ରହିଛି।




ଐତିହାସିକ ଓ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଅଭାବ ନଥିଲେ ମଧ୍ୟ ଅନେକ ସ୍ଥାନରେ ରାସ୍ତା, ପାନୀୟ ଜଳ, ଶୌଚାଳୟ, ସଫେଇ, ଆଲୋକୀକରଣ, ବସିବା ସ୍ଥାନ, ସୂଚନା ଫଳକ, ରୋଡ୍ ମ୍ୟାପ୍, ଯାତ୍ରୀନିବାସ ଓ ନିୟମିତ ରକ୍ଷଣାବେକ୍ଷଣ ଭଳି ମୌଳିକ ସୁବିଧାର ଅଭାବ ନେଇ ଅଭିଯୋଗ ରହିଛି।

## ବେଲଗୁଣ୍ଠା ଏନ୍ଏସି ଉପାଧକ୍ଷା ହେଲେ ପ୍ରିୟମ୍ବଦା



**ବେଲଗୁଣ୍ଠା, ୨୯/୯(ନିପ୍ର):** ବେଲଗୁଣ୍ଠା ଏନ୍ଏସି ଉପାଧକ୍ଷା ପଦ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ୪ ନମ୍ବର ୱାର୍ଡ କାଉନସିଲର ପ୍ରିୟମ୍ବଦା ସାମଲ ନିର୍ବାଚିତ ହୋଇଛନ୍ତି। ୧୦ ନମ୍ବର ୱାର୍ଡ କାଉନସିଲର କେ. ସୁଜ୍ୟୋତି ସୁବୁଦ୍ଧି ମଧ୍ୟ ପ୍ରାର୍ଥୀ ହୋଇଥିଲେ। ତେବେ ନିର୍ଦ୍ଧାରିତ ସମୟରେ ପ୍ରସ୍ତାବକଙ୍କ ଦସ୍ତଖତ ନହେବାରୁ ତାଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିଲା। ଫଳରେ ନିର୍ବାଚନ ଅଧିକାରୀ ତାପସ ରାଉତ ପ୍ରିୟମ୍ବଦାଙ୍କୁ ନୂତନ ଉପାଧକ୍ଷା ଘୋଷଣା କରିଥିଲେ।

## ନବନିର୍ବାଚିତ ଉପାଧକ୍ଷା ବିଜେଡିରୁ ନିଲମ୍ବିତ

**ରାୟଗଡ଼ା, ୨୯/୯(ନିପ୍ର):** ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ରାୟଗଡ଼ା ପୌରପରିଷଦ ଅଧକ୍ଷ ମହେଶ ପଟ୍ଟନାୟକ ଏବଂ ୧୬ ନମ୍ବର ୱାର୍ଡ କାଉନସିଲର ଶ୍ରମିତା ପାଢ଼ୀଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଛି । ଆଜି ବିଜେଡି ପକ୍ଷରୁ ଜାରି କାର୍ଯ୍ୟାଳୟ ଆଦେଶରେ ଉଭୟଙ୍କୁ ତୁରନ୍ତ ପ୍ରଭାବରୁ ନିଲମ୍ବନ କରାଯାଇଥିବା ଦର୍ଶାଯାଇଛି । ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ ସ୍ୱାକ୍ଷରରେ ଜାରି ହୋଇଛି ଏହି ଆଦେଶ। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଦେଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ପତ୍ରରେ ଉଲ୍ଲେଖ ରହିଛି। ମହେଶ ପଟ୍ଟନାୟକ ନିଜ ସପକ୍ଷରେ କହିଛନ୍ତି ଯେ ତାଙ୍କର କୌଣସି ଦୋଷ ନାହିଁ । ସେ ବିଜେଡ଼ି ଦଳ ବିରୋଧରେ କୌଣସି କାର୍ଯ୍ୟ କରିନାହାଁନ୍ତି । ଆଜି ରାୟଗଡ଼ା ପୌର ପରିଷଦର ଉପାଧକ୍ଷା ପଦ ପାଇଁ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେଥିରେ ଜଣେ ନିର୍ବାଚିତ ହୋଇଥିଲେ । ମାତ୍ର ଏଥିରେ ତାଙ୍କର କୌଣସି ସମ୍ପୃକ୍ତି ନ ଥିବା ସେ ସଫେଇ ଦେଇଛନ୍ତି ।

**ପୂର୍ବ ତଟ ରେଳପଥ**

(1) ନିଲାମ କ୍ୟାଟଲଗ୍ ନଂ.: MSS-RGDA-PLH-GZ, ତାରିଖ : 24.09.2026

ଲଟ୍ ନଂ.: MSS-RGDA-PLH-GZ-4-26-1

କାର୍ଯ୍ୟର ବିବରଣୀ : ବକ୍ସ କ୍ରିକେଟ୍, ଭଲି ବଲ୍, ବାସ୍କେଟ ବଲ୍ ଓ ରେଳବାଇ ଦ୍ୱାରା ଅନୁମୋଦିତ ଲେଆଉଟ୍ ତଥା ବିଶେଷ ଚୁକ୍ତି ସର୍ତ୍ତାବଳୀରେ ଉଲ୍ଲେଖିତ ଅନ୍ୟାନ୍ୟ ଅନୁମୋଦିତ କ୍ରୀଡ଼ା ନିମନ୍ତେ ଗେମିଙ୍ଗ୍ ଜୋନ ।

ଚୁକ୍ତି ଅବଧି : 05 ବର୍ଷ

ନିଲାମ ଆରମ୍ଭ ତାରିଖ ଓ ସମୟ : 09.10.2026, 1100 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 09.10.2026, 1130 ଘଟିକା ।

(2) ନିଲାମ କ୍ୟାଟଲଗ୍ ନଂ.: MSS-RGDA-BCA-03, ତାରିଖ : 25.09.2026

ଲଟ୍ ନଂ.:MSS-RGDA-RGDA-BCA-3-26-2

କାର୍ଯ୍ୟର ବିବରଣୀ : 03 ବର୍ଷ ଅବଧି ନିମନ୍ତେ ଗାଡ଼ିଗୁଡ଼ିକରେ ବିଜ୍ଞାପନ ଅଧିକାର ସହିତ ପୂର୍ବ ତଟ ରେଳପଥର ରାୟଗଡ଼ା ମଣ୍ଡଳ ଅଧୀନସ୍ଥ ରାୟଗଡ଼ା ରେଳ ଷ୍ଟେସନ (ପ୍ଲାଟଫର୍ମ 01 ରୁ 05)ରେ ଯାତ୍ରୀମାନଙ୍କ ପାଇଁ 02 ବ୍ୟାଟେରୀ ଚାଳିତ ଗାଡ଼ି (Cart)ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ।

ଚୁକ୍ତି ଅବଧି : 03 ବର୍ଷ

ନିଲାମ ଆରମ୍ଭ ତାରିଖ ଓ ସମୟ : 12.10.2026, 1100 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 12.10.2026, 1130 ଘଟିକା ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ ।

ସହାୟକ ବାଣିଜ୍ୟ ପ୍ରବନ୍ଧକ/ ରାୟଗଡ଼ା

PR-467/R/26-27

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ